

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର, ୦୪ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 04 JUNE 2022
Vol.No. 35 ■ No. 146 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


## କାଶ୍ମୀର ସୁରକ୍ଷା ପ୍ରସଙ୍ଗରେ ଦିଲ୍ଲୀରେ ଉଚ୍ଚସ୍ତରୀୟ ବୈଠକ



ଜମ୍ମୁ, ୦୩/୦୬ (ନି.ପ୍ର): ଜମ୍ମୁ-କଶ୍ମୀର ସୁରକ୍ଷା ପ୍ରସଙ୍ଗରେ ଦିଲ୍ଲୀରେ ହୋଇଛି ଉଚ୍ଚସ୍ତରୀୟ ବୈଠକ। ଜମ୍ମୁ ଓ କଶ୍ମୀରରେ ଗଲା କିଛି ଦିନ ଧରି ଲଗାତାର ଭାବେ ବଢ଼ି ଚାଲିଥିବା ଟାର୍ଗେଟ୍ କିଲିଂ ଘଟଣା ଓ ଏହାର ମୁକାବିଲା ଲାଗି ରଣନୀତି ସ୍ଥିର କରିବାକୁ ଗୃହମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଛି। ଅମିତ ଶାହଙ୍କ ନେତୃତ୍ୱରେ ଅନୁଷ୍ଠିତ ଏ ବୈଠକରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ସ୍ଥଳସେନା ମୁଖ୍ୟ ଜେନରାଲ ମନୋଜ ପାଣ୍ଡେ, ଗୃହ ସଚିବ ଅଜୟ କୁମାର ଭାଲା, ମୁଖ୍ୟ ସାମନ୍ତ ଗୋଏଲ, ସିଆରପିଏଫ ଡିଜି କୁଲଦୀପ ସିଂ, ବିଏସଏଫ୍ ମୁଖ୍ୟ ପଙ୍କଜ ସିଂହ, ଜମ୍ମୁ ଓ କାଶ୍ମୀର ଡିଜିପି ଦିଲବାଗ ସିଂ ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ପରେ ସ୍ଥିତି ସମୀକ୍ଷା ଲାଗି ଗୃହମନ୍ତ୍ରୀ ଅମିତ ଶାହ ଖୁବଶୀଘ୍ର ଗ୍ରାଉଣ୍ଡ ଜିରୋକୁ ଯିବେ ବୋଲି ସୂଚନା ମିଳିଛି। ଗଲା ମାସକ ଭିତରେ ଭାରତର ଭୂସ୍ୱର୍ଗ କାଶ୍ମୀର ଅପେକ୍ଷାକୃତ ଅଧିକ ଅଶାନ୍ତ ହୋଇଛି। ପୁଣି ହଠାତ ହିଂସ୍ର ହୋଇଛନ୍ତି, ନୀରବ ଓ ଶାନ୍ତ ଥିବା ଉଗ୍ରବାଦୀ ଗୋଷ୍ଠୀ। ବିଶେଷକରି ହିନ୍ଦୁ, କଶ୍ମୀର ପଣ୍ଡିତ ଓ କଶ୍ମୀର ବାହାରର ଲୋକଙ୍କୁ ଲଗାତର ଟାର୍ଗେଟ୍ କିଲିଂ ହେଉଛି। ଉପତ୍ୟକାରେ ହିଂସାର ଏ ନୂଆ ସିରିଜ୍ ଉପରେ ନଜର ପକାଇଲେ, ମେ ପହିଲାରୁ ଶୁକ୍ରବାର ଯାଏଁ ୯ ଜଣ ଲୋକଙ୍କୁ ହତ୍ୟା କରିଛନ୍ତି ଆତଙ୍କବାଦୀ। ମେ ୧୨ରେ ତହସିଲ ଅଫିସ୍ କର୍ମଚାରୀ ରାହୁଲ ଭଟ୍ଟ, ମେ ୨୫ରେ ଟିଭି ଅଭିନେତ୍ରୀ ଅମ୍ରିନ୍ ଭଟ୍ଟ, ମେ ୩୧– ସ୍କୁଲ ଶିକ୍ଷୟିତ୍ରୀ ରଜନୀ ବାଲା। ଏମାନଙ୍କ ସହ ଅଫ୍ ଡ୍ୟୁଟିରେ ଥିବା ୩ ପୋଲିସ କର୍ମଚାରୀ, ଜଣେ ବ୍ୟବସାୟୀ ଏବଂ କୁଲଗାମରେ ଆତଙ୍କୀଙ୍କ ଶିକାର ପାଲଟିଥିଲେ ଜଣେ ବ୍ୟାଙ୍କ ମ୍ୟାନେଜର ଓ ଜଣେ ବିହାରର ଶ୍ରମିକ। ଯାହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ହେଉଛି।

## ବିଜେଡି ଦଖଲ କଲା ବ୍ରଜରାଜନଗର



ଭୁବନେଶ୍ୱର, ୦୩/୦୬ (ନି.ପ୍ର): ବ୍ରଜରାଜନଗର ଉପନିର୍ବାଚନରେ ବିପୁଳ ବିଜୟ ପରେ ଉତ୍ସବ ମନାଉଛି ବିଜେଡି । ସ୍ୱାମୀ ସ୍ୱର୍ଗତଃ କିଶୋର ମହାନ୍ତିଙ୍କ ଠାରୁ ବହୁ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି ବିଜେଡି ପ୍ରାର୍ଥୀ ଅଳକା ମହାନ୍ତି । ବ୍ରଜରାଜନଗର ମଇଦାନରେ ବହୁ ପଛରେ ପଡିଯାଇଛି ବିରୋଧୀ । ପ୍ରଥମ ରାଉଣ୍ଡ ଗଣନା ଆରମ୍ଭରୁ ବିଜେଡିର ଦବଦବା ଦେଖିବାକୁ ମିଳିଥିଲା, ଶେଷ ରାଉଣ୍ଡ ପର୍ଯ୍ୟନ୍ତ ତାହା ଜାରି ରହିଥିଲା । ବ୍ରଜରାଜନଗର ନିର୍ବାଚନ ଇତିହାସରେ ରେକର୍ଡ ଭୋଟ ବ୍ୟବଧାନରେ ବାଜି ମାରି ନେଇଥିଲେ ଅଳକା ମହାନ୍ତି । ବିଜେଡିର ଅନୁକମ୍ପା କାର୍ଡ ଆଗରେ ଫିକା ପଡିଯାଇଥିଲା ବିରୋଧୀ ଦଳର ରଣନୀତି । ଅଳକା ୯୩ ହଜାର ୯୫୩ ଭୋଟ ପାଇଥିବା ବେଳେ କଂଗ୍ରେସର କିଶୋର ମହାନ୍ତିଙ୍କୁ ମିଳିଛି ୨୭ ହଜାର ୮୩୧ । ଓ ବିଜେପି ପ୍ରାର୍ଥୀ ରାଧାରାଣୀ ପଣ୍ଡାଙ୍କୁ ମିଳିଛି ୨୨ ହଜାର ୬୩୦ ଭୋଟ । ଉଠିଲା କଂଗ୍ରେସ, ଖସିଲା ବିଜେପି । ତୃତୀୟ ସ୍ଥାନରୁ ଦ୍ୱିତୀୟକୁ ଗଲା କଂଗ୍ରେସ । ସମସ୍ତ ବିରୋଧୀ ଦଳ ସେତିକି ଭୋଟ ପାଇବାରେ ସକ୍ଷମ ହୋଇଛନ୍ତି, ତାହା ଠାରୁ ଅଧିକ ରହିଛି ଶାସକ ଦଳର ଭୋଟ । ବିଜେଡି ୬୧.୨୫ ପ୍ରତିଶତ ଭୋଟ ପାଇଥିବା ବେଳେ କଂଗ୍ରେସକୁ ମିଳିଛି ୧୮.୧୪ ପ୍ରତିଶତ ଏବଂ ବିଜେପି ମାତ୍ର ୧୪.୭୫ ପ୍ରତିଶତ ଭୋଟ ପାଇ ତୃତୀୟ ସ୍ଥାନକୁ ଖସି ଆସିଛି । ବ୍ରଜରାଜନଗର ଉପନିର୍ବାଚନରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିବା ଏକ ନୂଆ ବାର୍ତ୍ତା ଦେଇଛି । କଂଗ୍ରେସ ଦ୍ୱିତୀୟ ସ୍ଥାନକୁ ଉଠିଥିବା ବେଳେ ତୃତୀୟ ସ୍ଥାନକୁ ଖସି ଆସିଛି ବିଜେପି । ମାତ୍ର ୨ ବର୍ଷ ଭିତରେ ବଦଳି ଯାଇଛି ବ୍ରଜରାଜନଗର ରାଜନୀତିର ଦୃଶ୍ୟପଟ । ଗତ ଦୁଇ ନିର୍ବାଚନର ଫଳାଫଳ ଉପରେ ନଜର ପକାନ୍ତୁ । ଏ ହେଉଛି ୨୦୧୯ ଓ ୨୦୨୨ ନିର୍ବାଚନର ଫଳାଫଳ । ୨୦୧୯ରେ ବିଜେପି ୬୮ ହଜାରରୁ ଅଧିକ ଭୋଟ ପାଇଥିଲା, ବିଜେଡି ଠାରୁ ମାତ୍ର ୧୨ ହଜାର ଭୋଟ କମ୍ ପାଇଥିଲା । ପ୍ରାର୍ଥୀ ଥିଲେ ସେହି ରାଧାରାଣୀ ପଣ୍ଡା । ୨୦୧୯ରେ କଂଗ୍ରେସ

▶▶ପୃଷ୍ଠା ୭

## ଅର୍ଥତତ୍ତ୍ୱ ଚିଟଫଣ୍ଡ ମାମଲାରେ ପ୍ରଭାତ ତ୍ରିପାଠୀଙ୍କୁ ଇଡିର ମାରାଥନ୍ ଜେରା

ଭୁବନେଶ୍ୱର, ୦୩/୦୬ (ନି.ପ୍ର): ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଶୁକ୍ରବାର ଦିନ ପ୍ରବର୍ତନ ନିର୍ଦ୍ଦେଶାଳୟ ସମ୍ମୁଖରେ ହାଜର ହୋଇଛନ୍ତି। ଅର୍ଥତତ୍ତ୍ୱ ଚିଟଫଣ୍ଡ ଠକେଇ ମାମଲାରେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କୁ 'ଇଡି' ଆଜି ମାରାଥନ ଜେରା କରିଛି। ଦୀର୍ଘ ୯ଘଂଟାରୁ ଅଧିକ ସମୟ ଜେରା ପରେ ପ୍ରଭାତ ବାହାରିଛନ୍ତି। ସିବିଆଇରେ ଥିବା ମାମଲା ଉପରେ ମୋତେ ଡାକିଥିଲେ ବୋଲି ପ୍ରଭାତ କହିଛନ୍ତି। ମୋର ଆକାଉଂଟ ଷ୍ଟେଟମେଂଟକୁ ଚେକ୍ କରିବାକୁ ଡାକିଥିଲେ। ସୂଚନାଯୋଗ୍ୟ ଯେ ଅର୍ଥତତ୍ତ୍ୱ ଗ୍ରୁପକୁ ଅହେତୁକ ଅନୁକମ୍ପା ଦେଖାଇଥିବା ଓ ୪୨ ଲକ୍ଷ ଟଙ୍କା କାରବାର ହୋଇଥିବା ଅଭିଯୋଗରେ ୨୦୧୪ ଅକ୍ଟୋବର ୩୧ରେ ଗିରଫ ହୋଇଥିଲେ ପ୍ରଭାତ ଓ ୨୦୧୫ ମାର୍ଚ୍ଚରେ ଜାମିନ ପାଇଥିଲେ। ୨୦୧୯ରେ ଇଡିରେ ହାଜର ହୋଇଥିଲେ। ପୁଣି ଆଜି ଅର୍ଥ ତତ୍ତ୍ୱ ଚିଟ୍ ଫଣ୍ଡ ମାମଲାରେ ତାଙ୍କୁ ଇଡିରେ ହାଜର ହେବାକୁ ନୋଟିସ ହୋଇଥିଲା । ଏହି ନୋଟିସ ଆଧାରରେ ସେ ଇଡିରେ ହାଜର ହୋଇଥିବା ଜଣାପଡିଛି ।

## ବ୍ରାଉନସୁଗର ଜବତ ଜଣେ ଗିରଫ

ଖୋର୍ଦ୍ଧା,୦୩/୦୬ (ନି.ପ୍ର): ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ବ୍ରାଉନସୁଗର କାରବାର ଅଭିଯୋଗରେ ଜଣକୁ ଗିରଫ କରିବା ସହିତ ତାଠାରୁ ୧୦ଗ୍ରାମ ବ୍ରାଉନସୁଗର ଓ ୨୮୫୪୦ଟଙ୍କା ଜବତ କରିଛି।ଗିରଫ ଜଣକ ହେଲା କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ନୂଆଗାଁର କୃଷ୍ଣ ଧଳ ।ପୋଲିସ ସୂଚନା ଅନୁଯାୟୀ ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ସ୍ୱପ୍ନେଶ୍ୱର ସାହିରେ(ଜବରଦସ୍ତ ପୁର) କୃଷ୍ଣ ବ୍ରାଉନସୁଗର କାରବାର କରୁଥିବା ନେଇ ବିଶେଷ ସୂତ୍ରରୁ ଖୋର୍ଦ୍ଧା ଟାଉନ ଥାନା ପୋଲିସ ଖବର ପାଇ ଚଢ଼ାଉ କରିଥିଲେ।

## ନ୍ୟାସନାଲ ହେରାଲ୍ଡ ମାମଲା : ୮ ତାରିଖରେ ସୋନିଆ ଓ ୧୩ ତାରିଖରେ ରାହୁଲ ଗାନ୍ଧୀଙ୍କୁ ହାଜର ପାଇଁ ନୋଟିସ



ନୂଆଦିଲ୍ଲୀ, ୦୨/୦୬ : କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଓ ସାଂସଦ ରାହୁଲ ଗାନ୍ଧୀଙ୍କ ପାଇଁ ବଢ଼ୁଛି ଅଡୁଆ । ନ୍ୟାସନାଲ ହେରାଲ୍ଡ ମାମଲାରେ ସୋନିଆ ଗାନ୍ଧୀଙ୍କୁ ଜୁନ ୮ ତାରିଖରେ ହାଜର ହେବାକୁ ଇଡି ନୋଟିସ କରିଥିବା ବେଳେ ୧୩ ତାରିଖରେ ହାଜର ହେବାକୁ ରାହୁଲ ଗାନ୍ଧୀଙ୍କୁ ନୋଟିସ କରାଯାଇଛି । ରାହୁଲଙ୍କୁ ଇଡିର ଏହା ଦ୍ୱିତୀୟ ନୋଟିସ । ପ୍ରଥମ ନୋଟିସରେ ଗୁରୁବାର ଅର୍ଥାତ ୨ ତାରିଖରେ ଇଡିରେ ହାଜର ହେବାକୁ ନୋଟିସ କରାଯାଇଥିଲା । ହେଲେ ରାହୁଲ ଗାନ୍ଧୀ ବିଦେଶ ଗସ୍ତରେ ଥିବାରୁ ସେ ଏହି ତାରିଖକୁ ପରିବର୍ତ୍ତନ କରିବାକୁ ଇଡି ନିକଟକୁ ଏକ ଆବେଦନପତ୍ର ପଠାଇଥିଲେ । ରାହୁଲଙ୍କ ଆବେଦନକୁ ସ୍ୱିକାର କରି ଇଡି ଏହାକୁ ୧୩ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି । ଏହା ପୂର୍ବରୁ ନ୍ୟାସନାଲ ହେରାଲ୍ଡ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କଂଗ୍ରେସର ଅନ୍ତରୀଣ ଅଧକ୍ଷା ସୋନିଆ ଗାନ୍ଧୀ ଓ ସାଂସଦ ରାହୁଲ ଗାନ୍ଧୀଙ୍କୁ ଜୁନ ୧ ତାରିଖରେ ନୋଟିସ କରିଥିଲା । ହେଲେ ଏବେ ସୋନିଆ ଗାନ୍ଧୀ କରୋନା ସଂକ୍ରମିତ ହୋଇଥିବାରୁ ୮ ତାରିଖରେ ଇଡିରେ ହାଜର ହେବାକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ହେଲେ କଂଗ୍ରେସ ନେତାମାନେ କହିଛନ୍ତି କି କୌଣସି ପରିସ୍ଥିତିରେ ବି ସୋନିଆ ଗାନ୍ଧୀ ଇଡିର ନୋଟିସ ମୁତାବକ ହାଜର ହେବେ । ଜାତୀୟ ଗଣମାଧମର ସୂଚନା ମୁତାବକ ନ୍ୟାସନାଲ ହେରାଲ୍ଡ ମାମଲାରେ ଅର୍ଥ ହେରଫେର ହୋଇଥିବା ସନ୍ଦେହ କରି ଇଡି ଉଭୟ ସୋନିଆ ଓ ରାହୁଲଙ୍କ ବୟାନ ରେକର୍ଡ କରିବାକୁ ଚାହୁଁଛି ।

## ୫ ଦିନ ଯାଏଁ କାଳବୈଶାଖୀ ସମ୍ଭାବନା



ଭୁବନେଶ୍ୱର, ୦୩/୦୬ (ନି.ପ୍ର): ସଂପ୍ରତି ପଶ୍ଚିମ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମ ଲହରୀ ଜାରି ରହିଥିବା ବେଳେ ଉପକୂଳ ଓଡ଼ିଶାରେ ଅସହ୍ୟ ଗୁଳୁଗୁଳି ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଲାଣି। ଏ ପରିସ୍ଥିତିରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘଡଘଡି ବଜ୍ରପାତ ସହ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କେନ୍ଦୁଝର, ମୟୂରଭଂଜ, ଅନୁଗୁଳ, ଢ଼େଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ଗଜପତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ୧୧ ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୪ ରୁ ୫ ତାରିଖ ମଧ୍ୟରେ କୋରାପୁଟ, ରାୟଗଡ଼ା,ଗଜପତି, କନ୍ଧମାଳ , ବୌଦ୍ଧ , ଅନୁଗୁଳ , ମୟୁରଭଂଜ ଓ ବାଲେଶ୍ୱର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଅନ୍ୟପକ୍ଷରେ ଆସନ୍ତା ୪ରୁ ୫ ଦିନ ମଧ୍ୟରେ ଓଡ଼ିଶାର ଜିଲ୍ଲାଗୁଡ଼ିକର ଅନେକ ସ୍ଥାନରେ ସର୍ବାଧିକ ତାପମାତ୍ରାରେ କୌଣସି ବଡ଼ ଧରଣର ପରିବର୍ତନ ହେବାର ସମ୍ଭାବନା ନାହିଁ।

## ବର୍ଷାଙ୍କୁ ପ୍ରଥମ ମାସର ୩୦ ହଜାର ଟଙ୍କା ଦେଲେ ଅନୁଭବ



ଭୁବନେଶ୍ୱର, ୦୩/୦୬ (ନି.ପ୍ର): ସାଂସଦ ଅନୁଭବ ମହାନ୍ତି- ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ପାରିବାରିକ ବିବାଦ ମାମଲାରେ କଟକ ଏସଡିଜେଏମ କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ପତ୍ନୀ ବର୍ଷାଙ୍କୁ ବିକଳ୍ପ ରହଣି ପାଇଁ ପ୍ରଥମ ମାସର ୩୦ ହଜାର ଟଙ୍କା ଦେଇଛନ୍ତି ଅନୁଭବ । ସେ ଏହି ଟଙ୍କାକୁ ବର୍ଷାଙ୍କ ଆକାଉଂଟରେ ଡିପୋଜିଟ୍ କରିଛନ୍ତି । ଏ ବାବଦରେ ମଧ ସେ କୋର୍ଟଙ୍କୁ ଜଣାଇଥିବା କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ସାଂସଦ ଅନୁଭବ ମହାନ୍ତି- ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ପାରିବାରିକ ବିବାଦ ମାମଲାରେ ଅନୁଭବଙ୍କ ଆବେଦନକୁ

▶▶ପୃଷ୍ଠା ୭

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ : ରାଜ୍ୟ ସରକାରଙ୍କ ବିଜୟ



ନୂଆଦିଲ୍ଲୀ, ୦୨/୦୬ : ପୁରୀ ପରିକ୍ରମା ପ୍ରକଳ୍ପ ନେଇ ସୁପ୍ରିମକୋର୍ଟଙ୍କ ଫୈସଲା ଆସିଛି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ହୋଇଥିବା ଦୁଇଟି ଆବେଦନକୁ ରଦ୍ଦ କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ଏହାସହ ସୁପ୍ରିମକୋର୍ଟରେ ଓଡ଼ିଶା ସରକାରଙ୍କ ବିଜୟ ହୋଇଛି । ଏସଏଲପିକୁ ଖାରଜ କରିଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ମାମଲାକୁ ଖାରଜ କରିଦେବା ସହ ଦୁଇ ଆବେଦନକାରୀଙ୍କୁ ଜରିମାନା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । କୋର୍ଟଙ୍କ ସମୟ ନଷ୍ଟ କରିଥିବାରୁ ଲକ୍ଷେ ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ଏହା ସହ ନିଜସ୍ୱ ପ୍ରଚାର ପାଇଁ କୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହୋଇଥିବା କୋର୍ଟ କହିଛନ୍ତି । ତେବେ ଉନ୍ନୟନମୂଳକ କାମକୁ ଉଦ୍ଦେଶ୍ୟମୂଳକ ଭାବେ ରୋକଯାଉଥିବା କୋର୍ଟ ନିଜ ରାୟରେ କହିଛନ୍ତି । ଗତକାଲି ସବୁ ପକ୍ଷକୁ ଶୁଣିବା ପରେ ଦୁଇ ଜଣିଆ ଖଣ୍ଡପୀଠ ରାୟ ସଂରକ୍ଷିତ ରଖିଥିଲେ । ବେଆଇନ ନିର୍ମାଣ ଓ ଖନନ ହୋଇଥିବା ଅଭିଯୋଗ ହୋଇଥିଲା । ୨ଜଣ ବ୍ୟକ୍ତି ସୁପ୍ରିମକୋର୍ଟରେ ସ୍ୱତନ୍ତ୍ର ଲିଭ୍ ପିଟିସନ ଦାୟର କରିଥିଲେ । ତେବେ ରହିତାଦେଶ ଏଡାଇବାକୁ ସରକାର କ୍ୟାଭିଏଟ୍ କରିଥିଲେ । ଏବେ ସୁପ୍ରିମକୋର୍ଟଙ୍କ ସବୁଜ ସଙ୍କେତ ପରେ ଜାରି ରହିବ ପରିକ୍ରମା ପ୍ରକଳ୍ପର ନିର୍ମାଣ କାମ । ଭକ୍ତଙ୍କ ସୁବିଧା ପାଇଁ ନିର୍ମାଣ କାମ ହେଉଥିବା ସୁପ୍ରିମକୋର୍ଟରେ ଦର୍ଶାଇଥିଲେ ଓଡ଼ିଶା ସରକାର । ଶୌଚାଳୟ, ପ୍ରତୀକ୍ଷା କେନ୍ଦ୍ର, ଇଲେକ୍ଟ୍ରିକ ଓ କ୍ଲକ ରୁମ ନିର୍ମାଣ ହେଉଥିବା କହିଥିଲେ । ଏନଏମଏରୁ ଏନଓସି ଅଣାଯାଇଥିବା ଯୁକ୍ତି ରଖିଥିଲେ ସରକାର । ସୁପ୍ରିମକୋର୍ଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତି ରଖିଥିଲେ ଆଡଭୋକେଟ

▶▶ପୃଷ୍ଠା ୭

## ଗଣତନ୍ତ୍ରରେ ଜନତାଙ୍କ ରାୟକୁ ସମ୍ମାନ ଜଣାଉଛି : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୦୩/୦୬ (ନି.ପ୍ର): ବ୍ରଜରାଜନଗର ଉପନିର୍ବାଚନ ଫଳାଫଳ ପରେ ଗଣତନ୍ତ୍ରରେ ଜନତାଙ୍କ ରାୟକୁ ସମ୍ମାନ ଜଣାଉଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହାସହ ବିଜୟୀ ବିଜେଡି ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀ ଟୁଇଟ୍ କରିଛନ୍ତିଯେ ବ୍ରଜରାଜନଗର ବିଧାନସଭା ଉପନିର୍ବାଚନର ଫଳାଫଳକୁ ସ୍ୱୀକାର କରିବା ସହ ଗଣତନ୍ତ୍ରରେ ଜନତାଙ୍କ ରାୟକୁ ସମ୍ମାନ ଜଣାଉଛି । ଆଗାମୀ ଦିନରେ ସଂଗଠନକୁ ସୁଦୃଢ଼ କରାଯିବା ସହ ଜନକଲ୍ୟାଣ ଓ ଲୋକସମ୍ପର୍କ ମାଧ୍ୟମରେ ଲୋକଙ୍କ ଆସ୍ଥାଭାଜନ ହେବା ପାଇଁ ଚେଷ୍ଟା କରିବୁ । ସେହିପରି ଉପନିର୍ବାଚନରେ ଆମ ଦଳର କାର୍ଯ୍ୟକର୍ତ୍ତାଙ୍କ ପରିଶ୍ରମ ପାଇଁ ଧନ୍ୟବାଦ ।

## ୨ ଜଣ ସ୍ୱାଇନ୍ ଫ୍ଲୁ ରୋଗୀ ଚିହ୍ନଟ



ଭୁବନେଶ୍ୱର, ୦୩/୦୬ (ନି.ପ୍ର): ରାଜ୍ୟରେ ୨ଜଣ ସ୍ୱାଇନ୍ ଫ୍ଲୁ ରୋଗୀ ଚିହ୍ନଟ ହୋଇଛନ୍ତି। ଦୁଇ ଜଣଙ୍କ ରକ୍ତ ନମୁନା ଏଚ୧ଏନ୧ ପଜିଟିଭ୍ ଆସିଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ପୁରୁଷ ଓ ଜଣେ ମହିଳା ଅଛନ୍ତି। ସେମାନଙ୍କ ବୟସ ଯଥାକ୍ରମେ ୩୮ ଓ ୨୮ ବର୍ଷ। ଉଭୟେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ଆକ୍ରାନ୍ତଙ୍କର କୌଣସି ଟ୍ରାଭେଲ ହିଷ୍ଟ୍ରି ନାହିଁ। ସାଧାରଣତଃ ପ୍ରାକ୍ ମୌସୁମୀ ଋତୁ ଓ ଶୀତ ଦିନେ ସ୍ୱାଇନ୍ ଫ୍ଲୁ ରୋଗ ଦେଖାଯାଏ। ଏହି ସମୟରେ ସ୍ୱାଇନ୍ ଫ୍ଲୁ ହୋଇଥାଏ । ଜ୍ୱର, ଥଣ୍ଡା, କାଶ ଓ ଛିଙ୍କ ଅଧିକ ଦିନ ଲାଗି ରହିବା ସ୍ୱାଇନ୍ ଫ୍ଲୁ ଲକ୍ଷଣ। ଯଦି ଏହି ଲକ୍ଷଣ ଦେଖାଯାଏ, ସେମାନେ ଆଇସୋଲେସନରେ ରୁହନ୍ତୁ। ଭୟଭୀତ ହୁଅନ୍ତୁ ନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

## ତୁମ ଇଚ୍ଛା ବିନା ପତ୍ରଟେ ହଲେନି : ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୦୩ ଜୁନ- ଓଡ଼ିଶା ସରକାରଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଚାଲେଞ୍ଜ୍ କରି ଦାଏର କରାଯାଇଥିବା ଦୁଇଟି ପିଟିସନକୁ ସୁପ୍ରିମ୍ କୋର୍ଟ ରଦ୍ଦ କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ନିଜର ଟୁଇଟରରେ ଲେଖିଛନ୍ତି,' ତୁମ ଇଚ୍ଛା ବିନା ପତ୍ରଟେ ହଲେନି ଆହେ ଜଗନ୍ନାଥ। ଜୟ ଜଗନ୍ନାଥ।' ଏହି ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରେ ସୁପ୍ରିମକୋର୍ଟରେ ମାମଲା ଲଢ଼ୁଥିବା ଆଡଭୋକେଟ ପିନାକୀ ମିଶ୍ର କହିଛନ୍ତି, ସର୍ବୋଚ୍ଚ କୋର୍ଟଙ୍କ କଣ୍ଠରେ ମହାପ୍ରଭୁଙ୍କ ବାଣୀ ବସିଛି । ପୁରୀକୁ ବିଶ୍ୱ ଐତିହ୍ୟ ସ୍ଥଳ ଭାବେ ଗଢ଼ିବାକୁ

▶▶ପୃଷ୍ଠା ୭

## ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ସୁଲତା, ମାନସ ଓ ସସ୍ମିତ

ଭୁବନେଶ୍ୱର, ୦୨/୦୬ (ନି.ପ୍ର): ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ୩ ବିଜେଡି ପ୍ରାର୍ଥୀ। ବିଜେଡି ପ୍ରାର୍ଥୀ ସୁଲତା ଦେଓ, ମାନସ ମଙ୍ଗରାଜ, ସସ୍ମିତ ପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ରାଜ୍ୟସଭା ପାଇଁ ବିରୋଧୀଙ୍କ ପାଖରେ ଆବଶ୍ୟକ ସଂଖ୍ୟା ନଥିବାରୁ ବିଜେପି କିମ୍ବା କଂଗ୍ରେସ କେହି ପ୍ରାର୍ଥୀ ଦେଇନଥିଲେ। ତେଣୁ ରିଟର୍ଣ୍ଣିଂ ଅଫିସର ତିନି ଜଣଙ୍କୁ ନିର୍ଦ୍ୱନ୍ଦ୍ୱରେ ବିଜୟୀଙ୍କୁ ଘୋଷଣା କରିଛନ୍ତି। ବିଜୟୀ ପ୍ରାର୍ଥୀମାନେ ରିଟର୍ଣ୍ଣିଂ ଅଫିସରଙ୍କ ପାଖରୁ ସାର୍ଟିଫିକେଟ ବି ଗ୍ରହଣ କରିଛନ୍ତି। ଆଜି ଦିନ ୧୧ ଟାରୁ ୩ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଅବଧି ରହିଥିଲା। ବିଜୟୀ ପରେ ପ୍ରତିକ୍ରିୟା ଦେଇଛନ୍ତି ନବନିର୍ବାଚିତା ସାସଂଦ ସୁଲତା ଦେଓ। ସେ ଶ୍ରୀ ଜଗନ୍ନାଥଙ୍କ ପାଖରୁ ଆଶୀର୍ବାଦ କାମନା କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କର ରାଜ୍ୟର ସାଢ଼େ ୪ କୋଟି ଓଡ଼ିଆଙ୍କ ପାଇଁ ଯେଉଁ ଦୂରଦୃଷ୍ଟି ରହିଛି ତା ଉପରେ କାମ କରିବୁ। ବିଶେଷକରି ମହିଳା ଶଶକ୍ତିକରଣ ଦିଗରେ କାମ କରିବେ ବୋଲି ସୁଲତା ଦେଓ କହିଛନ୍ତି। ସେହିପରି ସସ୍ମିତ ପାତ୍ର ଆଉଥରେ ସେବା କରିବାକୁ ସୁଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନିକଟରେ କୃତଜ୍ଞତା ଜ୍ଞାପନ କରିବା ସହ ରାଜ୍ୟର ବିଭିନ୍ନ ବିଷୟରେ କାମ କରିବେ ବୋଲି କହିଛନ୍ତି। ଅନ୍ୟପଟେ ବିଜେଡିର ଗଣମାଧ୍ୟମ ପରାମର୍ଶଦାତା ଭାବେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇବା ପରେ ପ୍ରଥମ ଥର ପାଇଁ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି ମାନସ ମଙ୍ଗରାଜ। ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ଓଡ଼ିଶାବାସୀଙ୍କ ସମସ୍ୟାକୁ ସଦନରେ ଉଠାଇବେ ବୋଲି କହିଛନ୍ତି।

## ବିଦ୍ୟୁତ ସର୍ଟସର୍କିଟ, ତିନି ଦିନ ହେଲା ବିଦ୍ୟୁତ ଯୋଗାଣ ବନ୍ଦ

ଗଞ୍ଜାମ,୦୩/୦୬ (ନି.ପ୍ର): ବ୍ରହ୍ମପୁର ମହାନଗର ନିଗମ ୪୨ନମ୍ବର ଓ୍ୱାର୍ଡ ଶରଧାବାଲି ଛଅ ଲାଇନରେ ମଙ୍ଗଳବାର ବିଳମ୍ବିତ ରାତିରେ ବିଦ୍ୟୁତ ସର୍ଟସର୍କିଟ ଯୋଗୁଁ ଖୁଂଟଟି ହୁତୁହୁତୁ ହୋଇ ଜଳିଉଠିଥିଲା। ଫଳରେ ଏ ଅଂଚଳର ଜନସାଧାରଣ ଭୟଭୀତ ହୋଇପଡିଥିଲେ। ତା’ ପରଠାରୁ ଆଜି ମଧ୍ୟାହ୍ନ ଯାଏ ଖବର ଲେଖାଯିବା ସୁଦ୍ଧା ଅଂଚଳକୁ ତିନି ଦିନ ହେଲା ବିଦ୍ୟୁତ ଯୋଗାଣ ବନ୍ଦ ରହିଛି। ଫଳରେ ଏ ଅଂଚଳର ଜନସାଧାରଣ ଅନ୍ଧକାର ମଧ୍ୟରେ ରହିଥିବା ବେଳେ ପ୍ରବଳ ଗ୍ରୀଷ୍ମତାପଜନିତ ଗୁଳୁଗୁଳିରେ ସନ୍ତୁଳି ହେଉଛନ୍ତି । ଅନ୍ୟପକ୍ଷରେ ସମ୍ପୃକ୍ତ ଅଂଚଳକୁ ତୁରନ୍ତ ବିଦ୍ୟୁତ ଯୋଗାଣ କରିବାକୁ ଶରଧାବାଲି ଓ୍ୱେଲଫର ଏସୋସିଏସନ ସମ୍ପାଦକ ସଚ୍ଚିଦାନନ୍ଦ ନାୟକ ବିଦ୍ୟୁତ ଏସଡିଓଙ୍କ ସହ ଏ ସମ୍ପର୍କରେ ଯୋଗାଯୋଗ କରିବାରୁ ତୁରନ୍ତ ମରାମତି କରି ଏ ଅଂଳରେ ପୂର୍ବବତ ବିଦ୍ୟୁତଯୋଗାଣକୁ ସ୍ୱାଭାବିକ୍ କରାଯିବ ବୋଲି ସେ ପ୍ରତିଶୃତି ଦେଇଛନ୍ତି।

## ଗୋ ଚାଲାଣ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଜୟପୁର,୦୩/୦୬ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲ୍ଲାରେ ବେଆଇନ ଭାବେ ଗୋଚାଲାଣ ରୋକ ଲଗାଇବା ପାଇଁ ଜୟପୁର ଉପଜିଲାପାଳ ବେଦବର ପ୍ରଧାନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର ପ୍ରଦାନ କରାଯାଇଛି । ସମାଜ ସେବୀ ବି ହରି ରାଓ ଙ୍କ ନେତୃତ୍ୱରେ କୋରାପୁଟ ଜିଲ୍ଲାର ହିନ୍ଦୁ ଧର୍ମାବଲମ୍ବି ସଦସ୍ୟ ମାନେ ଉପସ୍ଥିତ ରହି ଦାବି ପତ୍ର ପ୍ରଦାନ କରିଥିଲେ । ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଅବିଭକ୍ତ କୋରାପୁଟ ଜିଲାରେ ବେଆଇନ ଭାବରେ ବହୁ ପରିମାଣରେ ଗୋ ଚାଲାଣ ଚାଲିଛି । ଗାଈଗୁଡିଙ୍କୁ ନେଇ ଆନ୍ଧ୍ର ପ୍ରଦେଶରେ ବିକ୍ରି କରାଯାଉଛି । ସେ ଠାରେ ଗୋମାଂସ ବିଦେଶକୁ ରପ୍ତାନି କରାଯାଉଛି। ଏହି ଧର୍ମ ବିରୋଧୀ କାର୍ଯ୍ୟକୁ କିପରି ରୋକାଯାଇ ପାରିବ ଏଥି ପ୍ରତି ପ୍ରଶାସନ ଓ ସରକାର ହସ୍ତକ୍ଷେପ କରି ଗୋ ଚାଲାଣକୁ ରୋକିବା ପାଇ ଦାବୀ କରାଯାଇଛି । ଦାବି ପତ୍ରର ନକଲ ଉପ ଜିଲାପାଳ ଓ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଦାବି ପତ୍ର ପ୍ରଦାନ ସମୟରେ ଦେବେନ୍ଦ୍ର ସାହୁ, ଶିବ ତନ୍ତି, ଖଗପତି ତନ୍ତି, ରମ ମୁଦୁଲି, ମୋହନ କମାର ପ୍ରମୁଖ ଉପସ୍ଥିତ ଥିଲେ ।

## ବିଭିନ୍ନ ଦୋକାନରେ ଚଢାଉ ବେଳେ ୫ ଶିଶୁ ଶ୍ରମିକ ଉଦ୍ଧାର

ଜୟପୁର,୦୩/୦୬ (ନି.ପ୍ର): ଜୟପୁର ସ୍ଥିତ ଜିଲ୍ଲା ଶ୍ରମ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି । ଜିଲ୍ଲାର ବୋରିଗୁମ୍ମା ଓ କୋଟପାଡର ବିଭିନ୍ନ ହୋଟେଲ, ଟିଫିନ ଷ୍ଟଲ, ବେକେରି, ଗ୍ୟାରେଜ ଆଟୋ ମୋବାଇଲ ସପ, ଚିକେନ ସେଂଟର ରେ ମିଳିତ ଚଢାଉ କରାଯାଇଛି । ଜିଲ୍ଲା ଶ୍ରମ ଅଧିକାରୀ ପ୍ରସନ୍ନ କୁମାର ପାଣିଗ୍ରାହୀ ଙ୍କ ତତ୍ୱାବଧାନରେ ଚଢାଉ କରାଯାଇଥିଲା । ଏହି ଚଢାଉରେ ବୋରିଗୁମ୍ମାରୁ ଜଣେ ଏବଂ କୋଟପାଡରୁ ୪ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ଉଦ୍ଧାର ୫ ଶିଶୁ ଶ୍ରମିକ କୁ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି । ଏହି ଚଢାଉରେ ସହକାରୀ ଶ୍ରମ ଅଧିକାରୀ ଚୈତନ୍ୟ ପ୍ରସାଦ ମାଝୀ, ଶ୍ରମ ନିରିକ୍ଷକ ପୁର୍ଣ୍ଣିମା ଡୁରୁକା, ଶିଶୁ ମଙ୍ଗଳ ସମିତିର ସଦସ୍ୟ ଧର୍ମେନ୍ଦ୍ର ଜେନା , ଚାଇଲଡ ଲାଇନର ଗଙ୍ଗେଶ୍ୱର ମିଶ୍ର, ବୋରିଗୁମ୍ମା ଓ କୋଟପାଡ ପୋଲିସ ପ୍ରମୁଖ ଉପସ୍ଥିତ ଥିଲେ ।

## ଜୁନ୍ ମାସ ପାଇଁ କେନ୍ଦୁଝର ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଅଭିଯୋଗ ଶୁଣାଣୀ

କେନ୍ଦୁଝର,୦୩/୦୬ (ନି.ପ୍ର): ୨୦୨୨ ମସିହା ଜୁନ୍ ମାସ ପାଇଁ କେନ୍ଦୁଝର ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ପ୍ରକାଶ ପାଇଛି । ତା ୦୬.୦୬.୨୦୨୨ରିଖ ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାରହଲ୍‌ଠାରେ, ତା ୧୩.୦୬.୨୦୨୨ ରିଖ ସୋମବାର ଦିନ ଚଂପୁଆ ବ୍ଲକ୍ କାର୍ଯ୍ୟାଳୟଠାରେ , ତା ୨୦.୦୬.୨୦୨୨ ରିଖ ସୋମବାର ଦିନ ସାହାରପଡା ବ୍ଲକ୍ କାର୍ଯ୍ୟାଳୟଠାରେ ଏବଂ ତା ୨୭.୦୬..୨୦୨୨ ରିଖ ସୋମବାର ଦିନ ଘସିପୁରା ବ୍ଲକ୍ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି । ଏହି ମିଳିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ସଂପର୍କରେ ବିହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଆଶିଷ ଠାକ୍‌ରେ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏତଦ୍‌ବ୍ୟତୀତ କାର୍ଯ୍ୟସୂଚୀ ଅନୁଯାୟୀ ଅଭିଯୋଗ ଶୁଣାଣୀ ସ୍ଥାନମାନଙ୍କରେ ଚିକିତ୍ସା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରମ, ଜଳସେଚନ, ଉଠାଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଯୋଗାଣ ବିଭାଗ, ଜଳଛାୟା ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଆଶିଷ ଠାକରେ ନିର୍ଦ୍ଦେଶ ଦେଇଛନ୍ତି ।

## ଅଶୀଚାଳନା ପ୍ରତିଯୋଗିତା ପାଇଁ ବଲାଙ୍ଗୀରରେ ତାଲିମ୍ ଶିବିର

ବଲାଙ୍ଗୀର,୦୩/୦୬ (ନି.ପ୍ର): ଆସନ୍ତା ୧୭ ରୁ ୨୦ ତାରିଖ ପର୍ଯ୍ୟନ୍ତ ଯବାହାର ଲାଲ ନେହେରୁ ଇଣ୍ଡୋର ଷ୍ଟାଡିଅମରେ ଆୟୋଜିତ ହେବାକୁ ଯାଉଛି ୩୦ତମ ଜାତୀୟ ଜୁନିଅର(ୟୁ-୨୦) ଅଶୀଚାଳନା ପ୍ରତିଯୋଗିତା। ଏଥିରେ ୨୭ ଟି ରାଜ୍ୟରୁ ଯୋଗଦେବେ ୮୦୦ ଖେଳାଳି। ଏନେଇ ବଲାଙ୍ଗୀର ଜେଏସଏମ କଲେଜରେ ୧ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ହେବ ଜୁନିଅର ଅଶୀଚାଳନା ତାଲିମ ଶିବିର। ଏହି ତାଲିମ ଶିବିରରେ ଯୋଗଦେବେ ରାଜ୍ୟର ବିଭିନ୍ନ ଜ଼ିଲ୍ଲାରୁ ଚୟନ ହେଇଥିବା ଖେଳାଳି। ଏହି ଖେଳାଳିମାନଙ୍କୁ ତାଲିମ ଦେବେ ଅଶୀଚାଲଣା ସଂଘର ଏନଆଇଏସ କୋଚ ସୁକାନ୍ତ ସେଠ୍ ଏବଂ ଶ୍ରୀମତୀ କରିଶ୍ମା ରାଉତ। ଏନେଇ ଆଜି ବଲାଙ୍ଗୀର ଜେଏସ ଏମ କଲେଜରେ ଅନୁଷ୍ଠିତ ହୋଇଥିବା ଜୁନିଅର ତାଲିମ ଶିବିରରେ ମୁଖ୍ୟ ଅତିଥି ଭାବେ ୧୮୯ ବାଟାଲିୟନର କମାଣ୍ଡେଂଟ ପବନ କୁମାର ତିଓ୍ୱାରୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭୀମ ଭୋଇ ମେଡିକାଲ କଲେଜର ଅଧ୍ୟକ୍ଷ ଡ଼କ୍ଟର ମହେନ୍ଦ୍ର କୁମାର ନାୟକ, ରାଜ୍ୟ ଅଶୀଚାଲଣା ସଂଘ ସହ ସମ୍ପାଦକ ସୁମିତ ରଂଜନ ପୁରୋହିତ, ମନୋଜ ମିଶ୍ର, ମନରଞ୍ଜନ ସାହୁ, ସିଏ ଶ୍ରୀକାନ୍ତ ଶର୍ମା, କୋଚ ସୁକାନ୍ତ ସେଠ୍ ନିରେଜ ମିଶ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଧୁମଧାମରେ ମା ନାରାୟଣୀଙ୍କ ସମେତ ପଂଚ ଦେବୀ ପଂଚ ଠାକୁରାଣୀଙ୍କୁ ବିଦାୟୀ : ପୁଣି ଦୁଇ ବର୍ଷକୁ ଅପେକ୍ଷା

କନ୍ଧମାଳ,୦୩/୦୬ (ନି.ପ୍ର): ମାସେ ବ୍ୟାପୀ ବେଶ ଧୁମଧାମରେ ଚାଲିଥିବା ମା’’ନାରାୟଣୀ ଯାତ୍ରା ବୁଧବାର ସରିଲା । ରାତି ୧୨ ଟା ସମୟରେ ମା ଠାକୁରାଣୀ ମନ୍ଦିରରେ ପହଂଚିଥିଲେ । ଗତ ମାସ ୩ ତାରିଖ ଅକ୍ଷୀ ତୃତୀୟା ଦିନ ବିଶାଳ ପଟୁଆରରେ ବ୍ୟାଘ୍ରଦେବୀ, ବରାଳ ଦେବୀ, ବ୍ରାହ୍ମଣୀଦେବୀ, ଗ୍ରାମ୍ୟ ଦେବୀଙ୍କ ସମେତ ମା’’ନାରାୟଣୀଙ୍କୁ ପୂଜାର୍ଚ୍ଚନା କରି ଆଜ୍ଞାମାଳ ନେଇ ଯାତ୍ରା ପଡ଼ିଆକୁ ଅଣାଯାଇଥିଲା । ସେହି ଦିନଠାରୁ ଯାତ୍ରା ଆରମ୍ଭ ହୋଇଥିଲା। ଗୁରୁବାର, ଅମାବାସ୍ୟା, ସଂକ୍ରାନ୍ତି ବ୍ୟତିତ ଅନ୍ୟସବୁ ଦିନ ୫ ଠାକୁରାଣୀନଗର ଭ୍ରମଣ କରି ଭକ୍ତଙ୍କ ଘରକୁ ଯାଇ ଭୋଗ ଖାଇଥିଲେ ହେଲେ ଶେଷଦଶ ଦିନ ନାଚଗୀତ ବାଜା, ଆଲୋକମାଳାରେ ଫାଟି ପଡୁଥିଲା । ସହରର ପ୍ରାୟ ସବୁ ଅଂଚଳରେ ସୁନ୍ଦର ତୋରଣ ସହ ରଙ୍ଗିନ ଆଲୋକମାଳାରେ ସଜ୍ଜା ଯାଇଥିଲା। ତା ସାଙ୍ଗକୁ ମିନା ବଜାରର ମଜା ଉଠାଇଥିଲେ ଦର୍ଶକ । ମାସଟା ଯାକ ନାଚଗୀତ ଡ୍ରାମା ଅପେରା ଚାଲିଥିଲେ ମଧ ପପୁ ପମ ପମ, ହ୍ୟୁମାନ ସାଗର ଆଦି ରାଜ୍ୟର ଅନେକ ନାମୀଦାମୀ କଳାକାରଙ୍କ ଉପସ୍ଥିତ ଓ ପ୍ରଦର୍ଶନ ସମସ୍ତଙ୍କୁ ବିଭୋର କରିଥିଲା । ମଙ୍ଗଳବାର ପଂଚ ଠାକୁରାଣୀଙ୍କ ଶେଷ ନଗରଭ୍ରମଣ ହୋଇଥିବାରୁ ଚାଇନା ମାର୍କେଟ ଠାରୁ ଠାକୁରାଣୀଙ୍କୁ ବିରାଟ ପଟୁଆରରେ ଆବାହନ କରିନେଇ ପୂଜାର୍ଚ୍ଚନା କରିଥିଲେ । ଏହା ଦେଖିବା ଲାଗି ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ଗତକାଲି ଦିନ ବେଳେ ସମସ୍ତ ଠାକୁରାଣୀ ନିଜ ନିଜ ମନ୍ଦିରକୁ ଫେରିଯିବା ପରେ ମା ନାରାୟଣୀ ବିଶାଳ ପଟୁଆରରେ ରାତ୍ରି ଆଠଘଂଟା ପରେ ମନ୍ଦିରକୁ ଫେରିଥିଲେ। ଭକ୍ତମାନଙ୍କୁ ପୁଣି ଆଉ ଦୁଇ ବର୍ଷ ଅପେକ୍ଷା କରିବାକୁ ପଡିବ। ଯାତ୍ରା କମିଟିର ସଭାପତି ତଥା ବିଶିଷ୍ଟ ବ୍ୟବସାୟ ପି. ସୁଧାଂଶୁ ସେନାପତି, ଓ ସଂପାଦକ ଦୁର୍ଗାପ୍ରସାଦ ତ୍ରିପାଠି, ଉପସଭାପତି ସୁଜିତ ବେହେରାଙ୍କ ବଳିଷ୍ଠ ନେତୃତ୍ୱ ଆନ୍ତରିକ ସହଯୋଗ, ଉଦ୍ୟମ ଓ ନିଷ୍ଠା ସାଙ୍ଗକୁ କମିଟି ସଦସ୍ୟ ଓ ଭକ୍ତ ମାନଙ୍କ ଉଦ୍ୟମରେ ଏହି ଯାତ୍ରା ଶାନ୍ତିଶୃଙ୍ଖଳାର ସହ ସଫଳତାର ସହ ସମାପ୍ତି ହୋଇଛି। ସେହିପରି ଶେଷ ଦିନରେ ବି ପୋଲିସ କର୍ମଚାରୀ ଓ ଅଫିସରମାନେ ନିଷ୍ଠା ଓ ଆନ୍ତରିକତାର ସହ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ ।

## ଜୁନ୍ ମାସ ପାଇଁ ବଲାଙ୍ଗିର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଜନଶୁଣାଣି ଧାର୍ଯ୍ୟ

ବଲାଙ୍ଗିର,୦୩/୦୬ (ନି.ପ୍ର): ବଲାଙ୍ଗିର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଅଭିଯୋଗ ଜନ ଶୁଣାଣୀ ଜୁନ ମାସରେ ଧାର୍ଯ୍ୟ କରାଯାଇଛି । ମାସର ପ୍ରଥମ ସୋମବାର ୬ ତାରିଖ ଦିନ ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଭାଗୃହରେ ଜନଶୁଣାଣି ହେବାକୁ ଥିବାବେଳେ ପରବର୍ତ୍ତୀ ସୋମବାର ୧୩ ତାରିଖରେ ସଦର ଉପଖଣ୍ଡ ଗୁଡ଼ଭେଲା ବ୍ଲକ କାର୍ଯ୍ୟାଳୟରେ ହେବ। ତୃତୀୟ ସୋମବାର ୨୦ ତାରିଖ ଦିନ ବେଲପଡା ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜୁନ ୨୭ ତାରିଖ ଦିନ ଚତୁର୍ଥ ଜନଶୁଣାଣି ମୁରିବାହାଲ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏହି ଦିବସ ଗୁଡିକରେ ସମ୍ପୃକ୍ତ ଅଂଚଳର ଜନସାଧାରଣ ସେମାନଙ୍କ ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗ ସମସ୍ୟା ମାନ ଦାଖଲ କରିପାରିବେ। ସମ୍ପୃକ୍ତ ଶୁଣାଣୀ ଗୁଡିକରେ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହିବେ। ଜନସାଧାରଣ ଏହାର ସୁଯୋଗ ନେଇ ନିଜ ନିଜର ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ସମାଧାନର ସୁଯୋଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ବଲାଙ୍ଗିର ମେଡିକାଲରେ ମୁମୂର୍ଷୁ ରୋଗୀଙ୍କୁ ମହିଳା ରକ୍ତ ଦାନ କଲେ

ବଲାଙ୍ଗିର,୦୩/୦୬ (ନି.ପ୍ର): ତୁରେକେଲା ବ୍ଲକ ଜୈନ୍ତରା ଗ୍ରାମର ସଦାଶିବ ପରଭୁଏ (୬୧)ଗତ ୩ ଦିନ ହେଲା ବଲାଙ୍ଗିର ଭୀମ ଭୋଇ ମେଡିକାଲ ହସ୍ ?ପିଟାଲରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ଶରୀରରେ ରକ୍ତ ପରିମାଣ ୫.୪ ଥିବାରୁ ଡାକ୍ତର ତାଙ୍କୁ ବି + ରକ୍ତ ଦେବା ପାଇଁ ପରକ୍ଷମର୍ଶ ଦେଇଥିଲେ । ସଦାଶିବ ପରଭୁଏଙ୍କ ପୁତ୍ର ଅର୍ଜୁନ ପରଭୁଏ ୩ ଦିନ ହେଲା ବୀ+ ରକ୍ତ ପାଇଁ ରକ୍ତ ଭଣ୍ଡାର ତଥା ଅନେକ ସଂଗଠନକୁ ରକ୍ତ ପାଇଁ ସହଯୋଗ ମାଗିଥିଲେ ମଧ ରକ୍ତ ପାଇ ନ ପାରି ନିରୁତ୍ସାହ ହୋଇ ପଡିଥିଲେ । ଶେଷରେ ଆଜି ଜିଲ୍ଲା ଯୁବ କୁଲୁତା ସମାଜ ପାଖକୁ ଏହି ଖବରଟି ପହଂଚିଥିଲା । ଖବର ପାଇବା ମାତ୍ରେ ଜିଲ୍ଲା ଯୁବ କୁଲୁତା ସମାଜ ସକ୍ରିୟ ସଦସ୍ୟକ୍ଷ ଲୋଇସିଂହା ବ୍ଲକ୍ ଦୁର୍ଗକ୍ଷପକ୍ଷଲି ଗ୍ରାମର ପ୍ରମିତା ପ୍ରଧାନ (୫୨ବର୍ଷ ) ଆସି ରକ୍ତଦାନ କରିଥିଲେ । ପ୍ରକାଶ ଥାଉକି ବଲାଙ୍ଗିର ବ୍ଲଡ ବ୍ୟାଙ୍କରେ ବି ପୋଜିଟିଭ୍ ରକ୍ତ ଗଚ୍ଛିତ ନ ଥିବା ବ୍ଲଡ ବ୍ୟାଙ୍କ କର୍ମଚାରୀ ଗଣ କହିଥିଲେ ଯଦ୍ୱାରା ଏହି ରକ୍ତ ର ଆବଶ୍ୟକତା ହେଉଥିବା ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ରକ୍ତଦାନ ସମୟରେ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜର ସଭାପତି ଅସୀମ କୁମାର ଭୋଇ ଓ ବିଶ୍ୱସ୍ମୃତି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଟ୍ରେନରୁ ଖସି ପଡି ବୃଦ୍ଧ ଗୁରୁତର, ମେଡିକାଲରେ ଭର୍ତ୍ତି

ବଲାଙ୍ଗିର,୦୩/୦୬ (ନି.ପ୍ର): ବଲାଙ୍ଗିର ରେଳ ଷ୍ଟେସନ ଠାରେ ଟ୍ରେନରୁ ଖସି ପଡି ଜଣେ ବୃଦ୍ଧ ଗୁରୁତର ଅବସ୍ଥାରେ ବଲାଙ୍ଗିର ମେଡିକାଲରେ ଭର୍ତ୍ତି ହୋଇଥିବା ଖବର ମିଳିଛି । ଗୁରୁତର ବୃଦ୍ଧ ଜଣକ ହେଲେ ବାସୁଦେବ ସା(୬୬) ବୋଲି ଜଣାପଡିଛି । ସୂଚନା ଅନୁସାରେ, ଟିଟିଲାଗଡରୁ ବାସୁଦେବ କୌଣସି ଏକ କାମ ଯୋଗୁଁ ବିଲାସପୁର ପେସେଂଜର ଟ୍ରେନ ଯୋଗେ ଡୁଙ୍ଗୁରିପାଲିକୁ ଯାଉଥିବା ବେଳେ ବଲାଙ୍ଗିର ଟ୍ରେନ ଷ୍ଟେସନ ଠାରେ ଟ୍ରେନଟି ଅଟକିବାରୁ ସେ ଟ୍ରେନ ଷ୍ଟେସନ ଠାରେ ଥିବା ଦୋକାନକୁ ପାଣି କିଣିବାକୁ ଆସି ଟ୍ରେନକୁ ବସିବାକୁ ଯିବା ବେଳେ ଖସି ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଆର୍ପିଏଫ୍ କର୍ମଚାରୀ ମାନେ ଉଦ୍ଧାର କରି ବଲାଙ୍ଗିର ମେଡିକାଲରେ ଭର୍ତ୍ତି କରିଛନ୍ତି । ବାସୁଦେବଙ୍କ ଦୁଇ ଗୋଡରେ ଆଘାତ ଲାଗିଛି ।

## ନିର୍ଶ୍ଚିନ୍ତକୋଇଲି ଅଂଚଳରେ ଚୋରା ବାଲି ସାଙ୍ଗକୁ ମାଟି ବିକ୍ରି ବଢୁଛି : ରାଜସ୍ୱ ସରକାରଙ୍କ ରାଜକୋଷକୁ ଯାଉଛି ତ !

ସାଲେପୁର,୦୩/୦୬ (ନି.ପ୍ର): ସରକାର ରାଜସ୍ୱ ବୃଦ୍ଧି ପାଇଁ ତାଙ୍କ ଅଧିନରେ ଥିବା ବିଭିନ୍ନ ବିଭାଗରୁ ରାଜସ୍ୱ ବୃଦ୍ଧି କରିବା ପାଇଁ ପରାମର୍ଶ ଦେଉଥିଲାବେଳେ ନିର୍ଶ୍ଚିନ୍ତକୋଇଲି ତହସିଲ କର୍ତ୍ତୃପକ୍ଷଙ୍କ ଉଦାସୀନତା ପାଇଁ ସରକାରଙ୍କ ବହୁ ପରିମାଣରେ ରାଜସ୍ୱ କ୍ଷତି ହେଉଥିବା ପରିଲକ୍ଷିତ ହେଇଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଏହି ତହସିଲ ଅଧିନରେ ଥିବା ଆର.ଆଇ ସର୍କଲମାନଙ୍କରେ ଯଥା ଚିତ୍ରୋତ୍ପଳା ଓ ଲୁଣାନଦୀ ଶଯ୍ୟାରୁ ଶହ ଶହ ଟ୍ରିପ୍ ବାଲି ଉଠାଇ ପ୍ରଶାସନକୁ ଠକୁଥିଲା ବେଳେ ଅନୁରୂପ ଇଟା ପକାଉଥିବା ବ୍ୟକ୍ତିମାନେ ମଧ ସରକାରଙ୍କୁ ରାଜସ୍ୱ ଦେଉନଥିବା ଅଭିଯୋଗ ହୋଇଛି । ସେହିପରି ଚିତ୍ରୋତ୍ପଳା ନଦୀର ୦ ଠାରୁ୧୭ କି.ମି. ଦୂର ରାସ୍ତା ଉନ୍ନତିକରଣ ପାଇଁ ସରକାର୧୨ କୋଟି ଟଙ୍କା ଅନଦାନ ଦେଇଛନ୍ତି । ବନ୍ଧ ଉଭୟ ପାର୍ଶ୍ୱର୍ରେ ମାଟି ପକାଇ ଦୋହରୀକରଣ କରାଯାଉଛି । ଦୋହରୀକରଣ କାର୍ଯରେ ପକାଯାଉଥିବା ଶହ ଶହ ଟ୍ରିପ୍ ମାଟି ସ୍ଥାନୀୟ ଅଂଚଳରୁ ଆସୁଥିଲେ ବି ନେମାଳ, ଝାଡେଶ୍ୱରପୁର, ନରେନ୍ଦ୍ରପୁର ଆରଆଇ ସର୍କଲ ଅଧିନରେ ଟଙ୍କାଟିଏ ରାଜସ୍ୱ ଆଦାୟ ହୋଇନଥିବା ଜଣାଯାଇଛି । ଯାହାଫଳରେ କଟକ ଉପଜିଲ୍ଲାପାଳ ପ୍ରତାପ ବେଉରା ଠିକାଦାରଙ୍କ ପାଖରୁ ରୟାଲଟି ଆଦାୟ କରିବା ପାଇଁ ନିର୍ଶ୍ଚିନ୍ତକୋଇଲି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସରକାରଙ୍କ ରାଜସ୍ୱ ବୃଦ୍ଧି ପାଇଁ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ତହସିଲ ସ୍ତରରେ କେତେ ଦୂର କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ବାକି ରହିଛି ।

## ୧୬ ନଂ ଜାତୀୟ ରାଜପଥରେ ପୃଥକ ପୃଥକ ୩ ଦୁର୍ଘଟଣା : ଜଣେ ମୃତ,୫ ଆହତ

ଧର୍ମଶାଳା,୦୩/୦୬ (ନି.ପ୍ର): ଆଜି ଯାଜପୁର ଜିଲା ୧୬ ନଂ ଜାତୀୟ ରାଜପଥ ଧର୍ମଶାଳା ଥାନା ଓ ବଡଚଣା ଥାନା ଅଂଚଳରେ ପୃଥକ ପୃଥକ ସଡକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୫ ଜଣ ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି । ମୃତକୁ ଜଣକ ସ୍ଥାନୀୟ ନେଉଳପୁର ଅଂଚଳର ହୋଇଥିବା ବେଳେ ୪ ଜଣ ମହିଳା ଗୁରୁତର ଆହତ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ମୁତାବକ ଆଜି ମଧ୍ୟାହ୍ନରେ ଯାଜପୁର ଜିଲା ୧୬ ନଂ ଜାତୀୟ ରାଜପଥ ଧର୍ମଶାଳା ଥାନା ଅନ୍ତର୍ଗତ ରଥିଆଛକ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଥିଲା । ଏକ ବାଇକୁ ଅଜଣା ଗାଡି ଧକ୍କା ଦେଇଥିଲା । ତେବେ ଏକ ବୁଲେଟ(ଓଡି୦୪ଏନ୍‌୬୦୦୬)ରେ ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ପଂଚାୟତର ସମିତିସଭ୍ୟା ନିରୂପମା ବାରିକ ତାଙ୍କ ସମ୍ପର୍କୀୟ ପୁରୁତରା ସହ ବ୍ଲକ ପଂଚାୟତ ସ୍ତରୀୟ ପ୍ରଶିକ୍ଷଣ ଶିବିରରୁ ଘରକୁ ଫେରୁଥିବା ସମୟରେ ସେମାନଙ୍କୁ ରଥିଆ ଛକ ନିକଟରେ ଏକ ଅଜଣା ଗାଡି ଧକ୍କା ଦେଇଥିଲା । ଘଟଣାସ୍ଥଳରେ ବୁଲେଟରେ ଥିବା ଦୁହେଁ ଗୁରୁତର ଆହତ ହୋଇଥିଲେ । ଦୁହିଁଙ୍କୁ ପ୍ରଥମେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ନିରୂପମାଙ୍କ ପୁତୁରାଙ୍କୁ ମୃତ ଘୋଷଣା କରିଥିଲେ । ସମିତି ସଭ୍ୟା ନିରୂପମାଙ୍କୁ ସେଠାରୁ କଟକସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିବା ଜଣାପଡିଛି । ଖବର ପାଇ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ମେଡିକାଲରେ ପଂହଚି ଉଚ୍ଚ ଚିକିତ୍ସା ପାଇଁ ମେଡିକାଲ କତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି । ସେହିପରିଭାବେ ୧୬ ନଂ ଜାତୀୟ ରାଜପଥ ଜାରକା ବିଟ୍ ହାଉସ ନିକଟରେ ଏକ ଟ୍ରକ୍ ଧକ୍କାରେ ଜଣେ ମହିଳା ଗୁରୁତର ଆହତ ହୋଇଥିବା ଜଣାପଡିଛି । ସୂଚନା ମୁତାବକ ଆଜି ସକାଳ ସମୟରେ ଏକ ବାଇକରେ ୨ ଜଣ ଆସୁଥିବା ସମୟରେ ଜାରକା ବିଟ୍ ହାଉସ ନିକଟରେ ରାସ୍ତା ପାରି ହେଉଥିବା ସମୟରେ ସେମାନଙ୍କୁ ଏକ ଟ୍ରକ୍ ଧକ୍କା ଦେଇଥିଲା । ଫଳରେ ବାଇକ ପଛରେ ବସିଥିବା ଜଣେ ମହିଳା ଆହତ ହୋଇଥିଲେ । ତାଙ୍କୁ ସଂଗେସଂଗେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ବିଟ୍ ହାଉସ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକଟିକୁ ଜବତ କରି ତଦନ୍ତ ଚଳାଇଛି ।

## ଝାଡ଼ାବାନ୍ତିରେ ୨୫ ଛାତ୍ରୀ ଅସୁସ୍ଥ

ବୌଦ୍ଧ,୦୩/୦୬ (ନି.ପ୍ର): ଝାଡ଼ାବାନ୍ତିରେ ଆଦର୍ଶ ବିଦ୍ୟାଳୟର ୨୫ ଜଣ ଛାତ୍ରୀ ଅସୁସ୍ଥ ହୋଇଛନ୍ତି। ୧୦ ଜଣ ଛାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି । ସୂଚନା ଅନୁଯାୟୀ, ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସ୍ଥିତ ମଣିପୁର ଆଦର୍ଶ ବିଦ୍ୟାଳୟର ୨୫ ଜଣ ଛାତ୍ରୀ ଝାଡ଼ାବାନ୍ତି ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇଛନ୍ତି । ତେବେ ୧୫ ଜଣ ଛାତ୍ରୀଙ୍କୁ ହଷ୍ଟେଲରେ ଚିକିତ୍ସା କରାଯାଇ ସୁସ୍ଥ କରାଯାଇଥିବା ବେଳେ ୧୦ ଛାତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପୁରୁଣାକଟକ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସମସ୍ତ ଛାତ୍ରୀଙ୍କୁ ସାଲାଇନ ଲାଗିଛି । ଗୁରୁତର ଅବସ୍ଥାରେ ଥିବା ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ. ଉଦୟ ନାଥ ମାଝୀ କହିଛନ୍ତି । ହଷ୍ଟେଲରେ ବର୍ତ୍ତମାନ ସମୟରେ ୫୦ ଜଣ ଛାତ୍ରୀ ରହୁଛନ୍ତି । ଗତରାତିରେ ମେନୁ ପ୍ରକାରେ ଚିକେନ ଖାଇବାକୁ ଦିଆ ଯାଇଥିଲା । ଆଜି ସକାଳେ ଜଳଖିଆ ଖାଇବା ପରେ ଛାତ୍ରୀମାନେ ଅସୁସ୍ଥ ହୋଇପଡିଥିଲେ । ଅନ୍ୟ ଛାତ୍ରୀମାନେ ସୁରକ୍ଷିତ ଥିବା ସୂଚନା ମିଳିଛି ।

## ଯୁବତୀକୁ ହତ୍ୟା ପରେ ପଖୋରୀରେ ପିଙ୍ଗିଥିବା ଅଭିଯୋଗ

ଜୟପୁର,୦୩/୦୬ (ନି.ପ୍ର): ଜୟପୁର ସଦର ଥାନାରେ ଜଣେ ଯୁବତୀଙ୍କୁ ହତ୍ୟା ପରେ ମୃତଦେହକୁ ପୋଖରୀରେ ଫିଙ୍ଗାଯାଇଥିବା ଅଭିଯୋଗ ହୋଇଛି। ଯୁବତୀଙ୍କ ମା ପୁଷପୁରି ଗ୍ରାମର ଲକ୍ଷ୍ମୀ ଜାନୀ ଏହି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଗତ ୪ ବର୍ଷ ତଳେ ଆମ୍ବାଗୁଡା ମାର୍କେଟ କୋଲନିର ବୁଲୁ ହରିଜନ ନାମକ ଜଣ ବ୍ୟକ୍ତି ସେ କାଜୁ ମିଲ୍ ରେ କାମ କରୁଥିଲେ । କାଜୁ ମିଲରେ ବୁଲୁ ଗୁମାସ୍ତା ଭାବେ କାର୍ଯ୍ୟ କରୁଥିବା ବେଳେ ନାବାଳିକା (୧୬)କୁ ପ୍ରେମ ଜାଲ ଫସାଇ ସମ୍ପର୍କ ରଖିଥିଲେ । ବୁଲୁ ପୂର୍ବରୁ ବିବାହିତ ହୋଇଥିବା ବେଳେ ୩ଟି ସନ୍ତାନର ଜନକ। ଏହାସତ୍ତ୍ୱେ ବୁଲୁ ସମ୍ପୃକ୍ତ ନାବାଳିକାଙ୍କୁ ବିବାହ କରିଥିଲେ। ତେବେ ଜାତି ଅଲଗା ହୋଇଥିବାରୁ ଯୁବତୀଙ୍କ ମା ନିଜ ଝିଅ ସହିତ ସମ୍ପର୍କ କାଟିଦେଇଥିଲେ । କାଳକ୍ରମେ ବୁଲୁ ଓ ପରିବାର ମିଶି ଝିଅକୁ ବିନା କାରଣରେ ମାରପିଟ କରୁଥିଲେ । ୧୫ ଦିନ ତଳେ ସ୍ୱାମୀ, ପ୍ରଥମ ସ୍ତ୍ରୀ ଓ ଶାଶୁ ମିଶି ଝିଅକୁ ମାରପିଟ ମୁଣ୍ଡ ଫଟାଇ ଦେଇଥିଲେ। ଏ ବିଷୟ ଜାଣି ମା ଲକ୍ଷ୍ମୀ ଜାନୀ ଥାନାରେ ଅଭିଯୋଗ କରିବାକୁ ଝିଅ ପରାମର୍ଶ ଦେଇଥିଲେ । କିନ୍ତୁ ଗତ କାଲି ରାତି ୮ ଟାରେ ପଖୋରୀରୁ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ଏହାକୁ ଆତ୍ମହତ୍ୟାର ରୂପ ଦିଆଯାଇଥିବା ବେଳେ ତାଙ୍କୁ ସ୍ୱାମୀ, ଶାଶୁ ଓ ସଉତୁଣି ମିଶି ହତ୍ୟା କରି ପୋଖରୀରେ ଫିଙ୍ଗି ଦେଇଥିବା ନେଇ ମା ଥାନାରେ ଅଭିଯୋଗ କରିଛନ୍ତି । ଏନେଇ ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି କହିଥିଲେ ଯେ ତାଙ୍କ ଶବ ଗତକାଲି ରାତିରେ ପଖୋରୀରୁ ଉଦ୍ଧାର କରାଯାଇଥିଲା। ଶବ ବ୍ୟବଛେଦ କରାଯାଇଛି । ଏକ ଅପମୃତ୍ୟୁ ମାଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ମୃତ ଯୁବତୀର ପରିବାର ଲୋକେ ହତ୍ୟା କରାଯାଇଥିବା ଅଭିଯୋଗ ଦେଇଛନ୍ତି । ଶବ ବ୍ୟବଛେଦ ରିପୋର୍ଟ ଆସିବା ପରେ ସବୁ କଥା ସ୍ପଷ୍ଟ ହେବ ବୋଲି ସୂଚନା ଦେଇଛନ୍ତି ।

## ବିଶ୍ୱ ମାନବାଧିକାର ସୁରକ୍ଷା ଆୟୋଗ ଦ୍ୱାରା ଜ୍ୟୋତ୍ସ୍ନାଙ୍କୁ ଡକ୍ଟରେଟ୍ ପ୍ରଦାନ

କେନ୍ଦ୍ରାପଡ଼ା,୦୩/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ଜଣାଶୁଣା ସମାଜସେବୀ ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା, ଜିଲ୍ଲା ଯୋଜନା ବୋର୍ଡର ପୂର୍ବତନ ସଦସ୍ୟା ଓ ବରିଷ୍ଠ ସମାଜ ସେବୀ ଜ୍ୟୋତ୍ସ୍ନାରାଣୀ ଜେନାଙ୍କୁ ଆନ୍ତର୍ଜାତିକ ସଂଗଠନ ପକ୍ଷରୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧୀ ପ୍ରଦାନ କରାଯାଇ ଥିବା ଜଣାପଡିଛି । ବିଶ୍ୱ ଜଳବାୟୁ ପରିବର୍ତ୍ତନ ତଥା ମାନବାଧିକାର କାର୍ଯ୍ୟକ୍ରମ ପ୍ରତି ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିବା ଶ୍ରୀମତୀ ଜେନାଙ୍କୁ ବିଶ୍ୱ ମାନବାଧିକାର ସୁରକ୍ଷା ଆୟୋଗ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରେ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧୀ ପ୍ରଦାନ କରାଯାଇଛି। ଜୟଦେବ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗ୍ଲୋବାଲ ଆଲିଆନ୍ସ ଫର କ୍ଲାଇମେଟ୍ ଆକ୍ସନ ର ଭାଇସ ଚେୟାରମ୍ୟାନ ମିଷ୍ଟର ଖ୍ରୀଷ୍ଟିଆନ ଏ.ଜେ ବୋସମ୍ୟାନ ତିବତ ପାଲ୍ୟାମେଣ୍ଟର ଉପ ବାଚସ୍ପତି ଆଚାର୍ଯ୍ୟ ୟେସି ଫୁଣ୍ଟ୍ସଙ୍କ, ଓଡିଶାର ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ, ଜଣାଶୁଣା ଚଳଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଦକ୍ଷିଣ ଆଫ୍ରିକା କମିଶନଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶ ଦାତା ଡ଼ଃ ଶରତ ଚନ୍ଦ୍ର ପ୍ରଧାନ, ନାଲକୋ ର ମାନବ ସମ୍ବଳ ନିର୍ଦ୍ଦେଶକ ଡ଼ଃ ରାଧାଶ୍ୟାମ ମହାପାତ୍ର, ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନର ଉପ ସଭାପତି ଡ଼ଃ ଦେବବ୍ରତ ପାଣିଗ୍ରାହୀ, ପଦ୍ମଶ୍ରୀ ଡ଼ଃ କ୍ରୀଷ୍ଣା ପାଠୀ, ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନର ଜାତୀୟ ସଭାପତି ଡ଼ଃ ଅଭିନ୍ନ ହୋତାଜୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ଏହି କର୍ମଶାଳାରେ ଉପସ୍ଥିତ ଥିଲେ।

## ଭୀମ ଭୋଇ ମେଡିକାଲ କଲେଜ ଓ ଡାକ୍ତରଖାନା ଡାଏଲିସିସ୍ ବିଭାଗରେ ସାଂଘାତିକ ଅବ୍ୟବସ୍ଥା: ୯୦ ରୋଗୀଙ୍କ ପାଇଁ ଜଣେ ଟେକ୍ନିସିଆନ୍

ବଲାଙ୍ଗିର,୦୩/୦୬ (ନି.ପ୍ର): ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ଓ ଡାକ୍ତରଖାନାରେ ଥିବା ଏକ ମାତ୍ର ଡାଏଲିସିସ ସେଣ୍ଟରର ଅବସ୍ଥା ସାଂଘାତିକ ହୋଇପଡିଛି । ଏକ ବେସରକାରୀ ସଂସ୍ଥା ହାତକୁ ଏହି ଅତି ସମ୍ବେଦନଶୀଳ ବିଭାଗକୁ ଟେକି ଦିଆଯାଇଛି । ସେହି ସଂସ୍ଥାର ଅପାରଗତା ଓ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଯୋଗୁଁ ଡାଏଲିସିସ ବିଭାଗକୁ ଜମକୁଣ୍ଡରେ ପରିଣତ କରି ଦିଆଯାଇଛି ବୋଲି ଡାଏଲିସିସ୍ ରୋଗୀମାନେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ, ଭୀମ ଭୋଇ ମେଡିକାଲରେ ଡାଏଲିସିସ୍ ବିଭାଗ ଚଳାଇବାର ସମସ୍ତ ଦାୟିତ୍ୱ ରାହୀ କେଆର ନାମକ ଏକ ଘରୋଇ ସଂସ୍ଥାକୁ ଦିଆଯାଇଛି । କିନ୍ତୁ, ଉକ୍ତ ସଂସ୍ଥା ପକ୍ଷରୁ ୯୦ ଜଣ ଡାଏଲିସିସ୍ ରୋଗୀଙ୍କ ପାଇଁ ମାତ୍ର ଜଣେ ଟେକନିସିଆନ୍‌ଙ୍କୁ ନିଯୁକ୍ତ କରାଯାଇଛି । ତେବେ ସେହି ଟେକନିସିଆନଙ୍କୁ ବାରମ୍ବାର ବଦଳି କରାଯାଇଛି । କିନ୍ତୁ, ଏବେ ଜଣେ ଅନଭିଜ୍ଞ ଟେକନିସିଆନଙ୍କୁ ଆଣି ବିଭାଗରେ ନିୟୋଜିତ କରାଯାଇଛି । ଉକ୍ତ ଟେକନିସିଆନ୍ ଜଣଙ୍କ ଅନଭିଜ୍ଞ ଥିବା ବେଳେ ଅନେକ ଡାଏଲିସିସ୍ ରୋଗୀଙ୍କ ପିସ୍ତୁଲା ସଂଯୋଗ କରି ପାରୁନାହାନ୍ତି ବୋଲି ଅଭିଯୋଗ ହେଉଛି । ଫଳରେ ରୋଗୀମାନଙ୍କ ପ୍ରବଳ ରକ୍ତସ୍ରାବ ହେବା ସହିତ କେତେକଙ୍କ ପିସ୍ତୁଲା ସଂପୂର୍ଣ୍ଣ ନଷ୍ଟ ହୋଇ ଘାତକ ପରିସ୍ଥିତି ସୃଷ୍ଟି ହେଉଛି । ସେହିପରି ଡାଏଲିସିସ୍ ବିଭାଗରେ ୧୦ଟି ମେସିନ ରହିଥିଲା । ସେଥିରୁ ଏବେ ଦୁଇଟି ଅଚଳ ହୋଇ ପଡିଥିବା ବେଳେ କେବଳ ୮ଟି ମେସିନରେ ୮୮ଜଣ ରୋଗୀଙ୍କ ଡାଏଲିସିସ୍ ବୋଝ ପଡୁଛି । ଯଦ୍ୱାରା କିଡନୀ ରୋଗୀଙ୍କ ପାଇଁ ପ୍ରଯୁଜ୍ୟ ସାଢେ ତିନି ଘଂଟାର ଡାଏଲିସିସ୍ ପରିବର୍ତ୍ତେ ରୋଗୀଙ୍କୁ ମାତ୍ର ୨ ଘଂଟା ଡାଏଲିସିସ୍ କରାଯାଉଛି । ଯାହା ରୋଗୀଙ୍କ ପାଇଁ ନିଅଂଟିଆ । ଡାଏଲିସିସ୍ ମେସିନକୁ ନିୟମ ମୁତାବକ ପ୍ରକ୍ରିୟାରେ ସଫା କରାଯାଉନଥିବା ବେଳେ ଏହା ରୋଗୀଙ୍କ ଶରୀରରେ ସଂକ୍ରମଣ ବଢାଉଛି । ବିଭାଗରେ ଲାଗିଥିବା ୫ ଗୋଟି ଏସି ମଧ୍ୟରୁ ୪ ଗୋଟି ଦୀର୍ଘ ଦୁଇ ମାସ ହେବ ବନ୍ଦ ରହିଛି । ଆହୁରି କିଡନୀ ରୋଗୀଙ୍କ ଉଦ୍ଦେଶ୍ୟରେ ସରକାରଙ୍କ ତରଫରୁ ଲୋକାଲ ପର୍ଚେଜ ଫର୍ମ ମାଧମରେ ଦିଆଯାଉଥିବା ମାଗଣା ଔଷଧକୁ ମଧ ଗତ ନଭେମ୍ବର ମାସ ଠାରୁ ବନ୍ଦ କରି ଦିଆଯାଇଛି । ତାଛଡା ବିଭାଗରେ ପିଇବା ପାଣି ଓ ବିଜୁଳି୨୪ ଘଂଟା ଯୋଗା ଯାଇ ପାରୁନାହିଁ । ଡାକ୍ତରଖାନା ତରଫରୁ ହସପିଟାଲ ସୁପରିଟେନଡେଣ୍ଟ ମଧ ପରିଦର୍ଶନକୁ ଆସୁ ନଥିବା ବେଳେ ରୋଗୀଙ୍କ ଆକୁଳ ଅଭିଯୋଗ ଅଶୁଣା ରହୁଛି । ଏ ସବୁ ସମସ୍ୟା ଭୋଗି ଭୋଗି ଗତ ଦେଢ ମାସରେ ୧୦ ଜଣ ରୋଗୀ ପ୍ରାଣ ହରେଇଲେଣି, ତଥାପି ପ୍ରଶାସନ ଓ ବ୍ୟବସ୍ଥାର ଆଖି ଖୋଲିନି । ଯଦି ଯଥାଶିଘ୍ର ଏହି ସମସ୍ୟା ଗୁଡିକର ସମାଧାନ କରାନଯାଏ, ତେବେ ଆମେ ମୁର୍ମୂଷୁ ରୋଗୀମାନେ ଆମର ଜୀବନ ରକ୍ଷା ପାଇଁ ଜିଲ୍ଲାପାଳ ଅଫିସ ଆଗରେ ଧାରଣା ଦେବାକୁ ବାଧ ହେବୁ ବୋଲି ଡାଏଲିସିସ୍ କରାଉଥିବା ରୋଗୀ ସତ୍ୟେନ୍ଦ୍ର ପ୍ରସାଦ ସିଂଦେଓ, ନେତ୍ରାନନ୍ଦ ଶତପଥୀ, ସତ୍ୟକୃଷ୍ଣ ବାରିକ, ମାନସ ରଂଜନ ମିଶ୍ର, ମଧୁମିତା ପୂଝାରୀ, ସାନ ଡାଙ୍ଗ, ପ୍ରଫୁଲ୍ଲ ସାହୁ, ଅଜିତ ପାତ୍ର, ରମେଶ ମିଶ୍ର, ଚକ୍ରଧର ପଣ୍ଡା ଓ ରବିଚନ୍ଦ୍ର ବାରିକ ପ୍ରମୁଖ ଜଣାଇଛନ୍ତି ।

# ବ୍ଲାକ ହୋଲ ଓ ତାର ପ୍ରଭାବ

ପରେଶ ଚନ୍ଦ୍ର ସାହୁ

(ବ୍ଲାକ ହୋଲ ଏକ ନୂତନ ଆବିଷ୍କାର – ଜୋତିଷ ଶାସ୍ତ୍ର ମତରେ ନବଗ୍ରହର ପ୍ରଭାବ ବିଷୟରେ ଆମେ ଜାଣୁ । ବ୍ଲାକହୋଲର ପ୍ରଭାବ କଣ ହୋଇପାରେ ନିଜସ୍ୱ ଅନୁଭୂତି ଓ ପୁରାଣର ତତ୍ୱ ଅନୁସାରେ ଏକ ଅବତାରଣା ମାତ୍ର । ପାଠକଗଣଙ୍କ ଉପରେ ଏହାଲଦି ଦିଆଯାଉ ନାହିଁ । ବିଜ୍ଞାନ ଏପର୍ଯ୍ୟନ୍ତ ନିରବ, ନିଜସ୍ୱ ମତାମତକୁ ଅପେକ୍ଷା କରାଯାଉଅଛି ।)

ବ୍ଲକ ହୋଲ ଦୁଇଟି ଇଂରାଜୀ ଶବ୍ଦ ଯାହାର ଓଡ଼ିଆରେ ଅର୍ଥ କରାହୋଇଛି କୃଷ୍ଣ ଗହ୍ୱର । କୃଷ୍ଣ ଗହ୍ୱର ମହାକାଶ ବିଜ୍ଞାନ ସହିତ ଜଡ଼ିତ ଜୋତିଷ ଶାସ୍ତ୍ର ଅନ୍ତର୍ଭୁକ୍ତ ନୁହେଁ । କାରଣ ଏହା ଏକ ନୂତନ ଆବିଷ୍କାର ଏବଂ ତାର ପ୍ରଭାବ ସମ୍ପର୍କରେ ବିସ୍ତୃତ ଭାବରେ ବର୍ଣ୍ଣନା ଏପର୍ଯ୍ୟନ୍ତ ହୋଇ ନାହିଁ । କିନ୍ତୁ ତାର ସ୍ଥିତି ବିଷୟରେ ଅଷ୍ଟାଦଶ ଶତାବ୍ଦିରେ ଆବିଷ୍କାର ହୋଇଛି ଏବଂ ତାର ସଂଜ୍ଞା ବିଷୟରେ ବର୍ଣ୍ଣନା କରିବାକୁ ଯାଇ ବୈଜ୍ଞାନିକ ମାନେ କୁହନ୍ତି – A black hole is a region of space time where gravity is so strong that nothing – no particles or even electromagnetic radiation such as light can escape from it । ଅର୍ଥାତ ମହାଶୂନ୍ୟରେ ଏହା ଏପରି ଏକ ଅଞ୍ଚଳ ଯାହାର ମାଧ୍ୟାକର୍ଷଣ ଶକ୍ତି ଏତେ ବେଶୀ କୌଣସି ବସ୍ତୁ ଏପରିକି ଆଲୋକ ରଶ୍ମୀ ସେଠାରୁ ଖସି ଯାଇପାରେ ନାହିଁ । ଯାହାର ଅର୍ଥ ଆଲୋକର ପ୍ରତିଫଳନ ଆଶ କରିବା ବୃଥା । ତେବେ ମନରେ ସ୍ୱତଃ ପ୍ରଶ୍ନ ଆସେ ବୈଜ୍ଞାନିକ ମାନେ ତାକୁ କିପରି ଆବିଷ୍କାର କଲେ । ସେମାନେ ଦେଖିଲେ ସେହି ଅଞ୍ଚଳ ଆଡ଼କୁ ତାରା ମାନେ ତୀବ୍ର ଗତିରେ ଧାବମାନ ହେଉଛନ୍ତି ଏବଂ ହଜି ଯାଉଛନ୍ତି ।

ସଦ୍ୟତମ ତଥ୍ୟ ଅନୁଯାୟୀ ଆମ ଗାଲାକ୍ସିରେ ଯେଉଁ ବ୍ଲାକ ହୋଲ ଆବିଷ୍କାର କରାଯାଇଛି ତାହ ପ୍ରାୟ ୨୬ ହଜାର ଆଲୋକବର୍ଷ ଦୁରରେ ଏବଂ ତାର ବସ୍ତୁତ୍ୱ ୪ ମିଲିୟନ ଗୁଣ ଆମ ସୂର୍ଯ୍ୟ ଠାରୁ ବଡ଼ ଆଉ ବୈଜ୍ଞାନିକ ମାନେ ଏକଥା ମଧ ସ୍ୱଷ୍ଟ କରିଛନ୍ତି ଯେ ପୃଥିବୀ ସେହି ବ୍ଲାକ ହୋଲ ଭିତରେ ଅଦୃଶ୍ୟ ହୋଇଯିବାର ସମ୍ଭାବନା ନାହିଁ ।

ତେବେ ଆମ ଉପରେ ବ୍ଲାକ ହୋଲ କଣ ପ୍ରଭାବ ପକାଇ ପାରେ ? ଜୋତିଷ ଶାସ୍ତ୍ର ଅନୁସାରେ ନବଗ୍ରହର ପ୍ରଭାବ ଭିନ୍ନ ଭିନ୍ନ ରହିଛି । ପ୍ରଥମ ଗ୍ରହ ରବି ବା ସୂର୍ଯ୍ୟ । ସୂର୍ଯ୍ୟ ଆତ୍ମା ଉପରେ ପ୍ରଭାବ ପକାଇଥାଏ । ପୁରୁଷାକାର ତଥା ଶକ୍ତି ଉପରେ ବି ପ୍ରଭାବ । ସୂର୍ଯ୍ୟ ମଧ ଏକ ତାରା ସୂର୍ଯ୍ୟଙ୍କର ପ୍ରଭାବ କ୍ଷୀଣ ତଥା ନପଡ଼ିଲେ ମଣିଷ ଦେହରେ ଆତ୍ମାର ପ୍ରଭାବ ନପଡ଼ିବା ସହିତ ଚେତନା ଉପରେ ମଧ ପଡ଼ିବ । ସେ ବିଚାର ଶୂନ୍ୟ ଏବଂ ଶକ୍ତିହୀନ ହୋଇ ପଶୁତୁଲ୍ୟ ବ୍ୟବହାର କରିବ । ବ୍ଲାକ ହୋଲର ପ୍ରଭାବ ଏହିପରି ମଧ ହୋଇପାରେ । ବିକିରଣ (radiation) ପରିବର୍ତ୍ତେ ଶୋଷଣ (absorption) ପ୍ରକ୍ରିୟା ବଢ଼ି ଚାଲେ । Extension ରୁ intention (psychological effect) । ସମ୍ପ୍ରସାରଣ ପରିବର୍ତ୍ତେ ମନସ୍ତାତ୍ୱିକ ପ୍ରଭାବ । ସେତେବେଳେ ମଣିଷଟି ଅନ୍ୟର କଥାକୁ ନିଜ ଭିତରକୁ ଟାଣିନିଏ । ଦର୍ଶନ ପରିବର୍ତ୍ତେ ଅନ୍ଧତ୍ୱ ବଢ଼ିଚାଲେ ଶେଷରେ ମଣିଷଟି ଅମରକୋଷଃ ଅନୁସାରେ ଯକ୍ଷରେ ପରିଣତ ହୋଇଯିବ । ଯକ୍ଷ ଦର୍ଶନହୀନ ଅନ୍ଧପରି ବ୍ୟକ୍ତିତ୍ୱ, ଜ୍ଞାନ ହୀନ ଏବଂ ଚେତନା ଶୂନ୍ୟ । ଏବେତ ସେୟାହିଁ ଦେଖାଯାଉଛି । ଚେତନା ଶୂନ୍ୟ ଓ ଭାବନାଯୁକ୍ତ ମଣିଷ ମାନଙ୍କର ସଂଖ୍ୟା ବୃଦ୍ଧି ।

ଆମେ ଯେଉଁ ତିନି ଠାକୁରଙ୍କୁ ପୂଜା କରୁ ସେମାନେ ହେଲେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର । ବ୍ରହ୍ମା ବଡ଼ ହେଲେ ବିଷ୍ଣ ଶ୍ରେଷ୍ଠ; ମାତ୍ର ଶିବ ହେଲେ ମହାନ । ସେ ସମୁଦ୍ର ମନ୍ଥନ ସମୟରେ ବିଷପାନ କରି ନୀଳକଣ୍ଠ ପାଲଟିଥିଲେ । ଶିବଙ୍କର ଅପମାନ ନାହିଁ ଯାହା ମାନବଙ୍କର ସର୍ବଶ୍ରେଷ୍ଠ ଗୁଣ । ସେମାନେ କଷ୍ଟସହିଷ୍ଣୁ, ତ୍ୟାଗୀ, ପରୋପକାରୀ ଓ ବିଚାରବନ୍ତ ଇତ୍ୟାଦି । ସେଇଥିପାଇଁତ ଶ୍ରୀରାମ ଶିବଙ୍କୁ ପୂଜା କରୁଥିଲା ବେଳେ ଶିବ ରାମଙ୍କୁ ପୂଜା କରନ୍ତି । ଶିବ ହେଲେ ଆଦି ପିତା । ସୂର୍ଯ୍ୟଙ୍କର ସ୍ଥିତି ଶୂନ୍ୟ ହୋଇଗଲେ ଆତ୍ମାର ସ୍ଥିତି ରହେ ନାହିଁ । ପୁରୁଷାକାର ଉପରେ ଆଞ୍ଚ ଆସେ । ମଣିଷ ତାର breeding quality ହରେଇବସେ । generation gap ଦେଖାଦିଏ । ମଣିଷ ଭିତରେ ଶିବତ୍ୱ କମିଯାଏ । ସତ୍ୟ ଯୁଗରେ ମଣିଷ ମାନେ ମୁନିଋଷି ତୁଲ୍ୟ ହୋଇଥାନ୍ତି । ତାପରେ ମଣିଷ ଏବଂ ତାପରେ ଅସୁର ରାକ୍ଷସ ତୁଲ୍ୟ ହୋଇଯାଆନ୍ତି । ସୃଷ୍ଟି ସଞ୍ଚାଳନ ପାଇଁ ମଣିଷମାନଙ୍କର ଆବଶ୍ୟକତା ଥାଏ । ଯେଉଁମାନେ ସାର୍ବଜନୀନ ସେମାନେ ସୃଷ୍ଟି ପରିଚାଳନାରେ ରାଜା କିମ୍ୱା ପ୍ରଜା ହୋଇ ଅଗ୍ର ଭାଗରେ ଥାଆନ୍ତି । ମାତ୍ର ମଣିଷ ପରିବର୍ତ୍ତେ ଯକ୍ଷ, ରାକ୍ଷସ, ଗନ୍ଧର୍ବ, କିନ୍ନର ମାନଙ୍କର ସଂଖ୍ୟା ବଢ଼ି ଯାଉଛି । ପୃଥିବୀକୁ ଶୋଷଣ, ଲୁଣ୍ଠନ କରି ମୃତ ବତ କରିଦେଉଛନ୍ତି । ମାଟିର ଉର୍ବରତା କମିଯାଉଛି । ଜଳସ୍ତର ତଳକୁ ଚାଲି ଯାଉଛି, ଅନିର୍ଣ୍ଣିତତାର ବାତାବରଣ ମଣିଷ ଦେହରେ ହସ ରହୁନାହିଁ । ଶ୍ରୀ ଅରୋବିନ୍ଦଙ୍କ ରୂପାନ୍ତର ପ୍ରକ୍ରୀୟା ଅନୁସାରେ ମଣିଷ ଆଉ ଭଗବାନ ହୋଇପାରୁ ନାହିଁ । ଯକ୍ଷ ପାଲଟି ଯାଉଛି । ଯେତେବେଳେ ଲୋକ ମାନଙ୍କ ଠାରେ ସଞ୍ଚୟ ଦିଗରେ ବେଶି ପଇସା ଖର୍ଚ୍ଚ ହୋଇଯାଏ ସେତେବେଳେ ଦବା ପରିବର୍ତ୍ତେ ନବାର ପ୍ରବୃତ୍ତି ବଢ଼ି ଯାଉଛି । ଜନ୍ମିତ ପିଲାଟିର ଯତ୍ନ ନେବା ପରିବର୍ତ୍ତେ ପରବର୍ତ୍ତି ପିଲାଟି ପାଇଁ ଭାବନାଯୁକ୍ତ ହୋଇ ଯାଆନ୍ତି । ରୋଗୀଣା ମା'ର ସ୍ତନରୁ କ୍ଷୀର ନବାହାରୁଥିଲେ ବି ଅବୋଧ ପିଲାଟି ଯେପରି ସ୍ତନକୁ ଚୁଷୁମି ଥାଏ ପୃଥିବୀ ମା'ର ସନ୍ତାନ ମାନେ ପୃଥିବୀକୁ ଷୋଷଣ କରି ନିଷ୍ଫଳା କରିଦିଅନ୍ତି । ନଥାଏ ରାସଲିଳା । ରସ+ଅ = ରାସ । ରସ ବା ମଧୁର ସମ୍ପର୍କ ବଦଳରେ ତିକ୍ତ ସମ୍ପର୍କ । କେବଳ ଯେ ପୃଥିବୀର ମାଟି ଟାଣ ହୋଇଯାଏ ତାହା ନୁହେଁ ୧୨ ମାସରୁ ୪-୫ ମାସ ଛାଡ଼ି ଅନ୍ୟ ୭-୮ ମାସ ମାଟି ମରିଯାଏ । ଉପକାରୀ ଜୀବ ମାନେ ମରି ଅପକାରୀ ଜୀବ ମାନଙ୍କର ସଂଖ୍ୟା ବଢ଼ିଯାଏ । ମଣିଷତ ଆଗରୁ ବ୍ରହ୍ମହୀନ ହୋଇଥାଏ । ପରିବର୍ତ୍ତିତ ସମୟରେ ପଶୁତୁଲ୍ୟ ବ୍ୟବହାର କରେ । ସକାଳ ହେଲେ ଅନ୍ନ ଚିନ୍ତା । ସଂଗ୍ରହ କରିବା ପାଇଁ ବାହାରି ପଡ଼େ । ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସବାସ କରି କିଭଳି ପୁରୁଷ ପୁରୁଷ ଧରି ରହିହେବ ଯାହାହେଲା ଆର୍ଯ୍ୟ ପରମ୍ପରା ଆଉ ଦେଖା ଦିଏ ନାହିଁ ଈଙ୍କଙ୍ଗ୍ସ୍ମ ମବସ୍ଥଙ୍କବକ୍ଷ । ଲୋକ ସମ୍ପର୍କ ମଧ ସେହିପରି ଦେଖାଦିଏ ନାହିଁ । ମତଲବ କି ବାତ କରୋ । They got separated, the very moment they united ମିଳିତ ହେବାର ଠିକ ପରମୁହୁର୍ତ୍ତରେ ପରସ୍ପର ଠାରୁ ଅଲଗା ହୋଇ ଯାଆନ୍ତି । Black hole effect ଯେଉଁଠି ପୁରୁଷାକାର ନାହିଁ । କଥାର ମୂଲ୍ୟ କିଏ ଦେଉଛି । 'ସଭାରେ ଭାଷଣ ଦିଅନ୍ତି, ଗୃହ ପ୍ରବେଶେ ପାଶରୋନ୍ତି' - ରାଜନୀତି । ସବୁଠି ପଲଟିକ୍ସ କିଏ କିଏ କହନ୍ତି ଆଜିକାଲି ରାଜନୀତିରେବି ପଲଟିକ୍ସ ପସିଗଲାଣି ।

ମୋଟାମୋଟି Black hole effect ଯେତେ ବଢ଼ିବ ଯକ୍ଷ ମାନଙ୍କର ସଂଖ୍ୟା ସେତେ ବେଶି ବଢ଼ିବ । ମହାଭାରତରେ ପଞ୍ଚପାଣ୍ଡବଙ୍କ ବନବାସ ସମୟ ସରିଆସୁଥାଏ । ଅଜ୍ଞାତବାସର ସମୟ ଆସନ୍ନ, ଦ୍ରୌପଦୀଙ୍କ ତୃଷ୍ଣା ମେଣ୍ଟାଇବାକୁ ଯାଇ ଭୀମ, ଅର୍ଜୁନ, ନକୁଳ, ସହଦେବ ସଂଜ୍ଞାହୀନ ହୋଇଥାନ୍ତି । ଯୁଧିଷ୍ଠିର ଯକ୍ଷଙ୍କର ସବୁ ପ୍ରଶ୍ନର ଉତ୍ତର ଦେଇ ଚାରି ଭାଇଙ୍କୁ ଫେରି ପାଇଲେ । ଏ ଉକ୍ତିଟିର ତାତ୍ପର୍ଯ୍ୟ ଏୟା ଯେ ଯମ ଆତ୍ମାକୁ ନେଇ ଯାଆନ୍ତି, ମାତ୍ର ଯକ୍ଷ ବ୍ରହ୍ମକୁ । ଚାରି ଭାଇଙ୍କୁ ଚତୁର୍ଭୁଜ ସହ ତୁଳନା କରାଯାଇପାରେ । ବ୍ରହ୍ମ ଅର୍ଥ ସଞ୍ଚିତ ଆତ୍ମା, ଯକ୍ଷ ସେମାନଙ୍କର ପ୍ରବଳ ଶୋଷଣ ପ୍ରକ୍ରୀୟା । ବର୍ତ୍ତମାନ ଏହିଭଳି ଯକ୍ଷ ମାନଙ୍କର ସଂଖ୍ୟା ତୀବ୍ର ଗତିରେ ବଢ଼ି ବଢ଼ି ଚାଲିଛି । ଆଧାତ୍ମିକ ଚେତନାର ସ୍ତରକୁ ମଣିଷ ଯାଇପାରୁ ନାହିଁ । ଆତ୍ମା ଯଦି ଅଲୌକିକ ସତ୍ତା ହୁଏ ମଣିଷ ଆଲୋକ ସଞ୍ଚୟ କରିପାରୁ ନାହିଁ । ଚିତ୍ରଗୁପ୍ତଟିଏ ହୋଇ ବିଚାର ପାଇଁ ଧର୍ମ ବା ଯମକୁ ଖୋଜୁଛି । ଅନ୍ୟର କଥାକୁ କାନ ଦେଉଛି ଏବଂ ନିଜେବି ଅତ୍ୟାଧିକ କଥା କହୁଛି । ଏଇଟା କଳିଯୁଗର ଲକ୍ଷଣ ବି ହୋଇପାରେ ସୁତରାଂ ଯକ୍ଷ ବା ବ୍ଲାକହୋଲ କବଳରୁ ରକ୍ଷା ପାଇବା ପାଇଁ ହେଲେ ଆମକୁ ଆଲୋକଠାରୁ ଅଧିକ ତିବ୍ରଗତିରେ ଯିବା ପାଇଁ ହେବ । କାରଣ ବୈଜ୍ଞାନିକଙ୍କ ମତରେ one have to travel in the speed more than that of light to escape from a black hole । ସବୁଜ ରଙ୍ଗର wave length ପ୍ରାୟତଃ ଆଲୋକର ଗତି ସହ ସମାନ । ଆମକୁ ତାଠାରୁ ଉର୍ଦ୍ଧ ହଳଦିଆ, ନାରଙ୍ଗୀ ଏବଂ ଲାଲ କିମ୍ୱା ତାଠୁ ଅଧିକ ବେଗରେ ଗତି କରୁଥିବା ଆଲୋକ ଗତିରେ ଯିବାକୁ ହେବ । ଆଧାତ୍ମିକ ସ୍ତରକୁ ଯାଇ ଚେତନାର ସ୍ତରକୁ ବୃଦ୍ଧି କରାଇ ଉନ୍ନତ ଧର୍ମ ଆଚରଣ କଲେ ବ୍ଲାକହୋଲ କବଳରୁ ନିଜକୁ ରକ୍ଷା କରିହେବ ତେବେ ଯାଇ ମଣିଷ ଆଲୋକଯୁକ୍ତ ହୋଇ ପାରିବ । ବ୍ରହ୍ମର ସଂଚାର ହୋଇ ତାର ବିକାଶ ହେବ ମଣିଷ ନିରାକାର ବ୍ରହ୍ମ ପ୍ରାପ୍ତି ହେବ । ତାର କିଛି shape ରହିବ ନାହିଁ । କିଛି ନହୋଇପାରିଲେ ମଧ କିଛି ଖରାପ ତ ହେବ ନାହିଁ ।

ଆଉ ଗୋଟିଏ କଥାର ଅବତାରଣା ଏଠାରେ କରାଯାଇପାରେ ପୁରାଣ ଯୁଗରେ ତାରକାସୁର ଉତ୍ପାତ ବଢ଼ିଚାଲିଲା । ଯାହାକୁ ଆମେ ବ୍ଲାକ ହୋଲ ସହିତ ତୁଳନା କରିପାରୁ । ସେ ଦେବତା ମାନଙ୍କର ଦେବତ୍ୱର ବିନାଶ କରୁଥିଲା । ଭଗବାନ ଶଙ୍କର ଏବଂ ମାତା ପାର୍ବତୀଙ୍କ ମିଳନରେ କାର୍ତ୍ତିକେୟଙ୍କ ଦ୍ୱାରା ତାର ବିନାଶ ହୋଇଥିଲା । ଆମେ ସମସ୍ତେ ଜାଣୁ ସ୍କନ୍ଦ ହିଁ ସେହି ଯୁଦ୍ଧର ସେନାପତିତ୍ୱ କରିଥିଲେ । ସେଥିପାଇଁ ବିଭୁତି ଯୋଗରେ କୁହାଯାଏ ସେନାପତିଙ୍କ ମଧରେ ସ୍କନ୍ଦ । ଆମେ ଏଠାରେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ଧାର୍ମିକ ପରମ୍ପରାକୁ ବଜାଇ ରଖିଲେ ହିଁ ମାନବ ସମାଜ ବ୍ଲାକ ହୋଲର ଶିକାର ହେବ ନାହିଁ । କାହାଠାରେ ଅନିଛାର ଭାବ ସୃଷ୍ଟି ହେବ ନାହିଁ । ସ୍ଥାଣୁ ଅବସ୍ଥା ଦେଖାଦେବ ନାହିଁ । ଭାରତୀୟ ଶାସନ ପଦ୍ଧତିରେ ମର୍ଯ୍ୟଦାକୁ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ । ଏବଂ ସେଇଠି ମର୍ଯ୍ୟାଦା ଭୂଲୁଣ୍ଠିତ ହୁଏ ନାହିଁ ଯେଉଁଠି ଅର୍ଥନୀତି ସୁଦୃଢ଼ ଥିବ । ଏଥିସହିତ ଏକ ସୁନ୍ଦର କଥାଟିଏ ଅଛି । ବିକ୍ରମାଦିତ୍ୱ ରାମାୟଣ ବିଷୟରେ ଜାଣି ଅଭିଭୂତ ହୋଇପଡ଼ିଲେ । ରାମଚନ୍ଦ୍ରଯେ ଏତେ ମର୍ଯ୍ୟାଦାକୁ ପ୍ରାଧାନ୍ୟ ଦେଉଛନ୍ତି ଜାଣି ତାଙ୍କର ଏକ ମନ୍ଦିର ତିଆରିହେବ ମନସ୍ତ କଲେ । ପାତ୍ର ମନ୍ତ୍ରୀଗଣଙ୍କ ପ୍ରରୋଚନାରେ ଏକ ଗାଈ ଛଡ଼ାଗଲା । ଯେଉଁଠି ତା ପହ୍ନାରୁ ଆପେ ଆପେ କ୍ଷୀର ବାହାରିବ ସେଇଠି ହିଁ ରାମ ମନ୍ଦିର ହେବ । ଅଯୋଧାରେ ସେୟା ହିଁ ହେଲା । ଯାର ଅର୍ଥ ଏଇୟା ଯେ ବିନା investment ବା ଚାଷ ଭୂମିରୁ ଘାଷ ଚରି ଯେଉଁଠି ଗାଈ କ୍ଷୀର ଦେବ ସେଠି ହିଁ ରାମରାଜ୍ୟ ସମ୍ଭବ । ସେଇଟା ଗୋପ ଯେଉଁଟି ଅଯୋଧା । ଅଭାବ ବୋଲି କିଛି ନାହିଁ, ଯେଉଁଠାରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲିଳା କଟିଥିଲା ଆଉ ସେଇ ପରମ୍ପରାକୁ କୁହାଯାଏ ଗୋପପୁରର ପରମ୍ପରା ବା ଗଙ୍ଗବଂଶୀ ପରମ୍ପରା । ଗୋ+ଅଙ୍ଗ = ଗଙ୍ଗ ଏବଂ ଗୋ+ଅଙ୍ଗା = ଗଙ୍ଗା । ସେଇଠି ପବିତ୍ରତା ରକ୍ଷା ହୋଇଥାଏ ଏବଂ ମର୍ଯ୍ୟଦା ଦିର୍ଘସ୍ଥାୟୀ ହୋଇଥାଏ । ଲୋକେ କହନ୍ତି ତାଙ୍କ ସମୟରେ ଦୁଧ ଘିଅରେ ଲୋକେ ଭାସୁଥିଲେ । କ୍ଷୀର ସାଗର କନ୍ୟକା ଅର୍ଥାତ ଲକ୍ଷ୍ମୀ ସେଠାରେ ବିରାଜମାନ କରିଥାନ୍ତି । ଲୋକେ ସର୍ବଦା ନିଜକୁ କର୍ମରେ ବିନିଯୋଗ କରନ୍ତି । କଥାଅଛି ଗୁପ୍ତ ଯୁଗରେ ଘରେ ଚାବି ପଡୁନଥିଲା ଆଉ ଲୋକେ ନିର୍ଲିପ୍ତ ହୋଇଥାନ୍ତି ଆଉ କଳି ପ୍ରବେଶ କରିପାରେ ନାହିଁ ।

ସୁତରାଂ ବ୍ଲାକ ହୋଲ ଓରଫ ତାରକାସୁର / ଯକ୍ଷ କବଳରୁ ରକ୍ଷା ପାଇବାକୁ ହେଲେ ଆମକୁ ଆସକ୍ତିଶୂନ୍ୟ ପୂର୍ବକ ଦୁର୍ବଳତା ପରିତ୍ୟାଗ କରି ଶକ୍ତିଯୁକ୍ତ ହୋଇ ଜୀବନଧାରଣ କରିବାକୁ ହେବ । ଯାହାଫଳରେ କାର୍ତ୍ତିକେୟଙ୍କ ଆର୍ଶିବାଦ ପାଇପାରିବା ଏବଂ ଆମଠାରେ ରହିପାରିବ ବୈରାଗ୍ୟ ଓ ଶକ୍ତି । ମ୍ଳେଚ୍ଛତ୍ୱ ରହିବ ନାହିଁ, ଆମେ ହେବା ତେଜିଆନ, ନିଜକୁ କରିବା କର୍ମରେ ବିନିଯୋଗ । ସମାଜରେ ଶୃଙ୍ଖଳା ରହିବ । ଅର୍ଥନୀତି ହେବ ସୁଦୃଢ଼ ଓ ସ୍ଥାୟୀ ।

ଅବସରପ୍ରାପ୍ତ ଅତିରିକ୍ତ କୃଷି ନିର୍ଦ୍ଦେଶକ
ଓଡ଼ିଶା ସରକାର
ମୋ-୮୦୧୮୭୩୮୮୪୪

## ଶାବନା ଆଜମୀଙ୍କୁ ସ୍ୱାଇନ ଫ୍ଲୁ

ବଲିଉଡର ସୁପ୍ରସିଦ୍ଧ ଅଭିନେତ୍ରୀ ତଥା ଜାର୍ଭେଦ ଅଖତରଙ୍କ ପତ୍ନୀ ଶବାନା ଆଜମୀ ସ୍ୱାଇନ ଫ୍ଲୁରେ ପୀଡ଼ିତ । ଗତ କିଛି



ଦିନ ହେବ ସେ ଥଣ୍ଡା ଜ୍ୱରରେ ପୀଡ଼ିତ ଥିଲେ । ଡେଲି ଚେକଅପ ପାଇଁ ଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ସ୍ୱାଇନ ଫ୍ଲୁ ହୋଇଛି ବୋଲି ଜଣାଇଥିଲେ । ତାଙ୍କୁ ଚିକିତ୍ସା ନିମନ୍ତେ ମୁମ୍ବାଇର ଏକ ହସ୍ପିଟାଲରେ ଭର୍ତି କରାଯାଇଛି । ଶବାନା ଏ ବିଷୟରେ କହିଛନ୍ତି କି, 'ମୋତେ ବହୁତ କଷ୍ଟରେ ଫାଙ୍କା ସମୟ ମିଳିଥାଏ । ଡାକ୍ତରଖାନାରେ ଆଡମିଟ ହେବା ମୋ ପାଇଁ ବ୍ରେକ ମିଳିବା ଭଳି' । ସେ କହିଛନ୍ତି କି ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଅଛି ଓ ଧୀରେଧୀରେ ତାଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିଛି ।

## ବଲିଉଡ୍‌ରେ ବେଦିକା

ଦକ୍ଷିଣରେ ଦର୍ଶକଙ୍କ ମନୋରଞ୍ଜନ କରିବା ପରେ ବଲିଉଡରେ ପାଦ ଦେବାକୁ ଯାଉଛନ୍ତି ପପୁଲାର ସାଉଥ୍ ଆକ୍ଟ୍ରେସ୍ ବେଦିକା କୁମାର । ଇମ୍ରାନ ହାଶମୀ ଷ୍ଟାରର 'ଦ ବଡି' ଫିଲ୍ମ ଜରିଆରେ ସେ ଆରମ୍ଭ କରିବେ ନିଜର ବି - ଟାଉନ ଯାତ୍ରା । ଏହି ଫିଲ୍ମ ସହିତ ଜିତୁ ଜୋସେପ୍ ଏଣ୍ଟ୍ରି କରିବେ ହିନ୍ଦୀ ସିନେ ନିର୍ଦ୍ଦେଶନା କ୍ଷେତ୍ରରେ । ବେଦିକାଙ୍କ ସହ ସୋଭିତା ଧୂଳିପାଲା ମଧ ମୁଖ୍ୟ ଭୂମିକାରେ ସ୍କ୍ରିନ୍ ଶେୟାର କରିଛନ୍ତି । ନିକଟରେ ଇମ୍ରାନ ଏହି ଦୁଇ ଲିଡ୍ ଲେଡିଙ୍କ ସହ ମରିସସରେ ଏକ ରୋମାଣ୍ଟିକ୍ ଗୀତ ସୁଟିଂ କରିଛନ୍ତି । ଏକ ମୃତ ଶରୀର ଖୋଳାକୁ ନେଇ ଏହି ତଦନ୍ତଧର୍ମୀ ଥ୍ରିଲର ଫିଲ୍ମଟି ଗତିଶୀଳ । ତଦନ୍ତକାରୀ ପୁଲିସ ଅଫିସର ଭୂମିକାରେ ଅଭିନୟ କରଇଛନ୍ତି ଋଷି କପୁର । କନ୍ନଡ଼, ତାମିଲ, ତେଲୁଗୁ ଓ ମାଲାୟାଲାମ ସିନେ ଜଗତରେ ବେଶ ଲୋକପ୍ରିୟ ନାଁ ବେଦିକା । ୨୦୧୩ର ତାମିଲ ଫିଲ୍ମ 'ପରଦେଶୀ' ପାଇଁ ଶ୍ରେଷ୍ଠ ଅଭିନେତ୍ରୀ ଟାଇଟଲ ମିଳିଥିଲା ତାଙ୍କୁ ।

## ଦୁର୍ଘଟଣା ରୋକିବ ଡିଭାଇସ୍

ହେ ଜଣେ ସତ କହିଛନ୍ତି । ପ୍ରତିଭାର ପରିଭାଷା କୌଣସି ଡିଗ୍ରୀରୁ ମିଳିନଥାଏ । ମନରେ କିଛି କରି ଦେଖାଇବାର ଦୃଢ଼ବିଶ୍ୱାସ ଥିଲେ, କିଛି ବି ଅସମ୍ଭବ ନୁହେଁ । ଏ ଉକ୍ତିକୁ ସତ୍ୟ ପ୍ରମାଣିତ କରିଛନ୍ତି ହାଇଦ୍ରାବାଦର ସାଇ ତେଜା । ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ସାଇ ଏଭଳି ଏକ ଡିଜାଇସ୍ ତିଆରି କରିଛନ୍ତି, ଯାହା ଭବିଷ୍ୟତରେ ନିଆରା ଉଦାହରଣ ସୃଷ୍ଟି କରିପାରିବ । ଏହି ଡିଜାଇସ ତିଆରି କରିଛନ୍ତି, ଯାହା ଭବିଷ୍ୟତରେ ନିଆରା




ଉଦାହରଣ ସୃଷ୍ଟି କରିପାରିବ । ଏହି ଡିଭାଇସ୍ର ବିଶେଷତ୍ୱ ହେଉଛି, ଯଦି କେହି ମଦ୍ୟପାନ କରି ଗାଡ଼ି ଚଳାଉଥିବେ, ତା' ହେଲେ ଆପଣାଛାଏଁ ତାହା ଗାଡ଼ିକୁ ବନ୍ଦ କରିଦେବ । କାରଣ ବର୍ତ୍ତମାନ ସମୟରେ ମଦ ପିଇ ଗାଡ଼ି ଚଳାଉଥିବା ଯୋଗୁ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଅନେକ ନିରୀହ ଜୀବନ ମଧ ଏଥିପାଇଁ ଅକାଳରେ ଟଳି ପଡୁଛି । ଏଭଳି ବିପଦରୁ ରକ୍ଷା କରିବାକୁ ଡିଭାଇସ୍ ସହାୟତା କରିବ । ଡ୍ରାଇଭର ଯଦି ୩୦ ପ୍ରତିଶତରୁ ଅଧିକ ମାତ୍ରାରେ ମଦ୍ୟପାନ କରିଥାନ୍ତି, ତେବେ ଏହି ଡିଭାଇସ୍ ଗାଡ଼ିକୁ ଆଦୌ ଷ୍ଟାର୍ଟ ହେବାକୁ ଦେଇନଥାଏ । ଶୁଣି ଆଶ୍ଚର୍ଯ୍ୟ ହେବେ, ସାଇ ତେଜା ଡିଭାଇସକୁ ମାତ୍ର ୧୫ ଦିନରେ ତିଆରି କରିଥିଲେ । ଏହାର ମୂଲ୍ୟ ମାତ୍ର ୨୫୦୦ ଟଙ୍କା ରହିଛି । ଡିଭାଇସର ଆଉ ଏକ ବିଶେଷତ୍ୱ ହେଉଛି, ଏହା ମଦ୍ୟପାନ କରିଥିବା ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କ ମୋବାଇଲକୁ ସନ୍ଦେଶ ପଠାଇପାରିବ ।

## କର୍କଟ ଜୀବାଣୁ ହ୍ରାସକରେ କଳା ଗହମ

କଳାଗହମ ପାଇଁ ଲାଭଦାୟକ । ଏଥିରେ ୬୦ ପ୍ରତିଶତ ଲୌହ, ପୁଷ୍ଟିସାର ଏବଂ ପୋଷକ ତତ୍ତ୍ୱ ରହିଛି, କର୍କଟ ଜୀବାଣୁ ହ୍ରାସ କରିବାରେ ସହାୟକ ବୋଲି ନିକଟରେ ଏକ ପତ୍ରିକା ପ୍ରକାଶ କରିଛି । ଏହି ପତ୍ରିକା ଅନୁସାରେ, 'ନ୍ୟାସନାଲ ଏଗ୍ରିଫୁଡ୍ ବାୟୋଟେକ୍ନୋଲୋଜି ଇନଷ୍ଟିଚ୍ୟୁଟ୍' ତରଫରୁ ପ୍ରାୟ ସାତ ବର୍ଷ ଅଧ୍ୟୟନ ପରେ କଳା ରଙ୍ଗର ଗହମ ଉତ୍ପାଦନ କରାଯାଇଛି । ଜିଙ୍କ ଓ ଆୟୋଡିନ୍ ର ଅଲଗା ଅଲଗା ସ୍ତର ଦେଖିବାକୁ ମିଳେ ଏହି ଗହମରେ, ଯାହା ଅନ୍ୟ ଖାଦ୍ୟରେ ବହୁତ କମ ପରିମାଣରେ ଦେଖାଯାଏ । ଆନ୍ଥୋସ୍ୟାନିନ୍ ନାମକ ଏକ ବର୍ଣ୍ଣ କଣିକା ଏହି ଗହମରେ ପ୍ରଚୁର ପରିମାଣରେ ରହିଥାଏ । ଅନ୍ୟ ଫଳ କିମ୍ୱା ପରିବାରେ ଏହି କଣିକା ୫ ପିପିଏମ୍ ଥିବା ବେଳେ କଳା ଗହମରେ ଏହାର ପରିମାଣ ୧୦୦ରୁ ୨୦୦ ପିପିଏମ୍ ଥାଏ । ଯାହା ଗହମକୁ କଳା ରଙ୍ଗ କରେ । ଏଥିରେ କିଛି ପରିମାଣରେ ଷ୍ଟର୍ଚ ମଧ୍ୟ



ରହିଥାଏ । ଯାହା ଭୋଗ କମାଇବା ସହ ଓଜନ କମାଇବାରେ ସାହାଯ୍ୟ କରେ । କଳାଗହମ ମନୁଷ୍ୟଙ୍କ ଖାଦ୍ୟ ଉପଯୋଗୀ କି ନୁହେଁ, ଏହାର ସତ୍ୟତା ଜାଣିବା ପାଇଁ ଏକ ମୂଷା ଉପରେ ପରୀକ୍ଷା କରିଥିଲେ । କିଛି ଦିନ ଧରି କଳା ଗହମରେ ପ୍ରସ୍ତୁତ ରୁଟି ସେମାନଙ୍କୁ ଖାଇବାକୁ ଦିଆଯାଇଥିଲା । ସେମାନଙ୍କ ସକାରାତ୍ମକ ଭାବ ବଢ଼ିବା ସହ ରକ୍ତଚାପ ଏବଂ ଶର୍କରା ପରିମାଣ ସମାନ ଜଣାପଡିଲା । ତା'ରେ ଗହମ ବଜଚାରରେ ବିକ୍ରି ହୋଇଥିବା ବୈଜ୍ଞାନିକମାନେ କହିଛନ୍ତି ।

## 'ମାଙ୍ଗୀ - ତୁଙ୍ଗୀ' ଜୈନ ତୀର୍ଥ

ମହାରାଷ୍ଟ୍ରର ନାଶିକ ଜିଲ୍ଲା ଅନ୍ତର୍ଗତ ସଟାଣାରେ ରହିଛି ମାଙ୍ଗୀ - ତୁଙ୍ଗୀ ତୀର୍ଥ । ମାଙ୍ଗୀ ଓ ତୁଙ୍ଗୀ ହେଉଛି ଦୁଇଟି ଯମଜ ଗିରି ଶୃଙ୍ଗ । ଦୁଇ ଶୃଙ୍ଗ ଉପରେ ରହିଛି ଗୁଡିଏ ମନ୍ଦିର । ତେଣୁ ଏ ସ୍ଥାନଟିକୁ ମାଙ୍ଗୀ - ତୁଙ୍ଗୀ ତୀର୍ଥ କୁହାଯାଏ । ସେଠାରେ ବହୁ ସାଧୁଙ୍କୁ ନର୍ବାଣ ପ୍ରାପ୍ତ ହୋଇଥିଲା । ମାଙ୍ଗୀର ଉଚ୍ଚତା ୧୩୨୪ ମିଟର ଏବଂ ତୁଙ୍ଗୀର ୧୩୩୧ମିଟର । ମାଙ୍ଗୀ - ତୁଙ୍ଗୀ ତୀର୍ଥ ଭାରତରେ ଥିବା ପ୍ରସିଦ୍ଧ ଜୈନ ସିଦ୍ଧ କ୍ଷେତ୍ର ମଧରେ ଅନ୍ୟତମ । ଶୃଙ୍ଗ ଉପରକୁ ଉଠିବା ପାଇଁ ୪୫୦୦ଟି ପାହାଚ ରହିଛି । ପଥ ମଧରେ ମଣିଷ ତିଆରି ଗୁହାମାନ ଦେଖିବାକୁ ମିଳେ । ଗୁହା ଗୁଡିକ 'ମହାବୀର,' 'ଆଦିନାଥ,' 'ଶାନ୍ତିନାଥ ଓ ପାଶ୍ୱନାଥ' ଭାବେ ନାମିତ । ମାଙ୍ଗୀ ଉପରେ ସାତଟି ମନ୍ଦର ଓ କୃଷ୍ଣ କୁଣ୍ଡ ନାମକ ପୁଷ୍କରିଣୀ ଅଛି । କୃଷ୍ଣ ଓ ବଳରାମ ସେଠାରେ କିଛି କାଳ ରହିଥିବାର ବିଶ୍ୱାସ କରାଯାଏ । ଗୋଟିଏ ଗୁହାରେ ବଳରାମଙ୍କ



ପ୍ରତିମା ପୂଜା ପାଉଛନ୍ତି । ତୁଙ୍ଗୀ ଉପରେ ପା*ଟି ମନ୍ଦିର ରହିଛି । ସେଠାକାର ଗୋଟିଏ ଗୁହା 'ରାମଚନ୍ଦ୍ର' ଭାବେ ନାମିତ । ମାଙ୍ଗୀ - ତୁଙ୍ଗୀ ତୀର୍ଥ ଅନ୍ତର୍ଗତ ମନ୍ଦିର, ପ୍ରତିମା, ଗୁହା ଆଦି ନିର୍ଦ୍ଦିଷ୍ଟ ଭାବେ କେବେ ତିଆରି କରାଯାଇଥିଲା ଜଣା ଯାଏ ନାହିଁ। ଚାରିଶହ ବର୍ଷ ତଳେ ମୂଳହରରେ ରାଜୁତି କରୁଥିବା ରଥୋଡ ରାଜା ବିରାମଦେଓଙ୍କ ନାମ କେତେକ ସ୍ଥାନରେ ଉଲ୍ଲେଖ ଥିବାରୁ, ତାଙ୍କ ସମୟରେ କିଛି ମନ୍ଦିର ତିଆରି କରାଯାଇଥିଲା ବୋଲି ବିଶ୍ୱାସ ରହିଛି । ମାଙ୍ଗୀ - ତୁଙ୍ଗୀ ପାହାଡ ତଳେ ଥିବା ଉପତ୍ୟକାରେ ମଧ ଏକ ବିଶାଳ ମନ୍ଦିର ରହିଛି । ସେଠାରେ ନଅ ଶହ ଯାତ୍ରୀଙ୍କ ରହିବା ପାଇଁ ବ୍ୟବସ୍ଥା ଥିବାର ଜଣାଯାଏ । କା୍ିକ ମାସରେ ମାଙ୍ଗୀ - ତୁଙ୍ଗୀ ତୀର୍ଥରେ ବିଶାଳ ମହୋତ୍ସବ ପାଳିତ ହୁଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସୁରକ୍ଷା ଲୋଡ଼ା...

କାଶ୍ମୀର ଉପତ୍ୟକାରେ ପୁଣି ଥରେ ଆତଙ୍କବାଦୀଙ୍କ ପଦଧ୍ୱନି ଶୁଭିବାରେ ଲାଗିଛି । ସେମାନଙ୍କ ଆକ୍ରମଣରେ ଉପତ୍ୟକା ରକ୍ତରଞ୍ଜିତ ହୋଇଚାଲିଛି । ଗତ ପ୍ରାୟ ଦୁଇ ମାସ ଭିତରେ ପ୍ରାୟ ଦଶ ଜଣରୁ ଅଧିକ ଲୋକ ଆତଙ୍କବାଦୀଙ୍କ ଗୁଳିର ଶିକାର ହୋଇଛନ୍ତି । ଏହାର ସଦ୍ୟତମ ଉଦାହରଣ ଭାବେ ଗତ ଗୁରୁବାର ଦିନ ଦକ୍ଷିଣ କାଶ୍ମୀରର କୁଲଗାଓଁ ଜିଲ୍ଲାରେ ବିଜୟ କୁମାର ନାମକ ଜନୈକ ବ୍ୟାଙ୍କ କର୍ମଚାରୀଙ୍କ ହତ୍ୟାକୁ ନିଆଯାଇପାରେ । ସେହିଦିନ ସୋପିଆନ ଠାରେ ଏକ ଘରୋଇ ବସ୍‌ରେ ଘଟିଥିବା ବିସ୍ଫୋରଣରେ ତିନିଜଣ ଯବାନ ଗୁରୁତର ଭାବେ ଆହତ ହୋଇଥିବା ଖବର ମିଳିଛି । ଇତିପୂର୍ବରୁ ସେହି କୁଲଗାଓଁ ଜିଲ୍ଲାରେ ରଜନୀବାଲା ନାମ୍ନୀ ଜଣେ ଶିକ୍ଷିକାଙ୍କୁ ହତ୍ୟା କରାଯିବା ଘଟଣା ସମସ୍ତଙ୍କୁ ଆତଙ୍କିତ କରିଥିଲା । ଗତ ସପ୍ତାହରେ ଟେଲିଭିଜନ କଳାକାର ଅମରୀନ ଭଟ୍ଟଙ୍କୁ ଲସ୍କର-ଏ-ତୋଇବା ଉଗ୍ରପନ୍ଥୀମାନେ ଗୁଳିକରି ହତ୍ୟା କରିଥିଲେ । ଏହା ପୂର୍ବରୁ ଗତ ମେ ୧୨ ତାରିଖ ଦିନ ରାହୁଲ ଭଟ୍ଟ ନାମକ ଜନୈକ କାଶ୍ମୀର ପଣ୍ଡିତଙ୍କୁ ବଡ଼ଗାମ୍ ଜିଲ୍ଲାରେ ହତ୍ୟା କରାଯାଇଥିଲା । ଏହି ତାଲିକା ଆହୁରି ଦୀର୍ଘ । କିନ୍ତୁ ପ୍ରଶ୍ନ ଉଠେ, କିଛି ବର୍ଷ ଧରି ଶାନ୍ତ ପଡ଼ିଥିବା ଉପତ୍ୟକା । ହଠାତ୍ ରକ୍ତରଞ୍ଜିତ ହେବାର କାରଣ କଣ ହୋଇପାରେ ? ଏହାର ଏକାଧିକ କାରଣ ରହିଛି । ସୀମାନ୍ତରେ ସୁଦୃଢ଼ ପହରା ସତ୍ତ୍ୱେ ସୀମାପାର ଆତଙ୍କବାଦୀମାନେ ଅନୁପ୍ରବେଶ କରିବାକୁ ସକ୍ଷମ ହେଉଛନ୍ତି । ଅବଶ୍ୟ ପୂର୍ବାପେକ୍ଷା ସେମାନଙ୍କ ସଂଖ୍ୟା ନଗଣ୍ୟ। ପାକିସ୍ତାନର ପୁଣି ଆତଙ୍କବାଦୀ ସଂଗଠନମାନଙ୍କ ଠାରୁ ଆର୍ଥିକ ସହାୟତା ପାଇଁ ଉପତ୍ୟକାରେ ଯେଉଁ ଉପଦ୍ରବ ଘଟୁଥିଲା ତାହା ପ୍ରାୟତଃ ବନ୍ଦ ରହିଛି । ସରକାର ଯେହେତୁ ଉଦ୍‌ବାସ୍ତୁ କାଶ୍ମୀର ପଣ୍ଡିତ ପରିବାରଙ୍କୁ ପୁଣି ଉପତ୍ୟକାକୁ ଫେରାଇ ନେଇ ପୁନଃ ଥଇଥାନ ସକାଶେ ପ୍ରୟାସ କରୁଛନ୍ତି । ତାହା ଏବେ ଉପତ୍ୟକାର ବିଚ୍ଛିନ୍ନତାବାଦୀ ନେତା ଓ ସୀମାପାର ଆତଙ୍କବାଦୀ ଗୋଷ୍ଠୀଙ୍କ ଗାତ୍ରଦାହର କାରଣ ପାଲଟିଛି । ପାକିସ୍ତାନ ସରକାର, ସେନା ଏବଂ ଆଇଏସଆଇ ଆତଙ୍କବାଦୀମାନଙ୍କୁ ଅସ୍ତ୍ର କରି ଉପତ୍ୟକାରେ ଅଶାନ୍ତ ଜାରି ରଖୁବାକୁ ସଦାବେଳେ ସକ୍ରିୟ । ତା' ନହେଲେ ସେମାନେ କାଶ୍ମୀର ପ୍ରସଙ୍ଗକୁ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ପ୍ରସଙ୍ଗ ରୂପେ ଉପସ୍ଥାପନ କରିପାରିବେ ନାହିଁ । ଏବେ ଆଫଗାନିସ୍ତାନରୁ ମାର୍କିନ ସେନାଙ୍କ ପ୍ରସ୍ଥାନ ପରେ ସେଠାକାର ସରକାର ଓ ଉଗ୍ରବାଦୀ ସଂଗଠନର ଗାର୍ଜନ ସାଜିଛି ପାକିସ୍ତାନ । ନିଜ ଦେଶର ସ୍ଥିତିକୁ ସମ୍ଭାଳିବା ଅସମ୍ଭବ ମନେ ହେଉଥିଲେ ସୁଦ୍ଧା ଆତଙ୍କବାଦୀଙ୍କୁ ସୀମାପାର କରାଇ ଉପତ୍ୟକାକୁ ଅଶାନ୍ତ କରିବା ନିମନ୍ତେ ପାକିସ୍ତାନୀ କର୍ତ୍ତୃପକ୍ଷ ତତ୍ପର । ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ଏବଂ ଜାମ୍ମୁ କାଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ କ୍ଷେତ୍ରରେ ବିଭାଜିତ କରାଯିବା ପରେ ଏବେ ସେଠାରେ ବିକାଶ । ପ୍ରକ୍ରିୟା ଯେତିକି ତ୍ୱରାନ୍ୱିତ ହୋଇଛି, ସେତିକି ମାତ୍ରାରେ ଶାନ୍ତି ବିରାଜମାନ କରିଛି । ଏହା ସେଠାକାର ରାଜନୈତିକ ଦଳ ଓ ବିଚ୍ଛିନ୍ନତାବାଦୀ ଗୋଷ୍ଠୀଙ୍କୁ ଏକପ୍ରକାର ଅବସର ଗ୍ରହଣ ପାଇଁ ବାଧ କରିଛି । ସେମାନେ ଆଉ ନିଜ ସ୍ୱାର୍ଥ ପାଇଁ ସ୍ଥାନୀୟ ଯୁବକ କିମ୍ବା କିଶୋରମାନଙ୍କୁ ବିକ୍ଷୋଭ, ହରତାଳ ଅବା ଢେଲାପଥର ଫିଙ୍ଗିବା ଲାଗି ଯୋଗାଡ଼ କରିପାରୁ ନାହାଁନ୍ତି । ତେଣୁ ଯେଉଁ କିଛି ଆତଙ୍କବାଦୀ ସୀମାପାର ହୋଇ ଅନୁପ୍ରବେଶ କରୁଛନ୍ତି ସେମାନେ ଏଭଳି 'ଟାର୍ଗେଟ କିଲି' ପନ୍ଥା ଆପଣାଇଛନ୍ତି । ଲୋକମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି, ସାମ୍ପ୍ରଦାୟିକ ଘୃଣା ଓ ଅବିଶ୍ୱାସକୁ ଜନ୍ମଦେବା ଏହାର ଉଦ୍ଦେଶ୍ୟ। ଆଶ୍ୱସ୍ତିର କଥା, ଟିଭି କଳାକାର ଅମରୀନ ଭଟ୍ଟଙ୍କ ହତ୍ୟାକାରୀଙ୍କୁ ସୁରକ୍ଷା କର୍ମୀମାନେ ମାତ୍ର ୨୪ ଘଣ୍ଟା ଭିତରେ ଠାବ କରି ହତ୍ୟା କରିପାରିଥିଲେ । ଏହା ସତ୍ତ୍ୱ, ବାସ୍ତବତାକୁ ଗ୍ରହଣ କରିବାକୁ ହେବ। ଯେ, ଦୁଷ୍ଟ ବ୍ରଣ ଭଳି ଉପତ୍ୟକାରେ ତଥାପି ଆତଙ୍କବାଦୀମାନେ ଛପିରହି ନାରକୀୟ କାଣ୍ଡ ଘଟାଇ ଚାଲିଛନ୍ତି । ସେମାନଙ୍କୁ କେବଳ ଖୋଜି ଠାବ କରିବା ନୁହେଁ, ସମ୍ପୂର୍ଣ୍ଣ ନିଶ୍ଚିହ୍ନ କରିବାକୁ ପଡ଼ିବ । ଜାମ୍ମୁ କାଶ୍ମୀରବାସୀଙ୍କ ମନରେ ଏବେ ଏହି ଧାରଣା ବଦ୍ଧମୂଳ ହୋଇସାରିଛି। ଯେ, ଆତଙ୍କବାଦୀମାନେ ଗତ ଦୁଇ-ତିନି ଦଶନ୍ଧି ମଧ୍ୟରେ ସେମାନଙ୍କର ପ୍ରଭୂତ କ୍ଷତି ଘଟାଇଛନ୍ତି । ତେଣୁ ସେମାନେ ଏବେ ବିକାଶ ଯାତ୍ରାରେ ପଥିକ ସାଜିଛନ୍ତି । ଆତଙ୍କବାଦର ଗନ୍ଧ'ଠାରୁ ସେମାନେ ଦୂରେଇ ଯାଇଛନ୍ତି । ତେଣୁ ସେମାନଙ୍କ ସୁରକ୍ଷା ଲାଗି ସେଠାରେ ଅଧିକ ସୁଦୃଢ଼ ନିରାପତ୍ତା ବ୍ୟବସ୍ଥା କରାଯିବା ଜରୁରି ମନେହୁଏ ।

## ବିଶ୍ୱ ତାପମାତ୍ରା ବୃଦ୍ଧିରେ ଅତିଷ୍ଠ ମାନବ



ଡକ୍ଟର ଲକ୍ଷ୍ମଣ ସାହୁ

ମୌସୁମୀର ଆଗମନ ବେଳକୁ ପ୍ରବଳ ଉତ୍ତାପରେ ସମସ୍ତେ ଅତିଷ୍ଠ ହୋଇ ପଡିଲେଣି । ଅସହ୍ୟ ତାପପ୍ରବାହ ଫଳରେ ଘରୁ ବାହାରକୁ ବାହାରି ହେଉନାହିଁ । ଋତୁଚକ୍ର ଅନୁଯାୟୀ ବିଶ୍ୱ ତାପମାତ୍ରାରେ କିଛି କିଛି ପରିବର୍ତ୍ତନ ପରିଲକ୍ଷିତ ହେଉଛି । ତେଣୁ ଏଭଳି ବିଶ୍ୱ ତାପମାତ୍ରା ଭାରତ ଉପରେ ଅଛି କି ନାହିଁ ସ୍ୱତଃ ପ୍ରଶ୍ନବାଚୀ ସୃଷ୍ଟି ହୁଏ ? ଅନ୍ୟଥା ଏକ ସମୟରେ ଯେତେବେଳେ ଉତ୍ତର ଭାରତ, ବିଶେଷକରି ଦିଲ୍ଲୀ କେବଳ ଉତ୍ତାପ ତରଙ୍ଗ ସହିତ ନୁହେଁ, ପ୍ରବଳ ଉତ୍ତାପ ତରଙ୍ଗରେ ଉତ୍ୟକ୍ତ ଯାହାକୁ 'ହଟ୍ କଣ୍ଟ୍ରୋଲ୍' କୁହାଯାଉଛି । ସେହି ସମୟରେ ଆସାମର ଡିମାହାସାଓ ଜିଲ୍ଲାର ହାଫଲଙ୍ଗ ଷ୍ଟେସନ କାଦୁଅରେ ଆଚ୍ଛାଦିତ ହୋଇଛି । ପ୍ରବଳ ବର୍ଷା ହେତୁ ଏପରିକି ୨୦-୨୨ କମ୍ପାର୍ଟମେଣ୍ଟ ସହିତ ଦୁଇଟି ଟ୍ରେନ୍ ସଂପୂର୍ଣ୍ଣ ଭାବେ ଓଲଟପାଲଟ ହୋଇ କାଦୁଅରେ ଆବୃତ ହୋଇ ପଡିଛି ।

ସୂଚନାଯୋଗ୍ୟ ଯେ ଉତ୍ତର-ପଶ୍ଚିମ ମୌସୁମୀ ଦେଶର ଉତ୍ତର-ପୂର୍ବ ଭାଗରେ ପହଞ୍ଚିବା ପୂର୍ବରୁ ପ୍ରବଳ ବର୍ଷା ହେତୁ ଆସାମର ପ୍ରାୟ ୩ ଲକ୍ଷ ଲୋକ ନିଜ ଘର ଛାଡି ପରିବେଶ ଶରଣାର୍ଥୀ ହୋଇଥିଲେ । ଏପରିକି ଏହି ସମୟରେ, ମେ ମାସରେ ଉତ୍ତରାଖଣ୍ଡର ଉଚ୍ଚ ପର୍ବତରେ ୫୬ ଜଣ ତୀର୍ଥଯାତ୍ରୀ 'ମାଉଣ୍ଟେନ୍ ଅସୁସ୍ଥତା' ଏବଂ ହୃଦଘାତରେ ମୃତ୍ୟୁ ବରଣ କରିଥିଲେ । ଆସାମରେ ହାଫଲଙ୍ଗ ଏବଂ ଉତ୍ତରାଖଣ୍ଡର ପାହାଡ଼ିଆ ପ୍ରକୃତି କେବଳ ଭାରତୀୟଙ୍କ ପାଇଁ ନୁହେଁ ବରଂ ବିଶ୍ୱର ପର୍ଯ୍ୟଟକଙ୍କ ପାଇଁ ମଧ୍ୟ ବହୁତ ଆକର୍ଷଣୀୟ । ସେହି ହାଫଲଙ୍ଗ ବନ୍ୟା ପ୍ରାୟ ମୃତ୍ୟୁ ଉପତ୍ୟକାରେ ପରିଣତ ହେଲା । ତେବେ କହିବାକୁ ଗଲେ ଏହି ଦେଶରେ କାଦୁଅ ଏକ ନୂଆ ଘଟଣା ନୁହେଁ । ୨୦୧୭ ପରଠାରୁ କେରଳର ମାଲାପୁରମ୍, ରାଜାମାଲାର ପେଟିମାୟୁରୀ, ଢାକାର ମୁନ୍ନାର ଭୂସ୍ଖଳନ ଦ୍ୱାରା ନଷ୍ଟ ହୋଇଯାଇଛି ।

ଭାରତରେ ଭୂସ୍ଖଳନ କିମ୍ବା କାଦୁଅ ଏକ ନୂଆ ବାସ୍ତବତା । ସେଥିପାଇଁ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟ୍ରପିକାଲ୍ ମେଟେରୋଲୋଜିର ପ୍ରଖ୍ୟାତ ବୈଜ୍ଞାନିକ ରକ୍ସି ମାଥ୍ୟୁ କଲ୍ କହିଛନ୍ତି ଯେ ଏହି ପିଢି ଦିନକୁ ଦିନ ପୋଡି ନ ଯାଇ ଗୋଟିଏ ଦିନ ଯାଏ ନାହିଁ । ୨୦୦୦ ପରଠାରୁ ଦକ୍ଷିଣ ଏସିଆରେ ଏବଂ ବିଶ୍ୱର ଅନ୍ୟାନ୍ୟ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରହିଆସିଛି । ଯଦି ତାପମାତ୍ରା ବିଚ୍ଛିନ୍ନତା ୪.୫ ରୁ ୬ ମଧ୍ୟରେ ରହିଥାଏ, ତେବେ ଏହା ଏକ ଉତ୍ତାପ ଫ୍ଲକ୍ସ ହୋଇଥାଏ । ଯଦି ତାପମାତ୍ରାରେ ୬.୪ ଡିଗ୍ରୀ ବିଚ୍ଛିନ୍ନ ହୁଏ, ତେବେ ଏହା ଏକ 'ତୀବ୍ର' ଉତ୍ତାପ ଫ୍ଲକ୍ସ ହୁଏ । ଭାରତ, ପାକିସ୍ଥାନ, ଆଫଗାନିସ୍ତାନରେ ଗରମ ତାପମାତ୍ରା ପରିବେଶ ସୃଷ୍ଟି ହେବାର ମୁଖ୍ୟ କାରଣ ହେଉଛି ପ୍ରକୃତିର ସନ୍ତୁଳନରେ ମନୁଷ୍ୟର ଅବାଞ୍ଛିତ ହସ୍ତକ୍ଷେପ । ପୁନଶ୍ଚ ଅନ୍ୟପଟେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ନିର୍ଗମନର ଅସ୍ୱାଭାବିକ ପରିମାଣ । ନିକଟ ଅତୀତରେ ମାର୍ଚ୍ଚରୁ ପ୍ରାୟ ସମସ୍ତ ମହାରାଷ୍ଟ୍ର ଉତ୍ତାପ ତରଙ୍ଗରେ ଜଳୁଥିଲା । ମେ ମାସ ହେଉଛି ତାପମାତ୍ରା ଓ ଉତ୍ତାପ ପ୍ରବାହର ସର୍ବାଧିକ ମାସ । ତଥାପି ଚଳିତ ବର୍ଷ ମାର୍ଚ୍ଚରେ ତାପମାତ୍ରା ୪୨ ଡିଗ୍ରୀରେ ପହଞ୍ଚିଥିଲା । କିନ୍ତୁ ସେତେବେଳେ ସମଗ୍ର ଦେଶରେ ପ୍ରବଳ ବର୍ଷା ହୋଇଥିଲା । ୩ ସ୍ଲାସ୍, ୭.୯ ମିଲିମିଟର (ସାଧାରଣ ୩୦.୪ ମିଲିମିଟରର ଠାରୁ ୮୧ ପ୍ରତିଶତ କମ୍) । ୧୯୦୧ ପରଠାରୁ ଏହା ତୃତୀୟ ସର୍ବନିମ୍ନ ମୌସୁମୀର ବର୍ଷା ଓ ୧୨୨ ବର୍ଷ ମଧ୍ୟରେ ଉଷ୍ମ ପଦଯାତ୍ରା ।

ଚଳିତ ବର୍ଷ ଏପ୍ରିଲ ୨୭ ରେ ରାଜଧାନୀ ଦିଲ୍ଲୀରେ ତାପମାତ୍ରା ୪୩.୫ ଡିଗ୍ରୀ ଛୁଇଁଥିବାରୁ ଏଲୋ (ହଳଦିଆ) ଆଲର୍ଟ ଜାରି କରାଯାଇଥିଲା । ଗତ ୧୨ବର୍ଷ ମଧ୍ୟରେ ଏହା ଏପ୍ରିଲ୍ ୨୬ ର ସବୁଠାରୁ ଉତ୍ତପ୍ତ ଥିଲା । ବର୍ତ୍ତମାନର ଉତ୍ତାପ ତରଙ୍ଗ ସମଗ୍ର ଦେଶକୁ ଚକିତ କରିଛି । କାଶ୍ମୀର ବିଶ୍ୱବିଦ୍ୟାଳୟର ପ୍ରଫେସର ଅହମ୍ମଦ ରାମସୁ କହିଛନ୍ତି ଯେ ଉତ୍ତାପ ତରଙ୍ଗ ଆହୁରି ତୀବ୍ର ହେବ । ଜଳବାୟୁ ପରିବର୍ତ୍ତନ ଦକ୍ଷିଣ ଏସିଆକୁ ଏକ ବିପଦପୂର୍ଣ୍ଣ ସ୍ଥାନକୁ ନେଇଯାଉଛି । ଅନ୍ୟ ଏକ ଅଧ୍ୟୟନରୁ ଜଣାପଡିଛି ଯେ ୨୦୧୦ ରେ ଭାରତ ଏବଂ ପାକିସ୍ଥାନର ତାପମାତ୍ରା ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ଏହା ପରେ ଶତପ୍ରତିଶତ ଜଳବାୟୁ ସଙ୍କଟର ଫଳାଫଳ ବୋଲି ଜଣାପଡିଛି । ସମ୍ପ୍ରତି ଅଧ୍ୟୟନରେ ଦକ୍ଷିଣ ଆଫ୍ରିକାରେ ବିପର୍ଯ୍ୟୟ, ଉତ୍ତର ଆମେରିକାରେ ଉତ୍ତାପ ତରଙ୍ଗ ମଧ୍ୟ ଦେଖାଯାଇଛି । ଦକ୍ଷିଣ-ପୂର୍ବ ଆଫ୍ରିକାରେ । ଚଳିତ ବର୍ଷ ମାର୍ଚ୍ଚ-ଏପ୍ରିଲରେ ଉତ୍ତର-ପଶ୍ଚିମ ଭାରତରେ ଦିନର ସର୍ବୋଚ୍ଚ ତାପମାତ୍ରାର ଏକ ଅଧ୍ୟୟନରୁ ଏହା ମଧ୍ୟ ଜଣାପଡିଛି ଯେ ବିଶ୍ୱର ତାପମାତ୍ରା ସତ୍ତ୍ୱେ ଦୀର୍ଘକାଳୀନ ଉତ୍ତାପ ତରଙ୍ଗ ଏକ ବ୍ୟତିକ୍ରମ ଅଟେ । ଯେଉଁଥିରେ ହାରାହାରି ବର୍ଷକୁ ମାତ୍ର ୧ ପ୍ରତିଶତ ସମ୍ଭାବନା ଥାଏ । ଜଳବାୟୁ ଆକ୍ସନ ନେଟୱାର୍କ ଇଣ୍ଟରନ୍ୟାସନାଲ୍ର ବୈଜ୍ଞାନିକମାନେ କହିଛନ୍ତି ଯେ ଉତ୍ତର-ଦକ୍ଷିଣ ଗୋଲାର୍ଦ୍ଧର ଚାପ ପ୍ରଶାନ୍ତ ମହାସାଗରରେ ଲା ନିନାଙ୍କ ପ୍ରଭାବକୁ ତାପମାତ୍ରାକୁ ବୃଦ୍ଧି କରିଛି ।

ବିଶେଷଜ୍ଞ ରଘୁମର୍ତୀ ଗୋଡେ କହିଛନ୍ତି ଯେ ଲା ନିନାଙ୍କ ପ୍ରଭାବ ୧୯୯୬-୨୦୦୦ ମସିହାରେ ମଧ୍ୟ ଅନୁଭୂତ ହୋଇଥିଲା । ଚଳିତ ବର୍ଷ ପ୍ରବଳ ଉତ୍ତାପ ତରଙ୍ଗ ସହିତ ମୁମ୍ବାଇରେ ପ୍ରବଳ ଧୂଳି ଝଡ଼ ସେହି ବିଶ୍ୱ ତାପମାତ୍ରାର ଫଳାଫଳ । ଅପରପକ୍ଷରେ ବୈଜ୍ଞାନିକମାନେ କହିଛନ୍ତି ଯେ ଏହି ଶତାବ୍ଦୀର ଶେଷ ସୁଦ୍ଧା ଉତ୍ତାପ ତରଙ୍ଗ ଯୋଗୁଁ ଲୋକମାନଙ୍କ କାର୍ଯ୍ୟଦକ୍ଷତା ୩୦-୪୦ ପ୍ରତିଶତ ହ୍ରାସ ପାଇବ ବୋଲି ଆଶା କରାଯାଉଛି । ହିଟ୍ ଷ୍ଟ୍ରୋକ୍, ହାର୍ଟ ଷ୍ଟ୍ରୋକ୍ ପ୍ରକୃତରେ ଏକ ସାଧାରଣ ହିଟ୍ ଷ୍ଟ୍ରୋକ ମୃତ୍ୟୁ । ସେରେବ୍ରୋଭାସ୍କୁଲାରରୁ ଥ୍ରୋମ୍ବୋଜେନେସିସ୍ (ହୃଦୟରେ ରକ୍ତ ଜମାଟ ବାନ୍ଧିବା) ମୃତ୍ୟୁହାର ମଧ୍ୟ ବଢିବାରେ ଲାଗିଛି । ଗ୍ଲୋବାଲ ୱାର୍ମିଂ ହେତୁ ଚଳିତ ବର୍ଷ ଗହମର ଉତ୍ପାଦନ ଏବଂ ରପ୍ତାନି ବ୍ୟାହତ ହୋଇଛି । ଦେଶକୁ ଗହମର ପର୍ଯ୍ୟାପ୍ତ ଯୋଗାଣ ଏବଂ ରପ୍ତାନି ଖାଦ୍ୟ ମୁଦ୍ରାସ୍ଫୀତି ରୋକିବା ପାଇଁ ଉଭୟ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଉତ୍ପାଦନ କ୍ଷେତ୍ର ଯନ୍ତ୍ରଣା ଦାୟକ ହୋଇପାରେ । ଗତ ବର୍ଷ ଏକର ପିଛା ଗହମର ହାରାହାରି ଉତ୍ପାଦନ ୧୯.୭ କ୍ୱିଣ୍ଟାଲ ଥିଲା । କିନ୍ତୁ ଉତ୍ତାପ ତରଙ୍ଗ ହେତୁ ଚଳିତ ବର୍ଷ ଏହା ୧୬.୮ କ୍ୱିଣ୍ଟାଲକୁ ଖସି ଆସିଛି । ପଞ୍ଜାବର ବିଭିନ୍ନ ସ୍ଥାନରେ ଗହମ ଉତ୍ପାଦନ ପ୍ରାୟ ଅଧା ହୋଇଯାଇଛି । ଫଳସ୍ୱରୂପ, ଗହମ ରପ୍ତାନି କରିବାକୁ କେନ୍ଦ୍ର ଦ୍ରୁତ ଗତିରେ ବାଧ ହୋଇଛି ।

ଚଳିତ ବର୍ଷର ଅକାଳ ଉତ୍ତାପ ତରଙ୍ଗ ଆମ୍ବ ଫସଲକୁ ମଧ୍ୟ ପ୍ରଭାବିତ କରିଛି । ଉତ୍ତର ଭାରତର ଅନେକ ପ୍ରାଚୀନ ଆମ୍ବ ବଗିଚା ପ୍ରବଳ ଉତ୍ତାପ ଦ୍ୱାରା ନଷ୍ଟ ହୋଇଯାଇଛି । ମାର୍ଚ୍ଚରେ, ୧୨୨ ବର୍ଷର ତାପମାତ୍ରା ରେକର୍ଡ ଭାଙ୍ଗିଲା ?। ଯାହା ଫଳରେ ଆମ୍ବଗୁଡିକ ପାକଳ ହେବା ପୂର୍ବରୁ ପ୍ରବଳ ଉତ୍ତାପ ଦ୍ୱାରା ଜଳି ଯାଇଥିଲା । ଗଛର ପତ୍ର ମଧ୍ୟ ଖସିଯାଇଛି । ଉତ୍ତରପ୍ରଦେଶର ବରିଷ୍ଠ ଆମ୍ବ ଚାଷୀମାନେ କୁହନ୍ତି, ସେମାନେ ନିଜ ଜୀବନରେ ଆମ୍ବ ବଗିଚାର ଏପରି ଅବସ୍ଥା କେବେ ଦେଖି ନାହାଁନ୍ତି । ଉତ୍ତରପ୍ରଦେଶର କୃଷି ବିଜ୍ଞାନୀଙ୍କ ଅନୁଯାୟୀ ଆମ୍ବ ଗଛ ଫଳ ଦେବାବେଳେ ୨୫ ଡିଗ୍ରୀ ସେଲସିୟସ ତାପମାତ୍ରାକୁ ସହ୍ୟ କରିପାରିବ । କିନ୍ତୁ ଏଥର ହାରାହାରି ତାପମାତ୍ରା ଆରମ୍ଭରେ ୩୩ ଡିଗ୍ରୀ ଥିଲା । ଫଳସ୍ୱରୂପ, ଆମ୍ବ ଅମଳ ଉପରେ ଜୋରରେ ମାଡ ହେଲା । ଅମଳ ହ୍ରାସ ହେତୁ ଏଥର ଆମ୍ବ ରପ୍ତାନି କମ୍ ହେବ । ଯାହା ଫଳରେ ବିଦେଶୀ ମୁଦ୍ରାରେ ଆୟ କମ୍ ହେବ । ବିଶ୍ୱ ବଜାରରେ ଅନ୍ୟ ଦେଶ ଏହାର ଫାଇଦା ଉଠାଇବେ । ଅନ୍ୟପକ୍ଷରେ, ଗତ ବର୍ଷ ନଭେମ୍ବର-ଡିସେମ୍ବରରେ ଆନ୍ଧ୍ରପ୍ରଦେଶରେ ପ୍ରବଳ ବର୍ଷା ହେତୁ ଆମ୍ବ ବଉଳ (କଷି) ଚଳିତ ବର୍ଷ ବିଳମ୍ବରେ ଆସିଥିଲା । ତା'ପରେ ଯେତେବେଳେ ଆମ୍ବ ଅମଳ କରିବାର ସମୟ ଆସେ, ଉତ୍ତାପ ବଢିଯାଏ ଏବଂ ଅମଳ ନଷ୍ଟ ହୁଏ । ଏହାର ଅର୍ଥ ହେଉଛି ଗ୍ଲୋବାଲ୍ ୱାର୍ମିଂ କେବଳ ଉତ୍ତାପ ତରଙ୍ଗ ସୃଷ୍ଟି କରୁନାହିଁ । ବରଂ ଗରମ ଦିନଗୁଡ଼ିକ କେବଳ ଦୈନନ୍ଦିନ ଜୀବନକୁ ଦୁଃଖଦାୟକ କରେ ।

ବାସ୍ତବରେ ଦେଖିବାକୁ ଗଲେ ତାପମାତ୍ରା ବୃଦ୍ଧି ଏହି ଦେଶର ଲୋକଙ୍କ ଖାଦ୍ୟ ନିରାପତ୍ତାକୁ ଏକ ବିପଦପୂର୍ଣ୍ଣ ସ୍ଥାନକୁ ଠେଲି ଦେଉଛି । ଯଦି ଆମେ ବର୍ତ୍ତମାନ ଠାରୁ ସତର୍କ ନହେବା , ତେବେ ଆମକୁ ଆଗାମୀ ଦିନରେ ଅଧିକ ସଙ୍କଟର ସମ୍ମୁଖୀନ ହେବାକୁ ପଡିବ ନିଃସନ୍ଦେହ...!!!


ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ ,କଟକ -୪

ମୋ: ୯୦୪୦ ୧୫୧୪ ୭୫


## ଅନ୍ତରାଷ୍ଟ୍ରୀୟ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପମାନ



ଅମୂଲ୍ୟ କୁମାର ପଣ୍ଡା

ବିଶ୍ୱ ତାପନ କାରଣରୁ ମେରୁ ଅଞ୍ଚଳରେ ଗଚ୍ଛିତ ଗ୍ଲେସିୟର ତରଳିବାରେ ଲାଗିଛି। ଯେଉଁଥିପାଇଁ କେବଳ ପୃଥିବୀର ଜଳ ଚକ୍ର ପ୍ରଭାବିତ ହେଉଛି ତାହା ନୁହେଁ, ଆଗାମୀ ଦିନ ପାଇଁ ଏକ ବଡ଼ ବିପଦ ଡାକି ଆଣୁଛି ବୋଲି ବୈଜ୍ଞାନିକମାନେ ବିଶ୍ୱବାସୀଙ୍କୁ ସତର୍କ କରାଇ ଦେଇଛନ୍ତି । ବିଶ୍ୱରେ ଶିଳ୍ପ, କଳକାରଖାନା ଓ ଗାଡ଼ିମୋଟର ଚଳାଚଳରୁ ଧୂଆଁ ଓ ଗ୍ରୀନ୍ ହାଉସ ଗ୍ୟାସ୍ ବୃଦ୍ଧି ପାଇ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି ଓ ତାପମାତ୍ରା ବୃଦ୍ଧି ପାଉଛି। ଜଙ୍ଗଲକଟା, ଜଙ୍ଗଲ ପୋଡ଼ି ଯୋଗୁ ବାୟୁମଣ୍ଡଳରେ ବ୍ଲାକ କାର୍ବନ 'ଏରୋସୋଲ୍' ର ବୃଦ୍ଧି ମଧ୍ୟ ତାପମାତ୍ରା ବଢ଼ାଉଛି।ହିମାଳୟ ପର୍ବତମାଳାର ବରଫାବୃତ୍ତ ଶୃଙ୍ଗ ଉପରେ ଏହି ବ୍ଲାକ କାର୍ବନ ଜମିବା ଫଳରେ ତାପମାତ୍ରା ବଢ଼ି ବରଫ ତରଳିବାରେ ଲାଗିଛି। ବୈଜ୍ଞାନିକ ମାନେ ସତର୍କ କରାଇ ଦେଇଛନ୍ତି ଯେ ଚଳିତ ଶତାବ୍ଦୀର ମଧ୍ୟ ଭାଗ ଆଡକୁ ପୃଥିବୀର ଅନେକ ସ୍ଥଳଭାଗ ବୁଡିଯିବ। ୨୦୫୦ ମସିହା ବେଳକୁ ଭୂଭାଗ ଆଡକୁ ସମୁଦ୍ର ମାଡ଼ି ଆସିବ । ପୃଥିବୀର ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବେଳେ ୨୦୫୦ ବେଳକୁ ଏହା ଉଦବେଗଜନକ ସ୍ଥିତିରେ ଥିବ । ଗ୍ଲେସିୟର ତରଳି ସମୁଦ୍ର ପତ୍ତନ ବୃଦ୍ଧି ପାଇବ । ଅଧିକାଂଶ ସମୁଦ୍ରତଟ ଅଞ୍ଚଳ ବୁଡିଯିବ । ରିପୋର୍ଟ ଅନୁଯାୟୀ ଏବେ ବସବାସ କରୁଥିବା ୩୦୦ ମିଲିଅନ ଲୋକଙ୍କ ଘର ପାଣିରେ ଡୁବିଯିବ । ଏଥିରେ ୬ଟି ଦେଶ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେବେ । ଏଗୁଡିକ ହେଉଛନ୍ତି ଚୀନ୍, ବାଂଲାଦେଶ, ଭାରତ, ଭିଏତନାମ, ଇଣ୍ଡୋନେସିଆ ଓ ଥାଇଲାଣ୍ଡ। ଭାରତର ସ୍ଥାନ ୩ ନମ୍ବରରେ ରହିଛି। ଏହି ରିପୋର୍ଟ ମୁତାବକ ଓଡିଶାର ଉପକୂଳବର୍ତ୍ତୀ ଅଞ୍ଚଳ ପ୍ରଭାବିତ ହେବ । ବାଲେଶ୍ୱର, ଭଦ୍ରକ, କଟକ, ପୁରୀ, ଗଂଜାମର ଅନେକ ଉପକୂଳ ଅଞ୍ଚଳ ଜଳମଗ୍ନ ହେବ । ସବୁଠୁ ଅଧିକ ପ୍ରଭାବିତ ହେବେ ବାଲେଶ୍ୱର ଓ ଭଦ୍ରକ ପୃଥିବୀର ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଜନିତ ଅନ୍ତଃରାଷ୍ଟ୍ରୀୟ ଜଳବାୟୁ ପରିବର୍ତ୍ତନ ବିଶେଷଜ୍ଞ ମଣ୍ଡଳୀଙ୍କ ମତାନୁସାରେ, ପୃଥିବୀର ତାପମାତ୍ରା ୧.୧ ସେଣ୍ଟିଗ୍ରେଡରୁ ୬.୪ ସେଣ୍ଟିଗ୍ରେଡ ପର୍ଯ୍ୟନ୍ତ ଆଗାମୀ ଶହେବର୍ଷ ମଧ୍ୟରେ ବୃଦ୍ଧି ପାଇପାରେ। ଜାତିସଂଘ ତରଫରୁ ବସିଥିବା ଅନ୍ତର୍ଜାତୀୟ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ସମ୍ମିଳନୀରେ ନିଷ୍ପତ୍ତି ନିଆଗଲା ଯେ, ବିଶ୍ୱର ହାରାହାରି ତାପମାତ୍ରା ପ୍ରାକ୍ ଶିଳ୍ପ ବିକାଶଧାରାର ଉତ୍ତାପଠାରୁ ୨୦ ସେଣ୍ଟିଗ୍ରେଡ ତାପମାତ୍ରା ତଳକୁ ଖସାଇ ରଖିବାକୁ ପଡ଼ିବ। ପୃଥିବୀର ତାପମାତ୍ରା ବଢ଼ି ଭୂପୃଷ୍ଠକୁ ଉତ୍ତପ୍ତ କରିବା ସଙ୍ଗେ ସଙ୍ଗେ ସମୁଦ୍ରକୁ ବି ଉତ୍ତପ୍ତ କରୁଛି। ସମୁଦ୍ର ଜଳଭଣ୍ଡାର ସମ୍ପ୍ରସାରିତ ହୋଇ ଜଳପତ୍ତନ ବଢୁଛି। ଉତ୍ତରମେରୁ ଆର୍କଟିକ୍ ଓ ଦକ୍ଷିଣମେରୁ ଆଣ୍ଟାର୍କଟିକାରେ ରହିଛି ପରସ୍ତ ପରସ୍ତ ବରଫର ଦିଗନ୍ତବିସ୍ତାରୀ ଶୁଭ୍ର ଆବରଣ। ଆଟଲାଣ୍ଟିକ୍ ମହାସାଗରର ଦକ୍ଷିଣ ପଶ୍ଚିମକୁ ରହିଛି ବରଫାବୃତ୍ତ ଗ୍ରୀନ୍‌ଲାଣ୍ଡ ଦ୍ୱୀପ। ସମଗ୍ର ପୃଥିବୀର ଶତକଡ଼ା ୯୦ ଭାଗ ବରଫ ରହିଛି ଏହି ମେରୁ ଅଞ୍ଚଳରେ। ଆଉ ଶତକଡ଼ା ୧୦ ଭାଗ ବରଫ ରହିଛି ପୃଥିବୀର ବିଭିନ୍ନ ଦେଶର ଉଚ୍ଚ ପର୍ବତମାଳାର ଶିଖରରେ ରହିଥିବା ଗ୍ଲେସିୟର ଗୁଡ଼ିକରେ। ଉତ୍ତରମେରୁ ଅଞ୍ଚଳର ତାପମାତ୍ରା ବଢୁଛି। ଉତ୍ତରମେରୁ ଉପରକୁ ଘନୀଭୂତ ଥିବା ପୋଲାର ଆଇସ୍ କ୍ୟାପ୍ ତରଳିବା ଫଳରେ ଅଧିକ ସଂକୁଚିତ ହୋଇଗଲାଣି। ନାସା ଉତ୍ତୋଳିତ ସାଟେଲାଇଟ୍ ଚିତ୍ରରୁ ଜଣାପଡ଼େ ଉତ୍ତରମେରୁର ଚିର ବରଫାବୃତ୍ତ ଅଞ୍ଚଳ ୧୦ ବର୍ଷ ଭିତରେ ପ୍ରାୟ ଶତକଡ଼ା ୯ ଭାଗ ତରଳିଯାଇଛି । ତାପମାତ୍ରା ବୃଦ୍ଧି ଫଳରେ ଉତ୍ତରମେରୁର ଆଟଲାଣ୍ଟିକ୍ ମହାସାଗରରେ ରହିଥିବା ବରଫସ୍ତର ଯେତେ କ୍ଷେତ୍ର ମାଡ଼ି ବସିଥିଲା ତା'ଠାରୁ ବର୍ତ୍ତମାନ କମିଯାଇଛି। ଗ୍ଲାସିଅର ସମୁଦ୍ରକୁ ଚାଲିଆସି ଆଇସ୍‌ବର୍ଗରେ ପରିଣତ ହେବା ପ୍ରକ୍ରିୟାକୁ ଆଇସ୍ କାଭିଂ କୁହାଯାଏ। ଆଇସ୍‌ବର୍ଗ ସମୁଦ୍ରରେ କିଛି ଦିନ ଭାସ ତାପମାତ୍ରା ବୃଦ୍ଧି ପାଉଥିବା ଯୋଗୁ ସମୁଦ୍ର ଜଳରେ ସମ୍ପୂର୍ଣ୍ଣ ଭାବରେ ତରଳିଯାଇଥାଏ। ଏହି ପ୍ରକ୍ରିୟା ସମୁଦ୍ର ପତ୍ତନ ବଢ଼ାଇବାରେ ସାହାଯ୍ୟ କରିଥାଏ। ସମୁଦାୟ ଗ୍ରୀନ୍‌ଲାଣ୍ଡର ଜମାଟ ବାନ୍ଧିଥିବା ବରଫସ୍ତର ଯଦି ତରଳିଯାଏ ତେବେ ସମୁଦ୍ର ପତ୍ତନ ପ୍ରାୟ ୭ ମିଟର ବଢ଼ିଯିବ। ଏପରି ଅବସ୍ଥା ଯଦି ଆସେ ତେବେ ଲଣ୍ଡନ ଓ ଲସ୍‌ଏଞ୍ଜେଲ୍‌ସ ପରି ବଡ଼ ସହର ସମୁଦ୍ରରେ ବୁଡ଼ିଯିବ। ଆଣ୍ଟାର୍କଟିକାର ଉତ୍ତରକୁ ଲାଗିରହିଥିବା ଦକ୍ଷିଣ ମହାସାଗର ଏବେ ଅଧିକ ଉଷ୍ମ ହେବାରେ ଲାଗିଛି। ଏହି ମହାସାଗରରେ ବାୟୁ ପ୍ରବାହର ବେଗ ଓ ଦିଗରେ ପରିବର୍ତ୍ତନ ଓ ଆଣ୍ଟାର୍କଟିକାର ଉପରିସ୍ଥ ବାୟୁମଣ୍ଡଳ ଷ୍ଟ୍ରାଟୋସ୍ଫିଅରରେ ଗ୍ଲୋବାଲ୍ ୱାର୍ମି ଯୋଗୁ ସୃଷ୍ଟି ହୋଇଥିବା ଛିଦ୍ର ଓଜୋନ୍ ହୋଲ୍‌ର ଜଟିଳତା ଫଳରେ ଆଣ୍ଟାର୍କଟିକାର ସାମୁଦ୍ରିକ ବରଫସ୍ତରର କ୍ଷେତ୍ର ସାମାନ୍ୟ ବୃଦ୍ଧିପାଇଛି। ବିଗତ ୧୦୦୦ ବର୍ଷ ମଧ୍ୟରେ ବର୍ତ୍ତମାନର ଗ୍ଲୋବାଲ୍ ୱାର୍ମି ଯେ ଆଣ୍ଟାର୍କଟିକାରେ ବେଶି ମାତ୍ରାରେ ବରଫ ତରଳାଉଛି ତା'ର ପ୍ରମାଣ ମିଳିଛି ବ୍ରିଟିଶ ଆଣ୍ଟାର୍କଟିକା ସର୍ଭେ କରିଥିବା ଏକ ୩୬୪ ମିଟର ଡ୍ରିଲିଂ ଖନନରୁ, ଯେଉଁଥିରୁ ବରଫ ଖଣ୍ଡର ନମୁନା ବାହାରି ଆଣ୍ଟାର୍କଟିକାରେ ତାପମାତ୍ରାରେ ପରିବର୍ତ୍ତନର ତଥ୍ୟ ଯୋଗାଉଛି। ବରଫ ଗଦା ଉପରେ ଏହି ଗଭୀର ଡ୍ରିଲିଂ ବିଜ୍ଞାନ ଗବେଷଣାରେ ଏକ ମାଇଲଖୁଣ୍ଟ କହିବା ଯଥାର୍ଥ ହେବ। ଆଣ୍ଟାର୍କଟିକାର ଏକ ବୃହତ୍ ଜମାଟ ବାନ୍ଧିଥିବା ବରଫସ୍ତର ହେଉଛି ୱେଷ୍ଟ ଆଣ୍ଟାର୍କଟିକା ଆଇସ୍‌ସିଟ୍। ଯଦି ସମ୍ପୂର୍ଣ୍ଣ ଭାବରେ ତାପମାତ୍ରା ବୃଦ୍ଧିରେ ଏହା କେବେ ବିଗଳିତ ହୋଇଯାଏ ତେବେ ବିଶ୍ୱ ସମୁଦ୍ର ପତ୍ତନ ୬୧ ମିଟର ବଢ଼ିଯାଇପାରେ। ଏହି ରୋମାଞ୍ଚକାରୀ ସ୍ତୂପୀକୃତ ବରଫଗଦାରୁ ଯଦି ଖଣ୍ଡେ ବଡ଼ ଅଂଶ ବି ତରଳିଯାଏ ତାହାହେଲେ ତାହା ସମୁଦ୍ର ପତ୍ତନକୁ ୩ ରୁ ୬ ମିଟର ପର୍ଯ୍ୟନ୍ତ ବି ବଢ଼ାଇ ଦେଇପାରେ। ବୈଜ୍ଞାନିକମାନେ ଆକଳନ କରୁଛନ୍ତି ଯେ ଗ୍ରୀନ୍‌ଲାଣ୍ଡ, ଆଣ୍ଟାର୍କଟିକା, ଆଟଲାଣ୍ଟିକ୍ ଓ ପାର୍ବତ୍ୟ ଶିଖରର ଗ୍ଲେସିୟର ଗୁଡ଼ିକରେ ଜମାଟ ବାନ୍ଧିଥିବା ବରଫ ଯଦି ସବୁ ତରଳିଯାଏ ତେବେ ସମୁଦ୍ର-ପତ୍ତନ ପ୍ରାୟ ୮୦ ମିଟର ପର୍ଯ୍ୟନ୍ତ ଉପରକୁ ଉଠି ଯାଇପାରେ। ବର୍ତ୍ତମାନ ଅନ୍ତଃରାଷ୍ଟ୍ରୀୟ ଜଳବାୟୁ ପରିବର୍ତ୍ତନ ବିଶେଷଜ୍ଞ ମଣ୍ଡଳୀଙ୍କ ମତ ଅନୁସାରେ-ସମୁଦ୍ର ପତ୍ତନ ବର୍ଷକୁ ହାରାହାରି ୩.୨ ମିଲିମିଟର ହାରରେ ବଢୁଛି। ଅଧିକ କାର୍ବନ ଗ୍ୟାସ ନିର୍ଗମନ ଅଧିକ ସମୁଦ୍ର ପତ୍ତନ ବଢ଼ାଇବ। ଗ୍ଲୋବାଲ ୱାର୍ମି ଯୋଗୁ ସମୁଦ୍ର ପତ୍ତନ ବଢ଼ିଲେ ଉପକୂଳ ପ୍ରତି ବିପଦ ଆସିବ। ସାମୁଦ୍ରିକ ଘୂର୍ଣ୍ଣିଝଡ଼ର ସଂଖ୍ୟା ଓ ଭୟବହତା ଅଧିକ ବଢ଼ିଯିବ। ଅଧିକ ଉଚ୍ଚ ସମୁଦ୍ର ଢେଉ ଉପକୂଳ ଭିତରକୁ ବହୁଦୂର ପର୍ଯ୍ୟନ୍ତ ମାଡ଼ି ଆସିବ। ଏହା ସୃଷ୍ଟି କରିବ ପ୍ରଳୟଙ୍କରୀ ସାମୁଦ୍ରିକ ବନ୍ୟା। ଉପକୂଳର ଧନଜୀବନ ସମୁଦ୍ର ଗର୍ଭକୁ ଟାଣି ହୋଇଯିବ। ଏବେ ବିଭିନ୍ନ କାରଣରୁ ତଥା ଏବେ ଭୟାବହ କୋରୋନା ମହାମାରୀ ପାଇଁ ସାରା ବିଶ୍ୱରେ ପ୍ରତିଦିନ ହଜାର ହଜାର ଲୋକଙ୍କ ଜୀବନ ଯାଉଛି। ଏଭଳି ପରିସ୍ଥିତିରେ ବିଶ୍ୱ ତାପମାତ୍ରାର ଦ୍ୱିତୀୟ ବିପଦ ଆଣି ଆମ ସାମ୍ନାରେ ଠିଆ ହୋଇଛି। ଯଦି ଏବେଠୁ ପରିବେଶ ପ୍ରତି ଧ୍ୟାନ ଦିଆନଯାଏ ତେବେ ମାତ୍ର ଆଉ କିଛି ବର୍ଷ ଭିତରେ ମଣିଷ ସମାଜ ସମ୍ପୂର୍ଣ୍ଣ ଲୋପ ପାଇ ଯାଇପାରେ ବୋଲି ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ ।


ଅରଙ୍ଗାବାଦ, ବରୀ, ଯାଜପୁର

ମୋ: ୯୯୩୮୯୦୬୦୭୦




## ମନ୍ତେଇ

ଅରୁଣ କୁମାର ସାହୁ

ତୋ ଦେହେ ଭରା ଜୁଆର ଲୁଣିପାଣି ଜରଜର
ଶ୍ୱେଦାକ୍ତ ବାହୁ ବକ୍ଷ ନିତମ୍ବର ସ୍ୱର୍ଦ୍ଧିତ ଶୋଭାରାଶି ନେଇ
ଶୋଇଥାଉ ତୁ ଶ୍ୟାମାଙ୍ଗୀ ଦୀର୍ଘକାୟୀ ନାରୀ
କାମଜରଜର ଦିଗମ୍ବରୀ ଅପେକ୍ଷମାଣା ବାସର ରାତିର
ଏଇ ଏଇତ ରୂପଶୋଭା ଋତୁମ୍ବରା ଯୌବନର
ନିଷିଦ୍ଧ ଇଲାକାରେ ପସରା ଖୋଲିଛି
ଚିଙ୍ଗୁଡ଼ି ରଂଗର ମତ୍ସ୍ୟନାରୀ ଓଲଟ ଶୋଇଛି
ଛଳଛଳ କଳକଳ ମନ୍ତେଇ ବୋହୁଛି।

ତୋ ଦେହରେ ବିଦ୍ୟୁତ ସ୍ରୋତ ଥଣ୍ଡାଥଣ୍ଡା ଜ୍ୱର ଓ ଜୁଆର
ଜହ୍ନ କିରଣର ମାଦକତା ପାଣିରେ ମିଶେଇ
ନୀରବରେ ଏ ଘାଟରୁ ସେ ଘାଟ ହେଉଛି।
ତୋ ଦେହକୁ ଛୁଇଁଦେବା ପରେ
ମୋ ଦେହରେ ଭରାଭରା ଅସହ୍ୟ ଏ ତାତି
ଅସରନ୍ତି ପ୍ରେମ ଏଠି ଅସରନ୍ତି ନଈ
ଘାଟ ମାହାସୁଲ ଦେଇ ନଈପାରି ପରେ
ଭୂଲା ଘାଟରେକି ଆଉ ମନେରହେ କିଛି
ସବୁକଥା ହେଲେ କିନ୍ତୁ ଭୂଲିହୁଏ ନାହିଁ।

ତଥାପି ବି ମନତଳେ ଇତିହାସ ଲେଖି ହୋଇଯାଏ
ଏ ନଈରେ କେବେ ଦିନେ ମଧୁବାବୁ
ପଢିବାକୁ ଯାଇଥିଲେ କଲିକତା ଦେଶେ
ଗୋପବନ୍ଧୁ ସଙ୍ଗେ ଆସି ବାପୁ ଦିନେ
ବସିଥିଲେ ଏ ଗରୀବ ନଈର ତୀରରେ
ଚାରିବାଟିଆ ଘାଟ ସାକ୍ଷୀ ବର୍ଷବର୍ଷ ଧରି
ସାକ୍ଷୀ ବି ତିଷ୍ଠିରହିଛି ଇଂରେଜଙ୍କ ଇଟା ପୋଲ
ଇଂରେଜ କୋଠୀର ଗଦାଗଦା ଭଙ୍ଗା ଇଟା ସ୍ତୁପ
ସମୟ ବାଲିଚରରେ କୋଷ୍ଟକେନାଲ ପୋତିଗଲା
କ୍ଷୀଣ ସେ ସ୍ୱଜଳ ଧାରା ଆଜି ବି ବୋହୁଛି
ଷ୍ଟିମର ଟିକେଟ କେନ୍ଦ୍ର ସବୁ ଭାଙ୍ଗି ସରିଲାଣି
ଏ ନଈ ପାଣି ପୃଷ୍ଠରେ ପୃଷ୍ଠାପୃଷ୍ଠା ଇତିହାସ
ସମୟ ଉପରେ କେବେ ଲେଖି ହୋଇଥିଲା
ସେଇସବୁ ବିନ୍ଦୁବିନ୍ଦୁ ଜଳକଣା କଥା ଓ କବିତା
ଖିଆଲରେ ମିଶିଗଲାଣି କେବେ ସିନ୍ଧୁ ସପନରେ
ଏବେ ତ ଇତିହାସ ପୋତିଯାଇଛି
ମନ୍ତେଇର ମହଣ ମହଣ ପଙ୍କ ମାଟି ତଳେ
ସାତତାଳ ପାଣି ଏବଂ ଜଳ ସମାଧିରେ।

ଯୌତୁକ ଦାଉରେ ବୋହୂ ଲୋଡିଛନ୍ତି ତୋ କୋଳକୁ ଯେତେ
ତା'ଠାରୁ ଢେରେଢେରେ ଆସିଛନ୍ତି ମଗର ପାଟିରେ
ତୋ ପାଣିର ଆହୁଲାରେ ଫେରିବାର ଶବ୍ଦ କରି
ବିଦେଶ ଯାଇଥିବା ଦାଦନ ଶ୍ରମିକ
ଫେରିନାହିଁ ଆଉ କେବେ ଏ ନଈ ନାଆରେ
ତା' ଭାର୍ଯ୍ୟାର ଯୌବନ ଉଡିଗଲାଣି ଲୁଣି ପବନରେ।
କେତେକେତେ ପିଲାଦିନ ବତୁରୀଛି ତୋ ପାଣି ଛୁଆଁରେ
ଅସରନ୍ତି ପିଲାଦିନ ଉତୁରିଯାଇଛି

ଅନାବନା ଘାସବଣ ଓ ମଇଁଷି ପିଠିରେ
ଯୌବନର ଅସଂଖ୍ୟ ଲହଡି ଭାଙ୍ଗିଛି
ନଈପଠା କୁହୁଡିରେ ଅଦୃଶ୍ୟ ପହ୍ଲା
ଅବା ଶିଘ୍ର ଆସିଯାଇଥିବା ରାତ୍ରି ବାସନାରେ
ମାଛ କଙ୍କଡାର ଯୋଡା ଆଷାଢ ଏବଂ ଆମିଷ ବାସ୍ନାରେ।

ବର୍ଷବର୍ଷର ମହାନୀରବତା ପରେ ଫେରିଛି ମନ୍ତେଇ
ଫେରିଛି ସେ ଭୂଲା ଇତିହାସର ସବୁ ପୃଷ୍ଠା ଚିରିଦେଇ
ଭିନ୍ନ ଏକ ନଈ ଫେରିଆସିଛି ଅନ୍ୟ ଏକ ଭଗୀରଥ ସାଥେ
ଜୀବନ ଜଳଛବିର ନୌକା ପାରିଦେଇ
ସେ ଫେରିଛି ଗୌରହରି ଦାସଙ୍କର ବାଲ୍ୟ ସ୍ମୃତି ହୋଇ
ଫେରିଛି ସେ ଶ୍ରୀଗୋବିନ୍ଦ ଅକ୍ଷୟଙ୍କ କବିତା ଓ ବାଦଲ ଗପରେ
ସରୋଜ ବଳଙ୍କ ଅନାବନା କଥା ଏବଂ ଗୀତ ଟାଙ୍ଗୁଡିରେ।

ସିଏ ବି ଫେରି ଆସିଛି ଘାଟ ପରେ ଘାଟ ପାରିହୋଇ
ସାଥୀ ଓ ସାକ୍ଷୀ କରି ଆଣିଛି ବି
ଏକୁଟିଆ ନଈକୂଳେ ବର୍ଷବର୍ଷ ରାତି ଅଧରେ
ବିନା ମାସୁଲରେ ଘାଟଜଗିଥିବା ଝିଙ୍କାରୀ
ର ହୁଇସିଲ୍ ଶବ୍ଦ
ଲିଭା ଲଣ୍ଠନର କଳା କାଚ ଚାରିପାଖେ
ବୁଲୁଥିବା ଖଦ୍ୟୋତିକାର କ୍ଷୀଣ ଝିଣ ଆଲୋକ
ମୋ ବିଗତ ପ୍ରେମିକା ଗାଆଁର ବ୍ୟାକୁଳ ପବନ
ଏବଂ ଏମିତି ଅନାବନା ସାହାରା ନେଇ ଫେରିଛି ମନ୍ତେଇ
ଫେରିଛି ସେ ମୋ ପ୍ରାୟ ସମାପ୍ତ ଆୟୁଷ ଓ
ବାର୍ଦ୍ଧକ୍ୟର ରାଶିରାଶି ବ୍ୟାକୁଳତା ନେଇ।


ଡିଜିଏମ୍ (ନାଲକୋ)

(ମୋ) ୯୪୩୭୧୫୫୬୧୭









କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୪୩)

# ଫଲ୍‌ଗୁ ନଦୀରେ ସୀତାଙ୍କର ପିଣ୍ଡଦାନ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ବନବାସ କାଳରେ ରାମ ଲକ୍ଷ୍ମଣ ଓ ସୀତା ଠିକ୍ ପରିବ୍ରାଜକଙ୍କ ଜୀବନ ବଂଚୁଥିଲେ । ସେ କୌଣସି ଯାଗାରେ କୌଣସି ଦିନ ରହୁନଥିଲେ । ରତ୍ନାକର ଗର୍ଗବଟୁଙ୍କ ବାଲ୍ମୀକି ରାମାୟଣରେ କେବଳ ରାମ ଲକ୍ଷ୍ମଣ ଓ ସୀତାଙ୍କ କଥା ଲେଖା ହୋଇନି, ଭାରତବର୍ଷର ବିଭିନ୍ନ ପାହାଡ଼, ପର୍ବତ, ନଦ ନଦୀ ଓ ସ୍ଥାନମାନଙ୍କର ସୁନ୍ଦର ବର୍ଣ୍ଣନା ଅଛି ।

ଯାତ୍ରାରେ ଥିଲା ବେଳେ ରାମ ଲକ୍ଷ୍ମଣ ଜାନକୀ ଫଲ୍‌ଗୁ ନଦୀ କୂଳରେ ପହଂଚି ଯାଇଥିଲେ । ଶେଷରେ ରାମଙ୍କର ମନେ ପଡ଼ିଲା ଯେ ଆଜି ପିତାଙ୍କ ଇହତ୍ୟାଗ କରିବାର ଦିନ । ତେଣୁ ବଡ଼ ପୁଅ ହିସାବରେ ତାଙ୍କର ପିତୃଶ୍ରାଦ୍ଧ ଦେବା କଥା । ସେ ଏକଥା ଅନୁଜ ଲକ୍ଷ୍ମଣଙ୍କୁ କହିଲେ । ଲକ୍ଷ୍ମଣ ତତ୍‌କ୍ଷଣାତ୍ ପିତୃଶ୍ରାଦ୍ଧ ଲାଗି ଆବଶ୍ୟକ ଦ୍ରବ୍ୟ ଲାଗି ପାଖ ଗାଁକୁ ଭିକ୍ଷା କରିଗଲେ । ମାତ୍ର ସେଥିରେ ତାଙ୍କୁ ପିତୃଶ୍ରାଦ୍ଧ ଲାଗି ଯଥେଷ୍ଟ ପଦାର୍ଥ ମିଳିଲା ନାହିଁ । ତେଣୁ ଲଜ୍ଜା ବଶତଃ ଗ୍ରାମରୁ ଫେରିବାକୁ ସେ ଡେରିକଲେ ।

ଲକ୍ଷ୍ମଣଙ୍କ ଫେରିବା ବିଳମ୍ବ ହେବାରୁ ରାମ ଗ୍ରାମ ଅଭିମୁଖେ ଯାତ୍ରାକଲେ । ସୀତା ଫଲ୍‌ଗୁ ନଦୀ କୂଳରେ ଅପେକ୍ଷା କଲେ । ସମୟ ବିତିଗଲା । ରାମ ଲକ୍ଷ୍ମଣ ଗ୍ରାମରୁ ଫେରିଲେ ନାହିଁ । ସୀତା ଚିନ୍ତିତ ହୋଇ ପଡ଼ିଲେ । ପିତୃଶ୍ରାଦ୍ଧର ସମୟ ଉପଗତ । ସୀତା ବୁଝିପାରିଲେନି ସେ କଣ କରିବେ ?

ଶ୍ରାଦ୍ଧ ସମୟ ଉପଗତ ହୋଇ ଯାଇଥିବାରୁ ସୀତା ନଦୀ ଜଳରେ ପଶିଲେ । ସ୍ନାନ ସାରି ନଦୀ କୂଳରେ ଥିବା ବାଲି ଉପରେ ଜଳ ସିଂଚିଲେ । ଏକ ଶୁଖିଲା ଫଳକୁ ଭାଂଗି ସେଥିରେ ଦୀପ ଜାଳିଲେ । ଓଦା ବାଲିକୁ ପିଣ୍ଡ କରି ସେ ଏକାଗ୍ର ମନରେ ଦଶରଥଙ୍କ ଲାଗି ପିଣ୍ଡ ପ୍ରଦାନ କଲେ ଓ କହିଲେ ହେ ପିତୃଦେବ, ଯାହା ସମ୍ଭବ ସେ ସବୁ ମୁଁ ପିଣ୍ଡ ଆକାରରେ ଦେଉଛି । ଦୟାକରି ଗ୍ରହଣ କରନ୍ତୁ ।

ଆଶ୍ଚର୍ଯ୍ୟ କଥା । ଶୂନ୍ୟରୁ ଗୋଟିଏ ହାତ ଲମ୍ବି ଆସିଲା ଓ ସୀତାଙ୍କ ହାତରୁ ପିଣ୍ଡ ଗ୍ରହଣ କଲା । ସୀତା ଦେବୀ ଚମତ୍କୃତ ହେଲେ ଓ ସବିନୟେ ତାଙ୍କର ପରିଚୟ ପଚାରିଲେ ।



-ମୁଁ ମହାରାଜା ଦଶରଥ, ତୁମର ଶ୍ୱଶୁର । ଶୂନ୍ୟରୁ ଏ ବାଣୀ ଶୁଭିଲା । ଦଶରଥ ସୀତାଙ୍କୁ ଆଶୀର୍ବାଦ କଲେ ଓ ଅନ୍ତର୍ଦ୍ଧାନ ହୋଇଗଲେ । ପିଣ୍ଡ ଦେଇଥିବା କଥାକୁ ସତ୍ୟ ବୋଲି ଦେବୀ ସୀତା ପାଖରେ ଥିବା ଫଲ୍‌ଗୁ ନଦୀ, ଦୀପରେ ଜଳୁଥିବା ଅଗ୍ନି, ପାଖରେ ଥିବା ଗାଈ ଓ କେତକୀ ଫୁଲକୁ ସାକ୍ଷୀ ରଖିଲେ ।

ସୀତା ପିଣ୍ଡ ଦେଇ ସାରିବାର କିଛି ସମୟ ପରେ ରାମ ଓ ଲକ୍ଷ୍ମଣ ସେଠାରେ ପହଂଚିଲେ । ସୀତା ରାମଙ୍କୁ ପିଣ୍ଡ ଦେଇସାରିଥିବା କଥା କହିଲେ ଓ ଏକଥା ମଧ୍ୟ କହିଲେ ଯେ ମହାରାଜା ଦଶରଥ ହାତ ବଢ଼େଇ ପିଣ୍ଡ ଗ୍ରହଣ କରିଛନ୍ତି ।

ସୀତାଙ୍କ କଥାକୁ ରାମ ବିଶ୍ୱାସ କଲେନି । ସେ ଏକଥା ଲକ୍ଷ୍ମଣଙ୍କୁ କହି ହସିଲେ । ମାତ୍ର ମାତା ସୀତାଙ୍କୁ ଅବିଶ୍ୱାସ କରିବାର କିଛି କାରଣ ନାହିଁ ବୋଲି ଲକ୍ଷ୍ମଣ କହିଲେ ।

ନିଜ କଥାର ସତ୍ୟତା ପ୍ରମାଣ କରିବାକୁ ସତୀ ସୀତା ସେ ସାକ୍ଷୀ ରଖିଥିବା ଫଲ୍‌ଗୁ ନଦୀ, ଅଗ୍ନି, କେତକୀ ଫୁଲ ଓ ଗାଈଙ୍କୁ ସତ କହିବାକୁ ଆହ୍ୱାନ କଲେ । ମାତ୍ର ସେମାନେ ସମସ୍ତେ ଚୁପ୍ ରହିଲେ ।

ଏହି ସବୁ ଦ୍ୱନ୍ଦ୍ୱ ଭିତରେ ଶୂନ୍ୟର ଦଶରଥଙ୍କ ସ୍ୱର ଶୁଭିଲା ଓ ସେ ପିଣ୍ଡ ପାଇଛନ୍ତି ବୋଲି କହିଲେ । ତଥାପି ରାମଚନ୍ଦ୍ରଙ୍କର ବିଶ୍ୱାସ ହେଲାନି । ଶେଷକୁ ସୂର୍ଯ୍ୟ ଦେବତା ଯିଏ ସବୁ ଦେଖିଛନ୍ତି, ରାମଙ୍କ ସାମ୍ନାକୁ ଆସିଲେ ଓ ସୀତା ପିଣ୍ଡ ଦେଇ ସାରିଛନ୍ତି ବୋଲି କହିଲେ । ତା'ପରେ ରାମ ସୀତାଙ୍କର ପ୍ରଶଂସା କଲେ ।

ଫଲ୍‌ଗୁ ନଦୀ, ଗାଈ, କେତକୀ ଫୁଲ ଓ ଅଗ୍ନିଙ୍କ ଆଚରଣରେ କ୍ଷୁବ୍ଧ ହେଲେ ମା ସୀତା । ସେ ସେମାନଙ୍କୁ ଅଭିଶାପ ଦେଲେ । ଫଳରେ ଫଲ୍‌ଗୁ ନଦୀ ପାତାଳଗାମୀ ହେଲା, ଗାଈ ଉଚ୍ଛିଷ୍ଟ ଭକ୍ଷଣ କଲା, ଅଗ୍ନି ସର୍ବ ଭକ୍ଷଣ କଲେ ଓ କେତକୀ ଫୁଲ ଶିବଙ୍କ ପୂଜାରେ ଲାଗିଲା ନାହିଁ ।

ଫଲ୍‌ଗୁ ନଦୀ ଗାଈ, କେତକୀ ଫୁଲ ଓ ଅଗ୍ନି ଦୁଃଖରେ ରାମଙ୍କ ଆଗରେ ପହଂଚିଲେ ଓ ସୀତାଙ୍କ ଅଭିଶାପ କଥା କହିଲେ । ଦୟାଳୁ ଶ୍ରୀରାମ ସେମାନଙ୍କ ଶାପକୁ ସାମାନ୍ୟ ଲାଘବ କଲେ ।

ଫଳରେ ଅଗ୍ନି ଅଶୁଚିରେ ଥାଇ ମଧ୍ୟ ପବିତ୍ର ହୋଇବେ । ଗାଈର ମୁଖ ଅପବିତ୍ର ହେଲେ ମଧ୍ୟ ତାର ମଳମୂତ୍ରକୁ ପବିତ୍ର ବୋଲି ଗ୍ରହଣ କରାଯିବ । ଫଲ୍‌ଗୁ ନଦୀ ବର୍ଷା ଦିନରେ ଦୃଶ୍ୟମାନ ହେବେ । ଅନ୍ୟ ଦିନମାନଙ୍କରେ ଅଦୃଶ୍ୟ ରହିବେ । ଶେଷକୁ ଶ୍ରୀରାମ କେତକୀ ଫୁଲକୁ କହିଲେ ପବିତ୍ର ଶିବ ରାତ୍ରିଦିନ କେତକୀ ଫୁଲରେ ପୂଜା ପାଇବେ ମହାଦେବ ।

ରାମାୟଣ ଯୁଗର କଥା । ଏ ପର୍ଯ୍ୟନ୍ତ ମଧ୍ୟ ସେହିପରି ବିଚାର ଆମ ସମାଜରେ ପ୍ରଚଳିତ । ସେଦିନ ଏଇଠି ରାମାୟଣ କଥା ରଖିଲେ ମିନା ଅପା । (କ୍ରମଶଃ)

ମୋ: ୯୯୩୮୦୩୦୦୭୫୧

---

## କବିତା
ତୁମ ପାଇଁ

### ଆସିବ ବରଷାରାଣୀ
**ସୁଧାକର ରାଉତ**

ବରଷା ରାଣୀ ଆସିବ
ଟପର ଟପର ବର୍ଷିବ
ନର ପଶୁ ପକ୍ଷୀ କୀଟ ତରୁଲତା
ମୁହଁରେ ହସ ଫୁଟାଇବ।

ମାଟି ମା ଆଉ ନ କାନ୍ଦିବ
ତାତିରୁ ସେ ରକ୍ଷା ପାଇବ
ବରଷାର ଧାରା ତା ଦେହ ଛୁଇଁଲେ
ଶୀତଳତା ସିଏ ଲଭିବ ।

ସବୁଜ ଶାଢ଼ୀ ସେ ପିନ୍ଧିବ
ଆହାକି ସୁନ୍ଦର ଦିଶିବ
ଆକାଶରେ ମେଘ ମାଳା କୁ ଚାହିଁଣ
ଧନ୍ୟବାଦ ସେ ଜଣାଇବ ।

ବେଙ୍ଗ ସ' ବେଙ୍ଗୁଲି ନାଚିବ
ପୋଖରୀରେ ସଭା ହୋଇବ
କେଁ କଟର ସ୍ୱାଗତ ସଙ୍ଗୀତରେ
ଚାରିଆଡେ ଖାଲି କମ୍ପିବ ।

ଚାଷୀ କେଡ଼େ ଖୁସି ହୋଇବ
ଚାଷେ ତା ମନ ଲଗାଇବ
ବରଷାକୁ ସିଏ ଖାତିର ନ କରି
ଫସଲ ସେ ଉପୁଜାଇବ ।

କାଗଜର ଡଙ୍ଗା ହୋଇବ
ବରଷା ଧାରରେ ଭାସିବ
କୁନା କୁନି ଦୁହିଁଙ୍କ ଚଞ୍ଚଳ ମନେ
ଆନନ୍ଦର ଢେଉ ଖେଳିବ ।

କଥାଟିଏ ପିଲା ଶୁଣିବ
ପରିବେଶ ସୁସ୍ଥ ରଖିବ
ତେବେ ସିନା ଠିକ ସମୟେ ମୌସୁମୀ
ଆସିଣ ଖୁସିରେ ବର୍ଷିବ ।

ପ୍ରତାପ ନଗରୀ, କଟକ
ମୋ ୮୨୪୯୯୩୨୭୯୨

### ପିମ୍ପୁଡ଼ି ଭାଇ
**ଅଶୋକ କୁମାର ପ୍ରଧାନ**

ପିମ୍ପୁଡ଼ି ଭାଇରେ ପିମ୍ପୁଡ଼ି ଭାଇ
ଯାଉଅଛୁ କହ କୁଆଡ଼େ ଧାଇଁ
ହାଲିଆ ନ ହୋଇ ତିଳେ
ଜାଣୁ ତୁ କେମିତି ଏତେ ଖାଦ୍ୟ ଶସ୍ୟ
କେଉଁଠି କେଉଁଠି ମିଳେ।

ଯେତେବେଳେ ମୁଁ ଦେଖିଛି ତୋତେ
କେତେ ଖୁସି ସତେ ଲାଗଇ ମୋତେ
କହିବି କେମିତି ମୁଁ
କି ଖରା ବରଷା ଶୀତକୁ ନଡରି
କାମେ ଲାଗିଥାଉ ତୁ।

ଛୋଟ ଜୀବ ସିନା ନାହିଁ ତୋ ଡର
ମାଟିତଳେ ତୁ କରୁଛୁ ଘର
ଭୟ ଲାଗୁନି କି ତୋତେ
ତୋ ଘର ତିଆରି କଉଶଳ ଦେଖି
ଚକିତ ଲାଗେ ରେ ମୋତେ।

ସାରା ଜଗତକୁ କହୁ ତୁ କଥା
ଉଚ୍ଚ କର ପିଲେ ତୁମରି ମଥା
କରମ କରି କି ଚାଲ
କାମ କରିଥିଲେ ଫଳ ମିଳିବରେ
ସେ କଥା ମନୁ ନ ଭୁଲ।

ତୋ ଠାରୁ ଶିଖି ମୁଁ ଶୃଙ୍ଖଳା ଜ୍ଞାନ
କାମ ବି କରୁଛି ଲଗାଇ ଧ୍ୟାନ
ହାରୁନି ମନରେ ଆଉ
ଭାବିଛି ତୋ ପରି ଭଲ କାମ କରି
ଜୀବନ ମୋହର ଯାଉ।

ଶିକ୍ଷକ
ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ ,ଗଞ୍ଜାମ
ମୋ-୮୨୪୯୧୧୯୧୩୦

### ବଗିଚାଟା ଆମରି ଭାରି ସୁନ୍ଦର
**ଜିନାତମାମ୍ ଦର୍ଜୀ**

ବଗିଚାଟା ଆମରି ଭାରି ସୁନ୍ଦର......
ଫୁଲ ଫୁଟି ଥିଲା କେତେରଙ୍ଗ ନେଇ,
କେତେ ଯେ କେତେ
ଛୁଟି ଯାଉଥିଲା କହର........

ମାମା ଆମ ବୁଲୁ ଥିଲା ତା ଭିତର.....
ପ୍ରଜାପତି ଟିଏ ଉଡୁଥିଲା ସେଠି,
ଛିଟ ଡେଣା ତା
ଦିଶୁଥିଲା କେତେ ସୁନ୍ଦର.......

ଦେଖି କହେ ମାମା ଧରିବି ଏହାକୁ.....
ଭାରି ମଜା ହେବ ଖେଳ ଜମିଯିବ,
ସାଥି ମେଳ ରେ
ଖୁସି ହେବେ ଦେଖି ଏହାକୁ.......

ବଉ ଗାଳି କଲା ଧରନିରେ ମାମା.....
ଡେଣା ଛିଣ୍ଡି ଯିବ କଷ୍ଟ ଭାରି ହେବ,
କାନ୍ଦିବ ସିଏ
ସହି ପାରିବନିରେ ଜମା.......

ମାମାଟି ଆମର ବୁଝିବା ପିଲାରେ.....
କଥା ମାନେ ସିଏ ଦୁଷ୍ଟ ହୁଏ ନାହିଁ,
ଧରିଲାନି ତାକୁ
ଉଡେ ପ୍ରଜାପତି ଖୁସି ରେ.......

ମୋ -୮୦୧୮୮୦୭୧୫୩



---



**ବିନୟ କୁମାର ଦାସ**

# ବାପା ବୁଝାଇ ଦେଲେ



'ବାପା...ଏ କିଚିରିମିଚିରି କଣ କି ?'

'କିଚିରିମିଚିରି ହେଉଛି ଚଢେଇମାନଙ୍କର ମିଳିତ ଗୀତ ।'

'ସତରେ ତାହା କଣ କୁହନା । ମୋର ଜାଣିବା ପାଇଁ ବହୁତ ଇଚ୍ଛା ହେଉଛି ।'

'କିରେ କହିଲି ପରା ।'

'ହୁଁ..ମୋତେ ମିଛ କହୁଚ ତୁମେ । ଚଢେଇମାନେ କଣ ଗୀତ ଗାଆନ୍ତି କି ?'

'ହଁ, ସେମାନେ ଗାଆନ୍ତି । ସେମାନଙ୍କ ରାବ ରେ ଏକ ଭିନ୍ନତା ଥାଏ । ଆମେ ତାକୁ କିଚିରିମିଚିରି କହୁ ।'

'ହେଲେ ବାପା, ମୁଁ ତ କାହିଁ ସେମିତି କେବେ ଶୁଣି ନାହିଁ ।'

'କେମିତି ଶୁଣିବୁ ? ଆମେ ପରା ସହରରେ ରହୁଛୁ । ଏଠାରେ କଣ ଚଢେଇ ଅଛନ୍ତି କି ? ଥିଲେ ସିନା କେମିତି ସକାଳ ହେବା ମାତ୍ରେ ଏକା ସାଙ୍ଗରେ ରାବନ୍ତି, ତୁ ଶୁଣି ପାରନ୍ତୁ । ତାହାକୁ କାକଳି ବି କୁହାଯାଏ ।'

'ତୁମେ ସେ କାକଳି ଶୁଣିଚ ବାପା ?'

'କି କଥା କହୁଚୁ ରେ ମୁନ୍ନା ? ମୁଁ ପରା ଗାଁ ରେ ରହୁଥିଲି । ସକାଳ ନ ହେଉଣୁ ବିଭିନ୍ନ ଜାତିର ଚଢେଇ ଏତେ ଜୋରରେ କିଚିରି ମିଚିରି ହୁଅନ୍ତି ଯେ ଆମ ନିଦ ଭାଙ୍ଗି ଯାଏ । ସେ ଶବ୍ଦ ଖୁବ୍ ସୁନ୍ଦର ଲାଗେ କାନକୁ ।'

'ବାଃ ବଢିଆ ତ ! ତେବେ ବାପା ସେ ଚଢେଇମାନେ ଏ ସହରରେ ରହୁନାହାନ୍ତି କାହିଁକି ?'

'ଭଲ କଥାଟିଏ ପଚାରିଲୁ । କଥା କଣ କି ଚଢେଇମାନେ ହେଲେ ପ୍ରକୃତି ର ସ୍ୱାଧୀନ ଜୀବ । ମୁକ୍ତ ପରିବେଶ, ଖୋଲା ଆକାଶ, ଖୋଲା ପବନ ରେ ସେମାନେ ରହିବାକୁ ଭଲ ପାଆନ୍ତି । ପାଚିଲା ଫଳ, କୋଳି, ଛୋଟଛୋଟ କୀଟପତଙ୍ଗ, ଝିଂଟିକା ଖାଇ ସେମାନେ ନିର୍ଭୟରେ ଗାଁ ରେ ବାସ କରନ୍ତି । ଗାଁ ଲୋକେ ବି ସେମାନଙ୍କୁ ଖୁଦ, ଚାଉଳ, ଧାନ, ଭାତ, ରୁଟି ଖଣ୍ଡ ଇତ୍ୟାଦି ଖାଇବାକୁ ଦିଅନ୍ତି । ଏଠି ସହର ରେ ସେତକ ସେମାନେ ପାଇବେ କେମିତି ? ସହର ରେ ତ କେହି ଜଣେ ଚଢେଇଟିଏ ଦେଖିଲେ ତାକୁ ଟେକା ମାରୁଛନ୍ତି । କେହି ଖାଇବାକୁ ଦିଅନ୍ତି ନାହିଁ । ଗଛ ତ ନାହିଁ ଏଠି..ସେମାନେ ବସିବେ କୋଉଠି ? ବସା ଦେବେ କୋଉଠି ? ସହରୀ ଲୋକେ ଭାରି ନିର୍ଦ୍ଦୟ ।'

'ଇଏ କିନ୍ତୁ ଜମା ଭଲ କଥା ନୁହେଁ । ସେମାନେ ବି ପ୍ରାଣୀ...ଭଗବାନ ସେମାନଙ୍କୁ ବି ଗଢିଛନ୍ତି । ସେମିତି ବ୍ୟବହାର କରିବା ଆମର ଉଚିତ ନୁହେଁ ।'

'ଠିକ୍ କହିଛୁ ତୁ । ଏତକ ସମସ୍ତେ ବୁଝିଲେ ସିନା । ତେବେ କିଛି ଭଲ ଲୋକ ଅବଶ୍ୟ ଆମ ସମାଜରେ ଅଛନ୍ତି, ଯେଉଁମାନେ ପ୍ରତିଦିନ ନିଶ୍ଚିତ ଭାବରେ ପଶୁପକ୍ଷୀଙ୍କୁ କିଛି ନା କିଛି ଖାଇବାକୁ ଦେଇଥାନ୍ତି । ସେମାନେ କେମିତି ଭଲରେ ରହିବେ ସେ କଥା ବି ଚିନ୍ତା କରନ୍ତି । ମୋର ମନେ ପଡୁଛି ଏଇ କିଛିଦିନ ତଳେ ଖବରକାଗଜରେ ବାହାରିଥିଲା, ତାମିଲନାଡୁ ର ଏକ ଗାଁ ରେ ଗୋଟିଏ ବିଦ୍ୟୁତ ଯୋଗାଣ କେନ୍ଦ୍ର ର ମେନ୍ ସୁଇଚ୍ ଉପରେ ଗୋଟିଏ ଚଢେଇ ତାର ବସା ଦେଇଥିଲା । ଗ୍ରାମବାସୀ ତାହା ଦେଖିଲେ । ସେମାନେ ଚିନ୍ତା କଲେ ଏହି ବସାରେ ଚଢେଇଟି ଅଣ୍ଡା ଦେଇଛି ମାନେ କିଛିଦିନ ପରେ ସେଥିରୁ ଛୁଆ ବାହାରିବ । କିନ୍ତୁ ବିଦ୍ୟୁତ ସରବରାହ ହେଲେ ସୁଇଚ୍ ନିଶ୍ଚୟ ଗରମ ହୋଇଯିବ । ତେଣୁ ସ୍ଥିର କଲେ ଯେତେଦିନ ଯାଏ ସେଇ ଚଢେଇ ର ଛୁଆ ବଡ ହୋଇ ଏଠାରୁ ଉଡି ଯାଇ ନାହାନ୍ତି, ସେତେଦିନ ସେମାନେ ବିଜୁଳି ବ୍ୟବହାର କରିବେ ନାହିଁ । ସେୟା କଲେ ବି । ସେମାନେ ପ୍ରାୟ ଗୋଟିଏ ମାସ ସେମିତି ଅନ୍ଧାର ରେ ରହିଲେ ।'

'ବାଃ ଭାରି ଭଲ କଥା ତ !'

'ଆଉ ଗୋଟେ କଥା ବି ମନେ ପଡିଯାଉଛି ।'

'କଣ , ମୋତେ ବି କୁହନା ବାପା ।'

'ଜଣେ କର୍ମଜୀବୀ ଭଦ୍ରମହିଳାଙ୍କ ଦେହ ଅସୁସ୍ଥ ହେଲା । ସେ ପ୍ରାୟ ଗୋଟିଏ ମାସ ଛୁଟିରେ ରହିଲେ । ସୁସ୍ଥ ହେବା ପରେ ନିଜର କର୍ମକ୍ଷେତ୍ରରେ ଯୋଗ ଦେବା ପାଇଁ ବାହାରିଲେ । ସେ ପ୍ରତିଦିନ ପାଖାପାଖି ଆଠ କିଲୋମିଟର ବାଟ ନିଜ କାର ରେ ଯାଆନ୍ତି । ସେଦିନ ଗ୍ୟାରେଜକୁ କାର୍ ବାହାର କରିବା ପାଇଁ ଦେଖିଲେ, କାରର ପଛଚକ ପାଖରେ ଗୋଟିଏ ଚଢେଇ ବସା କରିଛି । କାରଟି କିଛି ଦିନ ବ୍ୟବହାର କରା ଯାଇ ନଥିବାରୁ ନିରାପଦ ସ୍ଥାନ ଭାବି ଚଢେଇଟି ବସା ଦେଇସାରିଛି । କାର ଆଉ ସେଠାରୁ ବାହାର କରିବା ସମ୍ଭବ ନଥିଲା । ସେ ଚଢେଇଟି ଏକ ବିରଳ ପ୍ରଜାତି ର ଚଢେଇ ଥିଲା । କେତେ ଦିନପରେ ତା ଅଣ୍ଡାରୁ ଛୁଆ ବାହାରେ, ସେତକ ସେ ଜାଣି ନଥିଲେ । ତେଣୁ ଜଣେ ପକ୍ଷୀବିଶେଷଜ୍ଞଙ୍କୁ ପଚାରି ବୁଝିଲେ ଯେ ଦେଢମାସ ପରେ ତା ଅଣ୍ଡାରୁ ଶାବକ ବାହାରିବେ । ଜାଣିଛୁ...ସେତିକି ଦିନ ସେ ଭଦ୍ରମହିଳା ପ୍ରତିଦିନ ଚାଲି ଚାଲି ନିଜ ଅଫିସ କୁ ଗଲେ ।'

'ତୁମେ କଣ କହୁଚ ବାପା...ସାମାନ୍ୟ ଚଢେଇଟି ପ୍ରତି ତାଙ୍କର ଏତେ ଦୟା !'

'ବିଦେଶରେ ବେଳେବେଳେ ରାସ୍ତା ଅତିକ୍ରମ କରନ୍ତି କିଛି ବତକଦଳ..... ସେମାନେ ରାସ୍ତା ଅତିକ୍ରମ କରୁଥିବା ସମୟ ରେ ରାସ୍ତାରେ ଗାଡି ଚଳାଚଳ ବନ୍ଦ ହୋଇଯାଏ । ସେମାନେ ରାସ୍ତା ଅତିକ୍ରମ କଲା ପରେ ପୁଣି ଗାଡି ଚଳାଚଳ ହୁଏ । ତୋତେ ଏତେସବୁ କଥା କହିବା ମାନେ, ଆମେ ପଶୁପକ୍ଷୀଙ୍କୁ ସଦା ସଦୟ ହେବା ଉଚିତ । ତାହାଲେ ସେମାନେ ନିର୍ଭୟରେ ପ୍ରକୃତି କୋଳରେ ବଂଚିପାରିବେ..ଆମ ପାଇଁ ସକାଳେ ଗୀତ ଗାଇବେ । ସେମାନଙ୍କର ସେଇ କିଚିରିମିଚିରି ଶବ୍ଦ ଆମକୁ ସତେଜ କରାଇ ଦେବ । ତେଣୁ ତୋତେ କହି ଦେଉଛି, କେବେ ବି ତୁ ଭୁଲରେ କୌଣସି ଚଢେଇକୁ ଟେକା ମାରିବୁ ନାହିଁ । ସେମାନଙ୍କୁ ସ୍ନେହ କରିବୁ । ସେମାନେ ଭଲରେ ବଂଚିଲେ ଆମେ ବି ଭଲରେ ବଂଚି ପାରିବୁ ।'

'ତୁମେ ଠିକ୍ କଥା ମୋତେ ବୁଝାଇ ଦେଇଛ ବାପା...ମୁଁ ତୁମର ଏ କଥାକୁ ଅକ୍ଷରେ ଅକ୍ଷରେ ମାନିବି ।'

ବାପା ଖୁସି ହୋଇଗଲେ ମୁନ୍ନାର କଥା ଶୁଣି ଆଉ ତାକୁ କୋଳେଇ ନେଇ ତା କପାଳରେ ଚୁମାଟିଏ ଦେଲେ ।

ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୧

---



# ପରୀ ଓ ମାଉଥ ଅର୍ଗାନ

**ନଗେନ୍ଦ୍ର ନାଥ ପଟ୍ଟନାୟକ**



ରାକ୍ଷାସଟି ସବୁବେଳେ ପରୀ ପିଛା କରୁଥାଏ । ଭିତରି ଉଦ୍ଦେଶ୍ୟ ଥାଏ ତାର ପାଣନାଶ କରିବା । ରାକ୍ଷାସ ଦିନେ ପରୀ ପାଖକୁ ଝପଟିଆସି କହିଲା -ସଦାବେଳେ ତୁ କାଇଁ ମତେ ହତାଶ କରୁଛୁ ଅନ୍ୟମାନଙ୍କ ସାମନାରେ ? ପରୀଟି ଜବାବ ଦେଲା -ମୁଁ ସର୍ବଦା ସୁଖ ଆନନ୍ଦ ପ୍ରସାର କରି ଅନ୍ୟମାନଙ୍କୁ ସୁଖୀ କରାଏ । ମୁହଁରେ ଦୁଷ୍ଟହସ ଫୁଟାଇ ରାକ୍ଷାସ ଚଢା ଗଳାରେ କହିଲା -ହେଲେ ତୁ ଏବେ ମୋ ହାବୁଡରୁ ଖସି ପାରିବୁନି । ମୁଁ ତୋତେ ଗୋଟେ ମାଉଥ ଅରର୍ଗାନରେ ପରିଣତ କରିଦେବି । ଏତକ କହିସାରି ରାକ୍ଷାସ କିଛି ମନ୍ତ୍ର ଉଚ୍ଚାରଣ କଲା । ବିଚରା ପରୀଟି ଆଖି ପିଛୁଳାକେ ଗୋଟେ ମାଉଥ ଅର୍ଗାନରେ ପରିଣତ ହୋଇଗଲା । ତହୁଁ ରାକ୍ଷାସ ମୁହଁରେ ବିକଟାଳ ହସ ଫୁଟାଇ କହିଲା -ତୁ ଏବେ ପୃଥିବୀକୁ ଯା, ସେଇଠେ ବେକାର ହୋଇ ପଡିରହିବୁ । ଏଇ ପଦକ କହି ସେ ସଙ୍ଗେ ସଙ୍ଗେ ମାଉଥ ଅର୍ଗାନଟିକୁ ଧରି ଖୁବ୍ ଜୋରରେ ଫିଙ୍ଗିଦେଲା । ମାଉଥ ଅର୍ଗାନ ବିଚରା ରସ୍ତା କଡକୁ ଲାଗି ଗୋଟିଏ ହୋଟେଲ ସାମନାରେ ଯାଇ ପଡିଲା ।

ହୋଟେଲ ଭିତରେ ଦୁଇଜଣ ଯୁବକ ଏକାଠି ବସି ମଧ୍ୟାହ୍ନ ଭୋଜନ ଖାଉଥାନ୍ତି । ସେମାନଙ୍କ ଭିତରୁ ଜଣେ ଅନ୍ୟ ଜଣକୁ କହୁଥାଏ -ତୁ ଆଉ କଣ ଚାହୁଁଛୁ ?

କିଛି ଚାହୁନି । ପ୍ରକୃତରେ ଭାରି ସୁଆଦିଆ । ଅନ୍ୟ ଯୁବକ ଜଣକ ଉତର ଫେରାଇଲା ।

ଦୁହେଁଯାକ ଏକାବେଳକେ ଉଠିଲେ । ଏଣେ ହୋଟେଲ ପିଲାଟି ହାତରେ ବିଲ୍‌ଟେ ଧରି ଜଣକ ପାଖକୁ ଆସି କହିଲା - ସାର୍, ହେଇ ନିଅନ୍ତୁ ଏ ବିଲଟି । ଯୁବକଟି ହଠାତ୍ ବଡ ପାଟିକଲା -'ବିଲ୍, କି ବିଲ୍' ସାର୍ ! ଏଇଲେ ପରା ଆପଣ ଦୁହେଁ ମଧ୍ୟାହ୍ନ ଭୋଜନ ଖାଉଥିଲେ ।' ହାଟେଲ ପିଲାଟି ଧୀର ଗଳାର କହିଲା । 'ତୁ କଣ ଜାଣିନୁ ମୁଁ ଜଣେ ପ୍ରଭାବଶାଳୀ ମନ୍ତ୍ରୀଙ୍କ ପୁଅ ବୋଲି ।' ଏତକ କହି ସେ ତା ଗାଲରେ ଶକ୍ତ ଚଟକଣିଟେ କଷିଦେଲା । ହୋଟେଲ ପିଲାଟି ହୋଟେଲ ବାହରକୁ ଦଉଡିଗଲା । ଖୋଜାଖୋଜି କରି ବଡ ପଥର ଖଣ୍ଡେ ଆଣି ମନ୍ତ୍ରୀ ପୁଅର ମୁଣ୍ଡରେ ବାଡେଇ ଦେବା ଉଦ୍ଦେଶ୍ୟରେ । କିନ୍ତୁ ପଥର ଖଣ୍ଡ ଖୋଜିଲା ବେଳେ ଗୋଟିଏ ଖୁବ୍ ସୁନ୍ଦର ମାଉଥ ଅର୍ଗାନ ଉପରେ ତାର ନଜର ଲାଖିଗଲା । ସଙ୍ଗେ ସଙ୍ଗେ ସେଟାକୁ ହାତରେ ତୋଳିଧରି କୌତୂହଳବଶତଃ ବଜେଇବାରେ ଲାଗିଲା । ଚାହୁଁ ଚାହୁଁ ଆନନ୍ଦ ଗୀତର ସ୍ୱର ଝଙ୍କାର ତା ହୃଦୟରେ ଶାନ୍ତି ଭରିଦେଲା । ସେ ଅନୁଭବ କଲା ତାର ରାଗ ସବୁ ଯେମିତି ଉଭେଇଯାଇଛି । ଏ ଭିତରେ ହୋଟେଲ ସାନ ପିଲାଟି ଦେଖିଲା ତା ସହିତ ଯୁକ୍ତି କରୁଥିବା ସେ ଗ୍ରାହକଙ୍କ ମୋଟର ସାଇକେଲଟି କେହି ଜଣେ ଅଜଣା ବ୍ୟକ୍ତି ଟାଣି ଭିଡିବାକୁ ଚେଷ୍ଟା କରୁଛି । ପିଲାଟି ସେ ଆଡକୁ ଛୁଟିଯାଇ କହିଲା -କେହିଜଣେ ତୁମ ମୋଟର ସାଇକେଲ ଖଣ୍ଡିକ ଚୋରି କରୁଛି । କଣ ହେଲା କହି ଉଭୟ ହୋଟେଲ ବାହରକୁ କ୍ଷେପିଗଲେ । ବାଳକଟି ବଡ ପାଟିରେ ଚିଲେଇଲା -ହାଁ ହାଁ ତୁ କଣ କରୁଛୁ ? ଏହାପରେ ଚୋର ଜଣକ ସାଏଁକିନା ପବନ ବେଗରେ ଦୌଡି ପଳାଇଗଲା ଓ ଆଖି ପିଛୁଳାକେ କୁଆଡେ ଅଦୃଶ୍ୟ ହୋଇଗଲା । ଯାପରେ ମନ୍ତ୍ରୀ ପୁଅ ହୋଟେଲର ସାନ ପିଲାଟି ପାଖକୁ ଆସିଲା ଓ ତାକୁ କୁଣ୍ଢାଇ ପକାଇଲା । ପକେଟ ଅଣ୍ଡାଳି ହଜାରେ ଟଙ୍କା ପିଲାଟି ହାତରେ ଧରାଇ ଦେଇ କହିଲା -ହେ ମୋ କୁନି ସାଙ୍ଗ, ଏଟାକୁ ନେଇ ରଖିଦେ । ପିଲାଟି ଖିଲିଖିଲି ହେଇ ହସିଲା ଓ ହୋଟେଲ ଭିତରେ ପଶିଗଲା । ମାଉଥ ଅର୍ଗାନଟି ଟେବୁଲ ଉପରେ ରଖି ନିଜ କାମରେ ମଜ୍ଜିଗଲା । ରାକ୍ଷାସଟି ଅନତି ଦୂରରେ ଅବସ୍ଥିତ ଉଆସ ଭିତରୁ ଏ ସବୁ ଦୃଶ୍ୟକୁ ଆଖି ପୂରେଇ ନିରେଖି ଦେଖୁଥିଲା । ରାକ୍ଷାସ ଭାବିଲା ମୁଁ ସେଟାକୁ ପାଣିଭରା ନଦୀରେ ଫିଙ୍ଗିଦେବି । ନଇଲେ ଇଏ ଚାରିଆଡେ ସୁଖ ଆନନ୍ଦ ପ୍ରସାର କରିବ । ତା ପରେ ସେ ସେଠାକୁ ଯାଇ ମାଉଥ ଅର୍ଗାନଟି ଉଠେଇ ଆଣିଲା । ଫେରିବା ବାଟରେ ସେ ମାଉଥ ଅର୍ଗାନ ନ ବଜାଇ ରହିପାରିଲା ନାହିଁ । ସେ ଯେତେବେଳେ ମାଉଥ ଅର୍ଗାନଟିକୁ ଓଠରେ ଛୁଆଁଇଲା ଏକପ୍ରକାର ଶାନ୍ତି ଅନୁଭବ କଲା, ଯାହାକି ସେ ପୂର୍ବରୁ କେବେ ଅନୁଭବ କରିନଥିଲା । ସେ ମନେମନେ କହିଲା -ଓହୋ, କି ଆଶ୍ଚର୍ଯ୍ୟ ! ସତରେ କଣ ସେଇ ସୁନ୍ଦର ପରୀଟି ମାଉଥ ଅର୍ଗାନ ପାଲଟିଯାଇଛି । ମାଉଥ ଅର୍ଗାନ ମୁରୁକି ମୁରୁକି ହସ ଉଛୁଳାଇ ଭାବିଲା -ମୁଁ ଏକାଧିକ ଲୋକଙ୍କ ହୃଦୟରେ ଦୟା ଓ ଶାନ୍ତି ଭରିବାରେ ସଫଳ ହୋଇଛି ।

୯୯୯-୩,ଜଗମୋହନ ନଗର,
ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮

### ନ୍ୟାୟିକ ସେବା ଶିକ୍ଷାନବିସଙ୍କୁ ବିଧାନସଭାରେ ପରିଚୟାତ୍ମକ ତାଲିମ

# ନାଗରିକ ଅଧିକାର, ସାମାଜିକ ନ୍ୟାୟ ଓ ସାମଗ୍ରିକ ବିକାଶ ସମ୍ବିଧାନର ମୂଳମନ୍ତ୍ର : ଉପବାଚସ୍ପତି

ଭୁବନେଶ୍ୱର,୦୩/୦୬ (ନି.ପ୍ର): ବ୍ୟବସ୍ଥାପକ, ନ୍ୟାୟପାଳିକା ଏବଂ କାର୍ଯ୍ୟନିର୍ବାହୀ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ତିନି ପ୍ରମୁଖ ଅଙ୍ଗ। ଏଗୁଡ଼ିକ ପରସ୍ପରର ପରିପୂରକ। ପରସ୍ପର ମଧ୍ୟରେ ସଠିକ୍ ସମନ୍ୱୟ ରହିଲେ ଗଣତନ୍ତ୍ର ମଜବୁତ ହେବା ସହିତ ସାଧାରଣ ଜନତା ସବୁପ୍ରକାର ସୁଫଳ ପାଇପାରିବେ ବୋଲି ବିଧାନସଭା ସମ୍ମିଳନୀ କକ୍ଷରେ ଆୟୋଜିତ ନ୍ୟାୟିକ ସେବା ଶିକ୍ଷାନବିସମାନଙ୍କ ପରିଚୟାତ୍ମକ ତାଲିମ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଉପବାଚସ୍ପତି ରଜନୀକାନ୍ତ ସିଂହ ପ୍ରକାଶ କରିଛନ୍ତି। ବିଧାନସଭାର କାର୍ଯ୍ୟବିଧି, ନୀତିନିୟମ, ବିଲ୍ ଓ ଅନ୍ୟାନ୍ୟ ସମ୍ବନ୍ଧରେ ଉପବାଚସ୍ପତି ନବାଗତମାନଙ୍କୁ ସୂଚନା ଦେବା ସହ ସାଧାରଣ ଲୋକଟିଏ କିପରି ସଠିକ ଓ ତ୍ୱରିତ ନ୍ୟାୟ ପାଇପାରିବ ସେ ଦିଗରେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି । ନାଗରିକ ଅଧିକାର, ସାମାଜିକ ନ୍ୟାୟ ଓ ସାମଗ୍ରିକ ବିକାଶ ହେଉଛି ସମ୍ବିଧାନର ମୂଳମନ୍ତ୍ର । ନ୍ୟାୟିକସେବାର ନବାଗତମାନଙ୍କୁ ବିଧାନସଭା ପକ୍ଷରୁ ଶୁଭେଚ୍ଛା ଜଣାଇବା ସହ ନ୍ୟାୟପାଳିକାର ଗୌରବକୁ ଅକ୍ଷୁଣ୍ଣ ରଖିବା ଆପଣମାନଙ୍କ ଗୁରୁଦାୟିତ୍ୱ । ସେ ନିର୍ବାଚିତ ପ୍ରତିନିଧି ବା ପ୍ରଶାସନିକ ଅଧିକାରୀ ବା ନ୍ୟାୟାଧୀଶ ହୁଅନ୍ତୁ, ସମ୍ବିଧାନର ସାର୍ବଭୌମତ୍ୱକୁ ରକ୍ଷା କରିବା ସମସ୍ତଙ୍କର ପ୍ରମୁଖ କର୍ତ୍ତବ୍ୟ ବୋଲି ବିଧାନସଭାର ସଚିବ ଦାଶରଥୀ ଶତପଥୀ ତାଙ୍କ ସ୍ୱାଗତ ଭାଷଣରେ ଉଲ୍ଲେଖ କରିଥିଲେ । ନ୍ୟାୟପାଳିକା ସବୁବେଳେ ସ୍ୱାଧୀନ ହେବା ଉଚିତ । ନ୍ୟାୟପାଳିକାର ସଂପୂର୍ଣ୍ଣ ସ୍ୱାଧୀନତା ବିନା କୌଣସି ଦେଶ ବିକଶିତ ହୋଇପାରେ ନାହିଁ । ସମ୍ବିଧାନ ସମସ୍ତଙ୍କଠାରୁ ଉଚ୍ଚରେ, ଏହାର ସାର୍ବଭୌମତ୍ୱ ଓ ସମ୍ମାନକୁ ବଜାୟ ରଖିବା ଆମ ସମସ୍ତଙ୍କର ଉତରଦାୟିତ୍ୱ ବୋଲି ଆଇନ ବିଭାଗ ସଚିବ ପ୍ରତାପ କୁମାର ପାତ୍ର ପ୍ରକାଶ କରିଛନ୍ତି । ସେ ନବାଗତମାନଙ୍କୁ ଆଇନର ବିଭିନ୍ନ ଦିଗ ଓ ଏହାର ବହୁବିଧ କାର୍ଯ୍ୟକାରିତା ସଂପର୍କରେ ବୁଝାଇଥିଲେ । ବିଧାନସଭାର ବିବିଧ ପ୍ରଶ୍ନ, ବ୍ୟବସ୍ଥାପକ ଓ ନ୍ୟାୟପାଳିକା ମଧ୍ୟରେ ସଂପର୍କ, ବିଲ୍ କିପରି ଆଗତ ହୁଏ, ବିଭିନ୍ନ କମିଟିର କାର୍ଯ୍ୟକାରିତା ଓ ନେଭା ସଂପର୍କରେ ବିଧାନସଭା ନିର୍ଦ୍ଦେଶକ (ଗବେଷଣା) କୃପାସିନ୍ଧୁ ମିଶ୍ର, ଯୁଗ୍ମ ନିର୍ଦ୍ଦେଶକ (ଗବେଷଣା) ଶିବ ପ୍ରସାଦ ପଟ୍ଟନାୟକ, ବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ପୂର୍ଣ୍ଣଚନ୍ଦ୍ର ଦଳେଇ, ଯୁଗ୍ମ ସଚିବ (ତର୍କ) ଦେବେନ୍ଦ୍ର ଦୋରା, ଓଏସ୍‌ଡ଼ି ବିଜୟ କୁମାର ସାହୁ ପ୍ରମୁଖ ନବାଗତମାନଙ୍କୁ ସବିଶେଷ ଅବଗତ କରାଇଥିଲେ। ଗବେଷଣା ଅଧିକାରୀ ପ୍ରଶାନ୍ତ କୁମାର ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ୩୯ ଜଣ ନବାଗତ ତାଲିମ ଶେଷ ହେଲା ପରେ ପବିତ୍ର ଗୃହ, ପାଠାଗାର, ଗବେଷଣା ଶାଖା ଆଦି ବୁଲି ଦେଖିଥିଲେ ।

## ଏସ୍‌ସିଏସ୍‌ଟିଆରଟିଆଇର ଏକାଡେମିକ ଉଇଙ୍ଗ୍ ଉଦ୍‌ଘାଟିତ

ଭୁବନେଶ୍ୱର,୦୩/୦୬ (ନି.ପ୍ର): ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନୂତନ ଏକାଡେମିକ୍ ଉଇଙ୍ଗ ଆଜି ସନ୍ଧ୍ୟାରେ ବାରିପଦା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରାଙ୍କ ଦ୍ୱାରା ଶୁଭ ଉଦ୍‌ଘାଟିତ ହୋଇଯାଇଛି। ୧୯୫୨ ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ଭୁବନେଶ୍ୱର ସହରର କେନ୍ଦ୍ରସ୍ଥଳରେ ୧୨ ଏକର ପରିମିତ ଜାଗାରେ ଅବସ୍ଥିତ। ଜନଜାତି ଗବେଷଣାର ଉତ୍କର୍ଷର ଏକ ନମୁନା ଭାବରେ ପରିଚିତ ଏସ୍‌ସିଏସ୍‌ଟିଆରଟିଆଇକୁ ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ଜନଜାତି ଗବେଷଣା ପ୍ରତିଷ୍ଠାନର ନୋଡାଲ ଗବେଷଣା ପ୍ରତିଷ୍ଠାନ ଭାବେ ୨୦୦୯ ମସିହାରେ ମାନ୍ୟତା ପ୍ରଦାନ କରାଯାଇଛି। ଏଥି ସହିତ ୨୦୧୫ ମସିହାରେ କେନ୍ଦ୍ର ଆଦିବାସୀ ମନ୍ତ୍ରାଳୟ ଦ୍ୱାରା ଏହି ଅନୁଷ୍ଠାନ ଜାତୀୟ ସମ୍ବଳ କେନ୍ଦ୍ରର ମର୍ଯ୍ୟାଦା ଅର୍ଜନ କରିଥିଲା। ଜନଜାତି ଗବେଷଣାରେ ଅଗ୍ରଣୀ ଏହି ଅନୁଷ୍ଠାନକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଗବେଷକ-ଗବେଷିକାମାନେ ଗବେଷଣା ସନ୍ଦର୍ଭରେ ଗସ୍ତ କରିଥାନ୍ତି ଓ ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ଜନଜାତି ସମ୍ବନ୍ଧୀୟ ପୁସ୍ତକରେ ସମୃଦ୍ଧ ଅତ୍ୟାଧୁନିକ ଗ୍ରନ୍ଥାଗାରର ଉପଯୋଗ କରିଥାନ୍ତି । ଆଜି ଉଦ୍‌ଘାଟିତ ହୋଇଥିବା ଏହି ୨୮ ହଜାର ବର୍ଗଫୁଟ ପରିମିତ ତ୍ରିତଳ ଏକାଡେମିକ୍ ଉଇଙ୍ଗର ଡିଜାଇନ୍‌ଟି ଜନଜାତି ସଂସ୍କୃତିର ଝଲକରେ ପରିପୁଷ୍ଟ। ଅତ୍ୟାଧୁନିକ ବ୍ୟବସ୍ଥା ଥିବା ଏହି ବିଲଡିଂରେ ୧୦୦ ଜଣ ବସିବା ଭଳି ସମ୍ମିଳନୀ କକ୍ଷ, ଭିନ୍ନକ୍ଷମମାନଙ୍କ ପାଇଁ ସୁବିଧା ସହିତ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ଉପଲବ୍ଧ। ଜନଜାତିଙ୍କର ଚିତ୍ରକଳା, ସ୍ୱାଧୀନତା ସଂଗ୍ରାମରେ ଅବଦାନ ଥିବା ଆଦିବାସୀ ନେତାମାନଙ୍କର ପ୍ରତିକୃତିରେ ସଜ୍ଜିତ ଏହି ବିଲଡିଂଟି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚିତ ସୃଷ୍ଟି କରିପାରୁଛି। ଏହି ଏକାଡେମିକ୍ ବିଲ୍‌ଡିଂ ପାଇଁ କେନ୍ଦ୍ର ସରକାରଙ୍କ ଜନଜାତି ମନ୍ତ୍ରାଳୟ ଓ ଓଡ଼ିଶା ସରକାର ପାଣ୍ଠି ଯୋଗାଇ ଦେଇଛନ୍ତି। ଏହି ବିଲଡିଂର ଶୁଭ ଉଦ୍‌ଘାଟନ ଅବସରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା, ବିଭାଗୀୟ ନିର୍ଦ୍ଦେଶକ ଗୁହା ପୁନମ ତାପସ କୁମାର, ଏସ୍‌ସିଏସ୍‌ଟି ଆରଟିଆଇର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ପ୍ରଫେସର (ଡ.) ଅଖିଳ ବିହାରୀ ଓତା, ଆଦିବାସୀ ଉନ୍ନୟନ ସମବାୟ ନିଗମର ପରିଚାଳନା ନିର୍ଦ୍ଦେଶକ ମାନସୀ ନିମ୍ଭାଲ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## କଳିଙ୍ଗ ବିକାଶ ମଂଚ ପକ୍ଷରୁ ପରିବେଶ ସଚେତନତା ସାଇକେଲ ରାଲି

ଭୁବନେଶ୍ୱର,୦୩/୦୬ (ନି.ପ୍ର): ବିଶ୍ୱ ସାଇକେଲ ଦିବସ ଉପଲକ୍ଷେ କଳିଙ୍ଗ ବିକାଶ ମଂଚ ପକ୍ଷରୁ ଏକ ପରିବେଶ ସଚେତନତା ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦଘାଟନ କରି ବରିଷ୍ଠ ସାମ୍ବାଦିକ ଅରୁଣ ପଣ୍ଡା କହିଥିଲେ ଯେ , ବର୍ତମାନ ବଢୁଥିବା ବିଶ୍ୱ ତାପମାନ ଏବଂ ପାଗ ଅସନ୍ତୁଳନକୁ ନିୟନ୍ତ୍ରଣ କରିବାପାଇଁ ସାଇକେଲ ଏକ ଅମୋଘ ଅସ୍ତ୍ର । ପେଟ୍ରୋଲ, ଡିଜେଲ ଇତ୍ୟାଦି ଜୀବାଶ୍ମ ଇନ୍ଧନର ଅହେତୁକ ମୂଲ୍ୟ ବୃଦ୍ଧି ଏବଂ ସ୍ୱଳ୍ପତା କାରଣରୁ ସମସ୍ତେ ସାଇକେଲକୁ ନିଜର ଜୀବନଶୈଳୀରେ ଅନ୍ତର୍ଭୁକ୍ତ କରିବା ଉଚିତ ।ଏତଦବ୍ୟତୀତ ମହାମାରୀ ପରି ବ୍ୟାପୁଥିବା ଡାଇବେଟିସ୍, ଉଚ୍ଚ ରକ୍ତଚାପ, ଆଣ୍ଠୁଗଣ୍ଠି ସମସ୍ୟା ମଧ୍ୟ ସାଇକେଲ ଚାଳନା ଦ୍ୱାରା ଭଲ ହୋଇପାରିବ । ତେଣୁ ସାଇକେଲ ଚାଳନା ଦ୍ୱାରା କେବଳ ପରିବେଶ ସୁରକ୍ଷା ନୁହଁ , ସ୍ୱାସ୍ଥ୍ୟରକ୍ଷା ମଧ୍ୟ ସମ୍ଭବ ବୋଲି ଶ୍ରୀ ପଣ୍ଡା ତାଙ୍କ ଅଭିଭାଷଣରେ କହିଥିଲେ । ଏହି ରାଲି ସିଡିଏସ୍ଥିତ ଜୟପ୍ରକାଶ ନାରାୟଣ ପାର୍କଠାରୁ ଆରମ୍ଭ ହୋଇ ସେକ୍ଟର-୧୦ସ୍ଥିତ ହିରୋ ସ୍ପ୍ରିଂଟ୍ ଷ୍ଟୋର୍ ନିକଟରେ ସମାପ୍ତ ହୋଇଥିଲା । ଏହି କାର୍ଯ୍ୟକ୍ରମଟି ଅନୁଷ୍ଠାନର ସଭାପତି ଦୀପକ କୁମାର ମହାନ୍ତଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିବାବେଳେ ଗୌର ମହାନ୍ତି, ନାରାୟଣ ମହାନ୍ତି, ବିଶ୍ୱମୋହନ ଜେନା, ଆଲୋକ ରାୟ, ମହେନ୍ଦ୍ର ବିଶ୍ୱାଳ, ଦିନବନ୍ଧୁ ସିଂ, ୱାଇ. ନରେଶ, ଜୟନ୍ତ ବଳ , ମହାବୀର ଜାଜୋଡିଆ ପ୍ରମୁଖ ପରିବେଶ ପ୍ରେମୀ ରାଲିରେ ଭାଗ ନେଇଥିଲେ। କଟକ ସାଇକେଲ ସପ୍ଲାଇ କୋ. ଏବଂ ହିରୋ ସାଇକେଲ କମ୍ପାନୀ ତରଫରୁ ରାଲି ଆୟୋଜନ ପାଇଁ ସହଯୋଗ କରାଯାଇଥିଲା

### ପ୍ରଫେସର (ଡକ୍ଟର) ପାଣକୃଷ୍ଣ ପରିଜାଙ୍କ ୪୪ତମ ଶ୍ରାଦ୍ଧୋତ୍ସବ ଅବସରରେ ରାଜ୍ୟ ଗ୍ରନ୍ଥାଗାରରେ ପୁସ୍ତକ ପ୍ରଦର୍ଶନୀ

ଭୁବନେଶ୍ୱର,୦୩/୦୬ (ନି.ପ୍ର): ବିଶିଷ୍ଟ ଶିକ୍ଷାବିତ୍, ରେଭେନ୍ସା କଲେଜର ପୂର୍ବତନ ଅଧକ୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି, ପୂର୍ବତନ ବିଧାୟକ ପ୍ରଫେସର (ଡଃ)ପ୍ରାଣକୃଷ୍ଣ ପରିଜାଙ୍କ ୪୪ତମ ଶ୍ରାଦ୍ଧୋତ୍ସବ ଅବସରରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଧର୍ମଗଡ଼ ବିଧାୟକ ମୌଷଧି ବାଗ ଯୋଗ ଦେଇ ଡଃ ପରିଜାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ ଓ ତାଙ୍କର ଆଦର୍ଶ ଚିରଦିନ ବିଦ୍ୟାର୍ଥୀମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ମତବ୍ୟକ୍ତ କରିଥିଲେ । ବରିଷ୍ଠ ଗ୍ରନ୍ଥାଗାରିକ ସସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଅସୁସ୍ଥତା ଯୋଗୁଁ ନବ ସଂକଳ୍ପ ସମାବେଶରେ ଯୋଗ ଦେଇନି : ତାରା ବାହିନୀପତି

ଭୁବନେଶ୍ୱର,୦୩/୦୬ (ନି.ପ୍ର): କଂଗ୍ରେସର ନବ ସଂକଳ୍ପ ସମାବେଶରେ ଦଳର ୩ ବରିଷ୍ଠ ବିଧାୟକ ଅନୁପସ୍ଥିତ ରହିବା ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ତେବେ ସ୍ୱାସ୍ଥ୍ୟଗତ କାରଣରୁ ବୈଠକରେ ଯୋଗ ଦେଇପାରିନଥିବା କହିଛନ୍ତି ବିଧାୟକ ତାରା ପ୍ରସାଦ ବାହିନୀପତି। ବ୍ରଜରାଜନଗର ଉପନିର୍ବାଚନ ପାଇଁ ଖରାରେ ପ୍ରଚାର କରି ସେ ଅସୁସ୍ଥ ହୋଇପଡିଥିଲେ ବୋଲି କହିଛନ୍ତି ତାରା। ଅପରପକ୍ଷରେ ପିସିସି ସଭାପତିଙ୍କ ପଛରେ ପେଟ କାଢି ବୁଲିଲେ ହବନାହିଁ। ଦଳକୁ ମଜଭୂତ କରିବା ପାଇଁ ଫିଲ୍ଡରେ କଠିନ ପରିଶ୍ରମ କରିବାକୁ ପଡିବ। ଯିଏ ପରିଶ୍ରମ କରିବ ତାଙ୍କୁ ସେ ସହଯୋଗ କରିବେ ବୋଲି କହିଛନ୍ତି ତାରା । ସେହିପରି ଗତକାଲି ଓ ଆଜି ମଧ ଶିବିରକୁ ଆସି ନାହାନ୍ତି ମହମ୍ମଦ ମୋକିମ। ପିସିସି ସଭାପତି ଚୟନ ପୂର୍ବରୁ ବିଧାୟକଙ୍କ ଭିତରୁ ଜଣଙ୍କୁ ସଭାପତି କରାଯାଉ ବୋଲି ଯୁକ୍ତି ରଖିଥିଲେ ତାରା। ସେହିପରି ମହମ୍ମଦ ମୋକିମ ପିସିସି ସଭାପତି ପଦବୀ ପାଇଁ ନିଜେ ଆଶାୟୀ ଥିବା ଚର୍ଚ୍ଚା ହେଉଥିଲା ।

## ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର,୦୩/୦୬ (ନି.ପ୍ର): ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ କାର୍ଯ୍ୟକ୍ରମର ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହାଙ୍କ ମାର୍ଗଦର୍ଶନରେ ସ୍ଥାନୀୟ ଗୋପବନ୍ଧୁ ପ୍ରଶିକ୍ଷଣ ଏକାଡେମୀ ଭୁବନେଶ୍ୱର ଠାରେ ଡିଜିଟାଲ ସ୍କିଲ୍ ସମ୍ପର୍କିତ ଜିଲ୍ଲାସ୍ତରୀୟ ସମ୍ବଳ ଦଳମାନଙ୍କର ଏକ ତ୍ରିଦିବସୀୟ ପ୍ରଶିକ୍ଷଣ ଶିବିର ଆଜି ପୂର୍ବାହ୍ନରେ ଉଦଘାଟିତ ହୋଇ ଯାଇଛି । ଉକ୍ତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ କାର୍ଯ୍ୟକ୍ରମର ଅତିରିକ୍ତ ନିର୍ଦ୍ଦେଶକ (ସାଧାରଣ) ସରୋଜ କୁମାର ବେହେରା ଉଦ୍‌ଘାଟକ ଭାବରେ ଯୋଗଦେଇ ରୂପାନ୍ତରିତ ଉଚ୍ଚବିଦ୍ୟାଳୟମାନଙ୍କରେ ଶିକ୍ଷକଶିକ୍ଷୟିତ୍ରୀ ତଥା ପ୍ରଧାନ ଶିକ୍ଷକମାନେ ଗୁଣାତ୍ମକ ଶିକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ଡିଜିଟାଲ ସ୍କିଲ୍ ସମ୍ପର୍କିତ ପ୍ରଶିକ୍ଷଣ ପାଇବା ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ସ୍ୱାଇଁ, ଅତିରିକ୍ତ ନିର୍ଦ୍ଦେଶକ (ଗୁଣବତା) , ମହେଶ୍ୱର ସାହୁ, ଉପ ନିର୍ଦ୍ଦେଶକ (ଶିକ୍ଷକ ଶିକ୍ଷା), ଶ୍ରୀମତୀ ମିତାଲି ପାତ୍ର, ପ୍ରଶିକ୍ଷଣ ସହାୟିକା ତଥା ଅନ୍ୟ ସହଯୋଗୀମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୧୭ଟି ଜିଲ୍ଲାରୁ ଆସିଥିବା ୪୮ ଜଣ ଜିଲ୍ଲାସ୍ତରୀୟ ସମ୍ବଳ ଦଳ ଭାଗ ନେଇଥିଲେ ।

## ୱାର୍ଲ୍ଡ ସ୍କିଲ ସେଂଟରରେ ଶୁଭାରମ୍ଭ ହେଲା ଇ-ଅଫିସ ପ୍ଲାଟଫର୍ମ

### ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ଏବଂ ଅଫିସ ପରିଚାଳନାରେ ସ୍ୱଚ୍ଛତା ଆସିବ : ହେମନ୍ତ ଶର୍ମା

ଭୁବନେଶ୍ୱର,୦୩/୦୬ (ନି.ପ୍ର): ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ସରକାରୀ କାଗଜପତ୍ର କାମ ଆଜିଠାରୁ ଇ-ଅଫିସ ପ୍ଲାଟଫର୍ମ ମାଧ୍ୟମରେ କରାଯିବ। ୱାର୍ଲ୍ଡ ସ୍କିଲ ସେଂଟରରେ ଇ-ଅଫିସ ପ୍ଲାଟଫର୍ମର ଶୁଭାରମ୍ଭ କରାଯାଇଛି । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଏହି ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ଆଗାମୀ ଦିନରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ଆସୁଥିବା ରାଜ୍ୟର ସମସ୍ତ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ, ପଲିଟେକ୍‌ନିକ୍, ଆଇଟିଆଇ ଭଳି ଶିକ୍ଷାନୁଷ୍ଠାନରେ ମଧ ଇ-ଅଫିସ ପ୍ଲାଟଫର୍ମ ଲାଗୁ କରାଯିବ । ବିଶ୍ୱ ଦକ୍ଷତା କେନ୍ଦ୍ରରେ ଏହା ପାଇଲଟ୍ ପ୍ରକଳ୍ପ ଭାବେ କାର୍ଯ୍ୟକାରୀ କରାଯାଇଛି । ଏହା ଦ୍ୱାରା ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ, ଅଫିସ ପରିଚାଳନା ପାଇଁ ସୁବିଧା ସହ କାମରେ ସ୍ୱଚ୍ଛତା ଆସିବ ବୋଲି ପ୍ରମୁଖ ସଚିବ ଶ୍ରୀ ଶର୍ମା କହିଛନ୍ତି ।

ଇ-ଅଫିସ ମାଧ୍ୟମରେ ୱାର୍ଲ୍ଡ ସ୍କିଲ ସେଂଟର ଡିଜିଟାଲ ପ୍ଲାଟଫର୍ମରେ ପରିଣତ ହେବ ବୋଲି ସିଏମ୍‌ଜିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ ଯୋଗଦେଇ କହିଛନ୍ତି । ସେ କହିଛନ୍ତି ଯେ ସ୍ୱଚ୍ଛତା, ଦକ୍ଷତା, ପ୍ରଭାବଶାଳିତା ଏବଂ ଉତରଦାୟିତ୍ୱ ନିଶ୍ଚିତ କରିବା ପାଇଁ ଇ-ଅଫିସ୍ ଏକ ଅତ୍ୟନ୍ତ ପ୍ରଭାବଶାଳୀ ଉପକରଣ । ଡ. ରଥ ଏହା ମଧ କହିଛନ୍ତି ଯେ କର୍ମଚାରୀଙ୍କ ପାଇଁ ଇ-ଅଫିସ୍ ଅତ୍ୟନ୍ତ ସୁବିଧାଜନକ ବ୍ୟବସ୍ଥା, ଯାହା କାର୍ଯ୍ୟଭାରକୁ ହ୍ରାସ କରିବା ସହିତ କର୍ମଚାରୀଙ୍କ ଦକ୍ଷତା ସୁନିଶ୍ଚିତ କରିବାରେ ସହାୟକ ହେବ।

ଏହି ଅବସରରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ସିଇଓ, ରେଘୁ ଜି କହିଛନ୍ତି ଯେ ଏଭଳି ବ୍ୟବସ୍ଥାର କାର୍ଯ୍ୟକାରିତା ଦ୍ୱାରା ଡବ୍ଲୁଏସ୍‌ସିରେ ବିନା କାଗଜପତ୍ରରେ ଅଫିସ କାର୍ଯ୍ୟ ପରିଚାଳିତ ହେବ ଏବଂ ଅଧିକାରୀଙ୍କ ସହ ଆଲୋଚନା କରି ସଠିକ୍ ସମୟରେ ନିଷ୍ପତି ନେବାରେ ସହାୟକ ହେବ ।

ଇ-ଅଫିସ୍ ବିଷୟରେ ଏନ୍‌ଆଇସିର ଏସ୍‌ଆଇଓ ଶ୍ରୀମତୀ କବିତା ରୟ ଦାସ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ୨୦୦୯ ମସିହାରେ ଆରମ୍ଭ ହୋଇଥିବା ଜାତୀୟ ଇ-ଗଭର୍ଣ୍ଣାନ୍ସ ଯୋଜନା ଅନ୍ତର୍ଗତ ଇ-ଅଫିସ୍ ଏକ ମିଶନଭିତିକ ପ୍ରକଳ୍ପ ଅଟେ ବୋଲି ଶ୍ରୀମତୀ ରୟ ସୂଚନା ଦେଇଛନ୍ତି । ନାସ୍‌ନାଲ ଇନ୍‌ଫୋରମେଟିକ୍ସ ସେଂଟର (ଏନ୍‌ଆଇସି) ଦ୍ୱାରା ପ୍ରସ୍ତୁତ ହୋଇଥିବା ଏହି ପ୍ଲାଟଫର୍ମ ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନସ୍ଥ ସିଏମ୍‌ଜିଆଇ ଦ୍ୱାରା ପରିଚାଳିତ ହେଉଛି ।

ଏହି ଅବସରରେ ଡବ୍ଲୁଏସ୍‌ସି ପ୍ରିନ୍ସିପାଲ୍ ସଙ୍ଗରନ୍ ଗୋପାଲ ସ୍ୱାଗତ ଭାଷଣ ପ୍ରଦାନ କରି କହିଛନ୍ତି ଯେ ଡବ୍ଲୁଏସ୍‌ସିରେ ଇ-ଅଫିସ ଆରମ୍ଭ କରିବା ଏକ ଗର୍ବର ବିଷୟ ଏବଂ ଆଜି ସୁଦ୍ଧା ୧୪୯ଟି ସରକାରୀ କାର୍ଯ୍ୟାଳୟରେ ଇ-ଅଫିସ୍ ଲାଗୁ କରାଯାଇଛି । ବିଶେଷ କରି ଏହା ମହାମାରୀ ସମୟରେ କାର୍ଯ୍ୟାଳୟଠାରୁ ଦୂରରେ ରହି କାର୍ଯ୍ୟ କରିବା ପାଇଁ ଅତ୍ୟନ୍ତ ଉପଯୋଗୀ ବୋଲି ପ୍ରମାଣିତ ହୋଇଛି ।

ଏହି କାର୍ଯ୍ୟକ୍ରମରେ ଏସ୍‌ଡିଟିଇ ବିଭାଗର ଅତିରିକ୍ତ ସଚିବ ଶ୍ରୀମତୀ ରେଣୁପ୍ରଭା ନାୟକ ଧନ୍ୟବାଦ ଅର୍ପଣ କରିଛନ୍ତି । ଡବ୍ଲୁଏସ୍‌ସି ଭାଇସ୍ ପ୍ରିନ୍ସିପାଲ୍ ଡକଫର ସୁଭାଙ୍ଗ କିଶୋର ଦାସ, ସିଟିଓ ଶଶାଙ୍କ ଶେଖର ଚୌଧୁରୀ, ଆଇଟି ଏକ୍ସପର୍ଟ ଧନଞ୍ଜୟ ଷଡଙ୍ଗୀ, ସିଏମ୍‌ଜିଆଇ ରାଜ୍ୟ ପ୍ରକଳ୍ପ ସଂଯୋଜକ ପିନାକି ମହାନ୍ତି ଏବଂ ଏନ୍‌ଆଇସି ବୈଷୟିକ ନିର୍ଦ୍ଦେଶକ ବି. ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

# ନବନିର୍ବାଚିତ ପଂଚାୟତ ପ୍ରତିନିଧି ମାନଙ୍କ ଦିଗ୍‌ଦର୍ଶନ (ଓରିଏଂଟେସନ) କାର୍ଯ୍ୟକ୍ରମ

- ଗାଁର ସମସ୍ୟାକୁ ନିଜ ସମସ୍ୟାଭାବେ ଗ୍ରହଣ କରି ସମାଧାନ ପାଇଁ ନିଷ୍ଠାପର ଉଦ୍ୟମ କରନ୍ତୁ
- ନିଜ ଅଂଚଳର ବିକାଶ ଦ୍ରୁତ ଭାବରେ କରି ନିଜର ପରିଚୟ ସୃଷ୍ଟି କରନ୍ତୁ
- ଗରିବ ଲୋକ, ମହିଳା ତଥା ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସୁରକ୍ଷା ଦିଅନ୍ତୁ- ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୩/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟର ନବନିର୍ବାଚିତ ପଂଚାୟତ ପ୍ରତିନିଧି ମାନଙ୍କ ଦିଗ୍‌ବିନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେଇ ଗାଁର ସମସ୍ୟାକୁ ନିଜ ସମସ୍ୟା ଭାବେ ଗ୍ରହଣ କରି ଏହାର ସମାଧାନ ପାଇଁ ନିଷ୍ଠାପର ଉଦ୍ୟମ କରିବାକୁ ପରାମର୍ଶ ଦେଇଛନ୍ତି। ନବନିର୍ବାଚିତ ପଂଚାୟତ ପ୍ରତିନିଧି ମାନଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏଥର ମହିଳାମାନେ ବହୁ ସଂଖ୍ୟାରେ ଜିତି ପଂଚାୟତର ମଙ୍ଗ ଧରିଛନ୍ତି । ଏହାଦ୍ୱାରା ବିଜୁ ବାବୁଙ୍କ ମହିଳା ସଶକ୍ତିକରଣର ସ୍ୱପ୍ନ ସାକାର ହୋଇଛି ବୋଲି ସେ ମତ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମର ଶାସନ ବ୍ୟବସ୍ଥା ଓ ବିକାଶ ଯୋଜନାରେ ପଂଚାୟତର ଗୁରୁତ୍ୱ ବିଷୟରେ ଆପଣମାନେ ଭଲ ଭାବରେ ଜାଣନ୍ତି। ପଂଚାୟତ ହେଉଛି ସେବାର କେନ୍ଦ୍ର। ସାଧାରଣ ଲୋକ ଯେପରି ସରକାରୀ ସେବାରୁ ବଂଚିତ ନ ହୁଏ, ସରକାରୀ ସେବା ପାଇବାରେ ହଇରାଣ ନ ହୁଏ, ସେଥିପ୍ରତି ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ । ଗରିବ ଲୋକ, ମହିଳା ତଥା ଦୁର୍ବଳ ଶ୍ରେଣୀର ଲୋକ ଓ ସେମାନଙ୍କ ଅଧିକାରକୁ ସୁରକ୍ଷା ଦିଅନ୍ତୁ ବୋଲି କହି ଲୋକଙ୍କ ସୁଖଦୁଃଖରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ । ୫-ଟି ବିଷୟରେ ଆଲୋକପାତ କରି ସେ କହିଲେ ଯେ ୫-ଟି ହେଉଛି ଟେକ୍‌ନୋଲୋଜି, ଟିମ୍‌ୱାର୍କ, ଟାଇମ, ଟ୍ରାନ୍‌ସପ୍ୟାରେନ୍‌ସି ବା ସ୍ୱଚ୍ଛତା ଓ ରୂପାନ୍ତର। ୫-ଟି ମନ୍ତ୍ରକୁ ଗାଁର ବିକାଶରେ ଉପଯୋଗ କରନ୍ତୁ ବୋଲି ପରାମର୍ଶ ଦେଇ ସେ କହିଥିଲେ ଯେ ଏହାଦ୍ୱାରା ଆପଣଙ୍କ ଗାଁ, ଆପଣଙ୍କ ପଂଚାୟତର ପରିବର୍ତ୍ତନ, ଅନ୍ୟ ମାନଙ୍କ ପାଇଁ ଆଦର୍ଶ ହୋଇପାରିବ । ଜନସାଧାରଣ ଆମ ଉପରେ ଆସ୍ଥା ରଖିଛନ୍ତି, ଭରସା ରଖିଛନ୍ତି ବୋଲି ମତବ୍ୟକ୍ତ କରି ଲୋକଙ୍କୁ କେବେ ନିରାଶ ହେବାକୁ ଦେବା ନାହିଁ । ସେମାନଙ୍କ ଆସ୍ଥା ଓ ଭରସାକୁ ପବିତ୍ର ଦାୟିତ୍ୱ ଭାବି ସେବା କଲେ ଲୋକଙ୍କ ହୃଦୟରେ ସବୁ ଦିନ ପାଇଁ ରହିଯିବେ ବୋଲି ସେ କହିଥିଲେ। ନିଜ କାମ ଦ୍ୱାରା ନିଜ ନିଜ ଅଂଚଳରେ ବିକାଶର ଦ୍ରୁତ ଭାବରେ ନିଜର ପରିଚୟ ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା ଯୋଗ ଦେଇ ରାଜ୍ୟର ବିକାଶରେ ପଂଚାୟତରାଜ ଅନୁଷ୍ଠାନ ଗୁଡିକର ଭୂମିକା ସଂପର୍କରେ ଆଲୋକପାତ କରି ବିଭାଗ ପକ୍ଷରୁ ନିଆଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ବର୍ତ୍ତମାନ ଜିପିଏସ୍ ଟେକ୍ନୋଲୋଜି ଜରିଆରେ ପଂଚାୟତର ସବୁ ଭିତ୍ତିଭୂମିକୁ ମ୍ୟାପିଂ କରାଯାଇଛି । ଏହାଦ୍ୱାରା ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ସମାଧାନ ତୁରନ୍ତ ହୋଇପାରିବ। ପଂଚାୟତଗୁଡିକ ସରକାରଙ୍କ ଅଭିଯୋଗ ଶୁଣାଣୀ ବ୍ୟବସ୍ଥାର ପ୍ରଥମ ସୋପାନ ବୋଲି ମତବ୍ୟକ୍ତ କରି ଲୋକଙ୍କ ଅଭିଯୋଗ ଗୁଡିକୁ ପଂଚାୟତ ସ୍ତରରେ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। କୃଷି ଓ କୃଷକ ସଶକ୍ତକରଣ ମନ୍ତ୍ରୀ ଅରୁଣ ସାହୁ କହିଲେ ଯେ ମୁଖ୍ୟମନ୍ତ୍ରୀ ରାଜ୍ୟର ମହିଳା ଓ ଯୁବଶକ୍ତିକୁ ଆଗକୁ ଆଣି ପଂଚାୟତଗୁଡିକୁ ସଶକ୍ତ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ସମସ୍ତେ ୫-ଟି ମନ୍ତ୍ରକୁ ଉପଯୋଗ କରି କାମ କଲେ, ରାଜ୍ୟରେ ରୂପାନ୍ତର ଆସିପାରିବ ବୋଲି ସେ କହିଥିଲେ । ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ଟୁକୁନୀ ସାହୁ କହିଲେ ଯେ ମୁଖ୍ୟମନ୍ତ୍ରୀ ସମାଜସେବା କରିବା ପାଇଁ ମହିଳା ମାନଙ୍କୁ ସୁଯୋଗ ଦେଇଛନ୍ତି। ଓଡିଶାରେ ମହିଳାମାନେ ସଶକ୍ତ ହୋଇପାରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶକୁ ନେଇ କାମ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେଇ କହିଲେ ଯେ ପଂଚାୟତ ଅନୁଷ୍ଠାନ ଗୁଡିକୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରାଯାଇଛି। ବିକାଶ ପାଇଁ ଅନେକ ଅର୍ଥ ଦିଆଯାଉଛି। ଏହାର ସୁବିନିଯୋଗରେ ପ୍ରତିନିଧି ମାନଙ୍କ ପ୍ରଶିକ୍ଷଣ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ । ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ଶ୍ରୀ ଅଶୋକ କୁମାର ମୀନା ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ ଏହି କାର୍ଯ୍ୟକ୍ରମରେ ୧ ଲକ୍ଷ ୬ ହଜାର ୩୫୨ ଜଣ ପଂଚାୟତ ପ୍ରତିନିଧି ଯୋଗ ଦେଇଛନ୍ତି ।

## ଆଶାକର୍ମୀ ଜାତୀୟ ଫେଡ଼େରେସନର କନଭେନସନ ଓ କର୍ମଶାଳା ଉଦ୍‌ଘାଟିତ

ଭୁବନେଶ୍ୱର,୦୩/୦୬ (ନି.ପ୍ର): ଆଶାକର୍ମୀ ଜାତୀୟ ଫେଡ଼େରେସନ ପକ୍ଷରୁ ଆଜି ଭୁବନେଶ୍ୱର ଜୟଦେବ ଭବନ ଠାରେ ଦୁଇଦିନିଆ ଜାତୀୟସ୍ତରୀୟ କନଭେନସନ ଓ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏହି କର୍ମଶାଳାରେ ଦେଶର ୧୨ଗୋଟି ରାଜ୍ୟରୁ ପ୍ରତିନିଧିମାନେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ, ନିକଟରେ ଆଶାକର୍ମୀମାନେ ସର୍ବସାଧାରଣ ସ୍ୱାସ୍ଥ୍ୟ ସୁରକ୍ଷା ତଥା ସମାଜର ଅବହେଳିତ ବର୍ଗଙ୍କ ନିରାପଦ ମାତୃତ୍ୱ ଏବଂ ଶିଶୁ ମୃତ୍ୟୁହାର କମାଇବାରେ ପ୍ରମୁଖ ଭୂମିକା ନେଇଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି କାର୍ଯ୍ୟକୁ ପ୍ରଶଂସା କରି ଆଶା ସଂସ୍ଥାକୁ ସମ୍ମାନିତ କରିଛି। ତେଣୁ ଆଶାକର୍ମୀଙ୍କୁ ସମ୍ମାନଜନକ ପାରିଶ୍ରମିକ ଓ ସାମାଜିକ ନିରାପତ୍ତା ପ୍ରଦାନ ଦାବିରେ ଏହି କନ୍‌ଭେନସନ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ସର୍ବବୃହତ୍ ଆଶାକର୍ମୀ ସଂଗଠନ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ଏହି ସମାରୋହରେ ସାମିଲ୍ ହୋଇଥିବା ପ୍ରତିନିଧିମାନଙ୍କୁ ଆତିଥ୍ୟ ଦିଆଯାଇଛି। ନିଖିଳ ଓଡ଼ିଶା ଆଶାକର୍ମୀ ସଂଘର ସଭାପତି ବିଜୟ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହକୁ ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ ଉଦ୍‌ଘାଟନ କରି ନିରାପଦ ମାତୃତ୍ୱ, ଶିଶୁ ମୃତ୍ୟୁହାର ନିୟନ୍ତ୍ରଣ, ମାତୃ ମୃତ୍ୟୁହାର ନିୟନ୍ତ୍ରଣ ଓ ସର୍ବୋପରି କୋଭିଡ଼ ମହାମାରୀ ସମୟରେ ଆଶାକର୍ମୀମାନଙ୍କର ତ୍ୟାଗ ଓ ନିଷ୍ଠା ଅବିସ୍ମରଣୀୟ ଓ ପ୍ରଶଂସନୀୟ ବୋଲି କହିଥିଲେ। ଏହା ସହିତ ଆଶାକର୍ମୀଙ୍କ ନ୍ୟାର୍ଯ୍ୟ ଦାବି ସରକାରଙ୍କ ନିକଟରେ ଉପସ୍ଥାପନା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ସମାରୋହରେ ଏଆଇଟିୟୁସିର ଜାତୀୟ ସମ୍ପାଦକ କମ୍ରେଡ଼ ସୁକୁମାର ଦାମଲେ ଉଦ୍‌ବୋଧନରେ ସରକାର ଅସଂଗଠିତ କ୍ଷେତ୍ରରେ ବିଶେଷକରି ସ୍କିମ୍ ୱାର୍କରମାନଙ୍କୁ ଅତ୍ୟଧିକ ଶ୍ରମ କରାଇ ଆବଶ୍ୟକୀୟ ପାରିଶ୍ରମିକ ଦେଉନଥିବାରୁ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ସିପିଆଇ ରାଜ୍ୟ ସମ୍ପାଦକ ଆଶୀଷ କାନୁନଗୋ ଉଦ୍‌ବୋଧନ ଦେଇ ଶୋଷକ ଶ୍ରେଣୀ ବିରୁଦ୍ଧରେ ଆଶାକର୍ମୀମାନଙ୍କର ଆନ୍ଦୋଳନ କେବଳ ଅର୍ଥନୈତିକ ଆନ୍ଦୋଳନରେ ସୀମିତ ନହୋଇ ସମ୍ମିଳିତ ଶ୍ରମିକ ଶ୍ରେଣୀର ରାଜନୈତିକ ଆନ୍ଦୋଳନ ହୋଇପାରିଲେ ନିଜ ଅଧିକାର ସୁରକ୍ଷିତ ହୋଇପାରିବ ବୋଲି ଆହ୍ୱାନ ଦେଇଥିଲେ। ଆଶାକର୍ମୀ ଜାତୀୟ ଫେଡ଼େରେସନର ସଭାପତି ମଙ୍ଗଳା ପାଣ୍ଡେ, ଏଆଇଟିୟୁସିର ରାଜ୍ୟ ସଭାପତି ଅଶୋକ ଦାସ, ଜାତୀୟ ସମ୍ପାଦକ ତଥା ରାଜ୍ୟ ଉପସାଧାରଣ ସମ୍ପାଦକ ରାମକୃଷ୍ଣ ପଣ୍ଡା, ନିଖିଳ ଓଡ଼ିଶା ଅଙ୍ଗନବାଡ଼ି ସଂଘର ରାଜ୍ୟ ସାଧାରଣ ସମ୍ପାଦିକା ହରପ୍ରିୟା ସ୍ୱାଇଁ, ଆଶାକର୍ମୀ ଫେଡ଼େରେସନର ଅନ୍ୟତମ ଜାତୀୟ ସମ୍ପାଦକ ଶ୍ୟାମ କାଲେ, ନିଖିଳ ଓଡ଼ିଶା ଆଶାକର୍ମୀ ସଂଘର ରାଜ୍ୟ ସାଧାରଣ ସମ୍ପାଦିକା ନମିତା ସାହୁ, ଉପସାଧାରଣ ସମ୍ପାଦିକା ମାତିଲଦା କୁଲୁ, ଉମି ଗୁପ୍ତା, ଅନିଲତା ପାତ୍ର, ଅରୁନ୍ଧତୀ ଦେବୀ, ବିନୋଦିନୀ ଦେବୀ, ମାଣ୍ଡା ଦୋଗାରେ, ପୁଷା ଦେବୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

## ରସୁଲଗଡ଼ ଓଭରବ୍ରିଜରେ ସିରିଜ ଦୁର୍ଘଟଣା

ଭୁବନେଶ୍ୱର,୦୩/୦୬ (ନି.ପ୍ର): ବୁଧବାର ବିଳମ୍ବିତ ରାତ୍ରୀରେ ଭୁବନେଶ୍ୱର ସ୍ଥିତ ରସୁଲଗଡ଼ ଓଭରବ୍ରିଜରେ ଏକ ସିରିଜ ଦୁର୍ଘଟଣା ଘଟିଛି। ତେବେ ଏହି ଘଟଣାରେ କେବଳ ବାହନ ଗୁଡିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ କାହାରି କିଛି ହୋଇ ନାହିଁ । ମିଳିଥିବା ସୂଚନା ଅନୁସାରେ ଏକ ଟ୍ରକ୍ ଦ୍ରୁତ ଗତିରେ ଆସି ରାସ୍ତାରେ ଯାଉଥିବା ଏକ କାରକୁ ପଛ ପଟରୁ ଧକ୍କା ଦେଇଥିଲା। ପରେ ଦୁର୍ଘଟଣା ଘଟିଥିବା ପ୍ରଥମ କାରଟି ଆଗରେ ଯାଉଥିବା ଅନ୍ୟ ଏକ କାରକୁ ପିଟିଥିଲା। ଏହାପରେ ଉକ୍ତ କାରଟି ତା' ଆଗରେ ଥିବା ଅନ୍ୟ କାର ସହ ଧକ୍କା ହୋଇଥିଲା। ମଂଚେଶ୍ୱର ପୁଲିସ ପହଂଚି ଯାତ୍ରୀମାନଙ୍କ ଗାଡ଼ିରୁ ଉଦ୍ଧାର କରିଥିଲା। ଦୁର୍ଘଟଣାରେ କାର ଗୁଡ଼ିକର ଆଗ ଓ ପଛ ଅଂଶ ଭାଙ୍ଗିରୁଜି ଯାଇଛି।

## ଡ୍ୟୁଟି କରୁଥିବା ସମୟରେ ଗାଡି ମାଡି ଯାଇ ପୋଲିସ ଏସଆଇଙ୍କ ମୃତ୍ୟୁ



ଭଦ୍ରକ, ୦୩/୦୬ (ନି.ପ୍ର): ଡ୍ୟୁଟି କରୁଥିବା ସମୟରେ ଗାଡି ମାଡି ଯାଇ ପୋଲିସ ଏସଆଇଙ୍କ ମୃତ୍ୟୁ। ମୃତକ ହେଉଛନ୍ତି ଭଦ୍ରକ ଟାଉନ ଥାନା ସବ ଇନ୍ସପେକ୍ଟର ସୁଜିତ ପାଣ୍ଡବ। ଭଦ୍ରକ ନଳାଙ୍ଗ ନିକଟରେ ଘଟିଛି ଅଘଟଣ।ଗତ କାଲି ବିଳମ୍ବିତ ରାତି ରେ ପେଟ୍ରୋଲିଂ କରୁଥିବା ସମୟରେ ଏକ ହାଇବା ହଠାତ ତାଙ୍କ ଉପରକୁ ମାଡି ଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ଡାକ୍ତରଖାନା ନିଆଯାଉଥିବା ବାଟରେ ତାଙ୍କ ଅବସ୍ଥା ଅଧିକ ଶୋଚନୀୟ ହେବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

## ଚୋରା ବାଲି ଚାଲାଣକୁ ବିରୋଧ କରି ଛେଚା ଖାଇଲେ ଯୁବକ

ନୀଳଗିରି, ୦୩/୦୬ (ନି.ପ୍ର): ନୀଳଗିରି ତହସିଲ ଅଧୀନସ୍ଥ ସୋନ ନଦୀରୁ ସିର୍ଙ୍ଗି ବାଲିଘାଟରୁ ପ୍ରତିଦିନ ଟ୍ରିପ ଟ୍ରିପ ବାଲି ଚୋରା ଚାଲାଣ ହେଉଥିବା ବେଳେ ଏ ନେଇ ଗ୍ରାମରେ ଏକ ସଭା ବସିଥିବା ବେଳେ ଉକ୍ତ ଗ୍ରାମର ଅଜୟ କୁମାର ମଣ୍ଡଳ ଚୋରା ବାଲି ଚାଲାଣକୁ ବିରୋଧ କରିବାରୁ ଉକ୍ତ ଗ୍ରାମର ପାଡିଆ ଦଲେଇ, ଗୁରା ଦଲେଇ, ଚାନ୍ଦୁ ଦଲେଇ, ମନୁ ଦଲେଇ, ବାବୁଲୁ ଦଲେଇ, କଟ ପତି, ସାରଦା ପ୍ରସନ୍ନ କର ମିଳିତ ଭାବେ ଅଜୟ ମଣ୍ଡଳକୁ ଅଶ୍ଳିଳ ଭାଷାରେ ଗାଳିଗୁଲୋଜ କରିବା ସହ ଡାହାଣଆଖିକୁ ମୁଥା ମାରି ଆହତ କରିଥିବା ର ନୀଳଗିରି ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି । ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।

## ବାରବାଟୀକୁ ଅଣାଗଲା ସୁପର ସପ୍ପର, ବର୍ଷା ଜଳ ନିଷ୍କାସନ ହେବ ସହଜ

କଟକ/ଭୁବନେଶ୍ୱର, ୦୩/୦୬ (ନି.ପ୍ର): ଅଷ୍ଟ୍ରେଲିଆରୁ ସ୍ୱତନ୍ତ୍ର ଭାବେ କଟକ ବାରବାଟୀକୁ ଅଣାଯାଇଛି ସୁପର ସପ୍ପର। ବର୍ଷା ଯୋଗୁଁ ପଡିଆରେ ପାଣି ଜମି ରହିବା ସ୍ଥିତି ସୃଷ୍ଟି ହେଲେ ଅତ୍ୟାଧୁନିକ ସୁପର ସପ୍ପର ଅତି କମ୍ ସମୟରେ ଜଳ ନିଷ୍କାସନ କରିପାରିବ। ଆଗକୁ ବାରବାଟୀରେ ଭାରତ-ସାଉଥ୍ ଆଫ୍ରିକା ଟି-୨୦ ମ୍ୟାଚ୍ ରହିଛି। ସେହି ସମୟରେ ବର୍ଷା ହେବାର ସମ୍ଭାବନା ଥିବାରୁ ମ୍ୟାଚ୍ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ତେଣୁ ସପ୍ପର ଅଣାଯାଇଛି। ଅଷ୍ଟ୍ରେଲିଆର ସୋଖି କମ୍ପାନୀ ଏହି ସୁପର ସପ୍ପର ତିଆରି କରିଛି। ଓସିଏ କର୍ତ୍ତୃପକ୍ଷ ୪୬ଲକ୍ଷ ଟଙ୍କା ଦେଇ ଏହି ସୁପର ସପ୍ପରକୁ ଆଣିଛନ୍ତି। ଏହି ସୁପର ସପ୍ପରର କ୍ଷମତା ୩ ଶହ ଲିଟର। ଏହି ୩ଶହ ଲିଟର ନିଷ୍କାସନ ପାଇଁ ସୁପର ସପ୍ପର ମାତ୍ର ୨୭ସେକେଣ୍ଡ ସମୟ ନିଏ। ଶୁକ୍ରବାର ବାରବାଟୀରେ ଏହି ସୁପର ସପ୍ପରର ଟ୍ରାଏଲ କରାଯାଇଛି। ସୋଖି କମ୍ପାନୀର ଅଧିକାରୀମାନେ ବାରବାଟୀରେ ସୁପର ସପ୍ପରର ଟ୍ରାଏଲ କରିଛନ୍ତି। ପୂର୍ବରୁ ବାରବାଟୀରେ ଗୋଟିଏ ସୁପର ସପ୍ପର ଥିଲା। ଏବେ ଆଉ ଗୋଟିଏ ସୁପର ସପ୍ପର ଆସିବା ଫଳରେ ପଡିଆରୁ ଜଳ ନିଷ୍କାସନ ତ୍ୱରିତ ଗତିରେ ହୋଇପାରିବ।

# ଜିଲ୍ଲାପାଳଙ୍କ ତାଗିଦ ପରେ ଭଙ୍ଗା ହେଲା ନିର୍ମାଣଧୀନ ଡ୍ରେନ ଠିକାଦାରଙ୍କ ମୁଣ୍ଡରେ ଚଡ଼କ

ନୀଳଗିରି, ୦୩/୦୬ (ନି.ପ୍ର): ନୀଳଗିରି କଚେରୀ ଛକ ଠାରୁ ନୀଳଗିରି ବାଇପାସ ପର୍ଯ୍ୟନ୍ତ ନୀଳଗିରି ପୂର୍ତ୍ତ ବିଭାଗ ପକ୍ଷରୁ ଡ୍ରେନ ସହ ରାସ୍ତାର ପ୍ରଶସ୍ତିକରଣ ପାଇଁ ଏକ କୋଟି ବାସ୍ତରି ଲକ୍ଷ ଏକାନବେ ହଜାର ଟଙ୍କାର ଟେଣ୍ଡର କରାଯାଇଥିଲା । ପାରିପାର୍ଶ୍ୱିକ ଭୌଗଳିକ ପରିସ୍ଥିତିକୁ ପୂର୍ତ୍ତ ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଇ ନକ୍ସା ତିଆରି ହେବା ସହ ପ୍ରକଳ୍ପର ଏଷ୍ଟିମେଟ ମଧ୍ୟ ସଂପୂର୍ଣ୍ଣ ହୋଇଥିଲା । ଟେଣ୍ଡର ପାଇଥିବା ଠିକାଦାର ଜଣକ ପୂର୍ତ୍ତ ବିଭାଗର ନିର୍ଦ୍ଦେଶ କ୍ରମେ କାର୍ଯ୍ୟ ଆରମ୍ଭ କରିଥିଲା। ପ୍ରଥମ ପର୍ଯ୍ୟାୟରେ ଜଳ ଯୋଗାଣ ପାଇପକୁ ନୀଳଗିରି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅପସାରଣ କରାଗଲା ପରେ ଠିକାଦାର ଜଣକ ଡ୍ରେନ କାମ ଆରମ୍ଭ କରିଥିଲା । ମାତ୍ର ଗତ ୩୧.୫.୨୨ରିଖରେ ଯୁଗ୍ମ ଜନଶୁଣାରୀ ପାଇଁ ବାଲେଶ୍ୱର ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତୀ ଆସିଥିବା ବେଳେ ହଠାତ୍ ରାସ୍ତା ମଝିରେ ନିର୍ମାଣଧୀନ ଡ୍ରେନକୁ ଦେଖି ନୀଳଗିରି ଉପଜିଲ୍ଲାପାଳ, ବିଭାଗୀୟ ଯନ୍ତ୍ରୀକୁ ଡକାଇ କ'ଣ ପାଇଁ ରାସ୍ତା ମଝିରେ ଡ୍ରେନ ନିର୍ମାଣ ଚାଲିଛି ବୋଲି ପ୍ରଶ୍ନ କରିଥିଲେ । ଏଠାରେ ଏକ ବ୍ୟୁଟିଫିକେସନ କରାଯିବା ନେଇ ବିଭାଗୀୟ ଅଧିକାରୀ, ନୀଳଗିରି ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ ଜିଲ୍ଲାପାଳକୁ ସୂଚନା ଦେଇଥିଲେ । ଏଥିରେ ଜିଲ୍ଲାପାଳ ଅସନ୍ତୁଷ୍ଟ ପ୍ରକାଶ କରିବା ସହ ପାଚେରୀ ସାଇଡରେ ଡ୍ରେନ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଠିକାଦାର ଜଣକ ଆନୁମାନିକ ୫ଲକ୍ଷ ଟଙ୍କା ଡ୍ରେନ ନିର୍ମାଣରେ ଖର୍ଚ୍ଚ କରିସାରିଥିବା ବେଳେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଜିଲ୍ଲାପାଳଙ୍କ କଥାକୁ ସମ୍ମାନ ଜଣାଇ ବିଭାଗ ପକ୍ଷରୁ ନିର୍ମାଣଧୀନ ଡ୍ରେନକୁ ଭାଙ୍ଗିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେବା ପରେ ଠିକାଦାର ଜଣକ ଡ୍ରେନକୁ ଭାଙ୍ଗି ଦେଇଛନ୍ତି । ଏପଟେ ପାଚେରୀ ସାଇଡରେ ନୂତନ ଡ୍ରେନ ନିର୍ମାଣ ପାଇଁ ଠିକାଦାର କାର୍ଯ୍ୟ ଆରମ୍ଭ କରିଦେଇଥିବା ବେଳେ କିଛି ସ୍ଥାନରେ ଜଳ ଯୋଗାଣ ପାଇପ ମଧ୍ୟ ସଂପ୍ରସାରଣ ହେବାକୁ ଯାଉଛି । ସୂଚନାଥାଉକି ଉକ୍ତ ପ୍ରକଳ୍ପର ଡ୍ରଇଙ୍ଗ ସିଟ୍ ସଂପୂର୍ଣ୍ଣ ହେବା ପରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ଅନୁମତି ପ୍ରଦାନ କଲାପରେ ଜିଲ୍ଲାପାଳ ମହୋଦୟ ନିର୍ମାଣଧୀନ ଡ୍ରେନକୁ ଭାଙ୍ଗିବା କେତେଦୂର ଯଥାର୍ଥ ତାହା ସାଧାରଣରେ ଚର୍ଚ୍ଚା ଚାଲିଥିବା ବେଳେ ରାସ୍ତା ମଝିରେ ଡ୍ରେନ ନିର୍ମାଣକୁ ଭାଙ୍ଗିବା ପ୍ରସଙ୍ଗକୁ ମଧ୍ୟ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଉଛି । ଖର୍ଚ୍ଚ କରିଥିବା ଅର୍ଥକୁ ବିଭାଗ ପକ୍ଷରୁ ସଂପୃକ୍ତ ଠିକାଦାରଙ୍କୁ କିପରି ଭରଣା କରାଯିବ ଦେଖିବାକୁ ବାକି ରହିଲା ।

## କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ଦାବିରେ ସ୍ମାରକପତ୍ର



ବାଲେଶ୍ୱର,୦୩/୦୬ (ନି.ପ୍ର): ବାଲେଶ୍ୱର ଜିଲାରେ କୃଷି ବିଶ୍ୱବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବି କ୍ରମଶଃ ତେଜିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ କୃଷି ବୈଜ୍ଞାନିକ, ଅବସରପ୍ରାପ୍ତ କୃଷି ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସମେତ ବାଲେଶ୍ୱରର ବୁଦ୍ଧିଜୀବୀ ଓ କୃଷକ ସଂଗଠନମାନଙ୍କୁ ନେଇ ନୂତନ ଭାବେ ଗଠିତ କ୍ରିୟାନୁଷ୍ଠାନ କମିଟି ବାଲେଶ୍ୱର ଜିଲ୍ଲା ପରିଷଦର ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଛି। ଧାନ, ପାନ, ମୀନର ଜିଲ୍ଲା କୁହାଯାଉଥିବା ବାଲେଶ୍ୱର ଜିଲ୍ଲାର କୃଷି ଓ କୃଷକମାନଙ୍କ ସମସ୍ୟା ସଂପର୍କରେ ଶ୍ରୀ ପ୍ରଧାନଙ୍କୁ ପ୍ରତିନିଧିମାନେ ଅବଗତ କରାଇଛନ୍ତି। ମୁଖ୍ୟମନ୍ତ୍ରୀ ଓ ବାଲେଶ୍ୱର ଜିଲ୍ଲାର ବିଧାୟକମାନଙ୍କୁ ଏହି ଦାବିର ଯଥାର୍ଥତା ସଂପର୍କରେ ପତ୍ରଦ୍ୱାରା ପୂର୍ବରୁ ଅବଗତ କରାଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ପଞ୍ଚାୟତସ୍ତରରେ ଏହି ଦାବିରେ ସ୍ଥାନୀୟ କୃଷକ ଏବଂ କୃଷିଜୀବୀ ଜନଗଣଙ୍କୁ ନେଇ ସଂଗଠନ ଗଠନ ପାଇଁ ହେଉଥିବା ଉଦ୍ୟମ ସମ୍ପର୍କରେ ସୂଚନା ଦେବା ସହ ପ୍ରତିନିଧିମାନେ ଶ୍ରୀ ପ୍ରଧାନଙ୍କ ସହଯୋଗ କାମନା କରିଛନ୍ତି। ତେବେ ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେ ଆବଶ୍ୟକୀୟ ସହଯୋଗ କରିବେ ବୋଲି ଜିଲା ପରିଷଦ ସଭାପତି ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କ ସହ ସାକ୍ଷାତ ବେଳେ ପ୍ରତିନିଧି ଦଳରେ ଡ. କେଶବ ଚରଣ ପଣ୍ଡା, ଆଇନଜୀବୀ ନିରଞ୍ଜନ ପରିଡ଼ା, ଅଭୟ କୁମାର ମିଶ୍ର ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭିଜିଲାନ୍ସ ଜାଲରେ ଯୋଜନା ଓ ସମନ୍ୱୟ ବିଭାଗ ଅନୁସଚିବ

ଭୁବନେଶ୍ୱର, ୦୩/୦୬ (ନି.ପ୍ର): ଭିଜିଲାନ୍ସ ଜାଲରେ ରାଜ୍ୟ ସରକାରଙ୍କର ଜଣେ ଅଣ୍ଡର ସେକ୍ରେଟେରୀ ବା ଅନୁସଚିବ। ଯୋଜନା ଓ ସମନ୍ୱୟ ବିଭାଗର ଅନୁସଚିବ ୩୦ ହଜାର ଟଙ୍କା ଲାଂଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ତାଙ୍କ ନାଁ ପୂର୍ଣ୍ଣଚନ୍ଦ୍ର ସାହୁ। ବିଲ୍ କରାଇ ଦେବାକୁ ଏକ କମ୍ପ୍ୟୁଟର ଫାର୍ମ ମାଲିକଙ୍କ ଠାରୁ ଆଜି ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ।

## ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ ସମିତି ପକ୍ଷରୁ ଦାବିପତ୍ର ପ୍ରଦାନ

କନ୍ଧମାଳ, ୦୩/୦୬ (ନି.ପ୍ର): ଖଜୁରୀପଡ଼ା ସଦରମହକୁମା ଠାରେ ଆଜି ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ ସମିତି ତରଫରୁ ଏକ ରାଲି ବାହାରି ସହର ପରିକ୍ରମା କରିବା ପରେ ଖଜୁରୀପଡ଼ା ଗୋଷ୍ଠୀ ଉନୟନ ଅଧିକାରୀଙ୍କ ଜରିଆରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ବେଆଇନ ନିର୍ମାଣ ବନ୍ଦ କରିବାକୁ ଏକ ଦାବୀ ପତ୍ର ଓଡ଼ିଶା ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ ସମିତି ତରଫରୁ ପରେଶ କୁମାର ମହାପାତ୍ର, ଗୋବିନ୍ଦ ଚନ୍ଦ୍ର କହଁର, ଶ୍ରୀକାନ୍ତ ମଲିକ, ମନୋଜ କୁମାର ପଣ୍ଡା, ଶଶିଭୂଷଣ ବେହେରା, ଶତ୍ରୁଘ୍ନ ନାୟକ, ସରୋଜ ପ୍ରମୁଖ ସାମିଲ୍ ହୋଇ ଦାବୀ ପତ୍ର ପ୍ରଦାନ କରିଥିଲେ।

## ଗୋଟିଏ ଦିନରେ ୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୩/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୪୭୩ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ଜଣେ ହେଲେ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୨୧୪ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୮୦ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୫ ଜଣ ସଂଗରୋଧରୁ ଓ ୩ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରୁ ୧, ଗଂଜାମ ଜିଲ୍ଲାରୁ ୨.ଖୋର୍ଦ୍ଧା ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ ଜିଲ୍ଲାରୁ ୧ ତଥା ଷ୍ଟେଟ ପୁଲରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅବଶିଷ୍ଟ ୨୫ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ରାଜ୍ୟସ୍ତରୀୟ ମେଗା ସାଇକେଲ ରାଲି

ଭୁବନେଶ୍ୱର, ୦୩/୦୬ (ନି.ପ୍ର): ନେହେରୁ ଯୁବା କେନ୍ଦ୍ର ଖୋର୍ଦ୍ଧା ଏବଂ ଆଂଚଳିକ ଆଉଟରିଚ ବ୍ୟୁରୋ, ଭୁବନେଶ୍ୱର ସହ ମିଶି ଭୁବନେଶ୍ୱରର ପିଆଇବି କ୍ୟାମ୍ପସରେ "ବିଶ୍ୱ ସାଇକେଲ ଦିବସ - ୨୦୨୨" ଅବସରରେ ନେହେରୁ ଯୁବା କେନ୍ଦ୍ର ରାଜ୍ୟ ସ୍ତରୀୟ ମେଗା ସାଇକେଲ ରାଲିର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସାଇନିକ୍ ବିଦ୍ୟାଳୟର ପ୍ରଧାନଶିକ୍ଷକ କର୍ଣ୍ଣର ବାଲୁ ଭରତ ଏବଂ ଏନଏଚକେ, ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀମତୀ ରୀତା ଭଗତ, ଏ.ଡି.ଜି. , ଭୁବନେଶ୍ୱର, ରେଳବାଇ କଲୋନୀ ହାଇସ୍କୁଲର ପ୍ରିନ୍ସପାଲ୍ ଗୋରଙ୍ଗ ମହାନ୍ତି, ସମ୍ମାନିତ ଅତିଥି ଭାବରେ ଏହି କାର୍ଯ୍ୟକ୍ରମରେ ଫିଟନେସ୍ କୋଚ୍ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଖୋର୍ଦ୍ଧା ଜିଲ୍ଲା ଯୁବ ଅଧିକାରୀ ଭିପିନ୍ କୁମାର ତଦାରଖ କରିଥିଲେ; ଆକାଉଂଟ୍ ଅଫିସର ସୁଭେନ୍ଦ୍ରନାଥ ସାହୋ ଏବଂ କୁଲାମାନି ମଲ୍ଲିକଙ୍କ ଦ୍ୱାରା ସମର୍ଥିତ । ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଯୁଥ କ୍ଲବ୍ ତଥା ଭୁବନେଶ୍ୱର ସୈନିକ୍ ସ୍କୁଲ୍ ର ଅଂଶଗ୍ରହଣକାରୀ ମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ୧୦୦ ରୁ ଅଧିକ ଅଂଶଗ୍ରହଣକାରୀ ସେମାନଙ୍କ ସାଇକେଲକୁ ଓମଫେଡ୍ ସ୍କୋୟାରରୁ ସୈନିକ୍ ସ୍କୁଲ୍ ଛକ ଦେଇ ପିଆଇବି କ୍ୟାମ୍ପସକୁ ଫେରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ତୁମ ଇଚ୍ଛା ବିନା ପତ୍ରଟେ ....

ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ସଠିକ୍ ପ୍ରମାଣିତ ହୋଇଛି । ପରିକ୍ରମା ପ୍ରକଳ୍ପକୁ ସବୁବେଳେ ରାଜନୀତିଶୂନ୍ୟ ରଖିବାକୁ ଚାହିଁଛନ୍ତି ମୁଖ୍ୟମନ୍ତ୍ରୀ । ପ୍ରକଳ୍ପ ନିର୍ମାଣର ପ୍ରତିଟି ପାଦରେ ସବୁ ଦଳଙ୍କୁ ସାଙ୍ଗରେ ନେଇ ଯିବାକୁ ସେ ଚାହିଁଛନ୍ତି । ବ୍ୟକ୍ତିଗତ ଓ ରାଜନୈତିକ ଉଦ୍ଦେଶ୍ୟ ଲାଗି ଏଭଳି ଦିବ୍ୟ କାମକୁ ବିରୋଧ କରା ନ ଯାଉ । ଏହାବାଦ ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ ପୁରୀ ଗସ୍ତ କରିଛନ୍ତି ୫ଟି ସଚିବ ଭିକେ ପାଣ୍ଡିଆନ୍ ଓ ପ୍ରଣବ ପ୍ରକାଶ ଦାଶ । ରାୟ ଆସିବାର କିଛି ସମୟ ପରେ ଶ୍ରୀମନ୍ଦିରକୁ ଯାଇ ସେମାନେ ଶ୍ରୀଜିଉଙ୍କୁ ଦର୍ଶନ କରିଛନ୍ତି । ସେମାନଙ୍କ ସହ ପୁରୀ ଜିଲ୍ଲାପାଳ, ପୁରୀ ଏସପିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଏଥିପାଇଁ ଶ୍ରୀମନ୍ଦିର ପାଖରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଉଲ୍ଲେଖନୀୟ ଯେ ଏହି ପିଟିସନ୍ ଗୁଡ଼ିକୁ ମୂଲ୍ୟହୀନ ଏବଂ ଜନସ୍ୱାର୍ଥ ବିରୋଧୀ ବୋଲି କହି ଅଦାଲତ୍ ଉଭୟ ଆବେଦନକାରୀଙ୍କ ଉପରେ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଖଣ୍ଡପୀଠ କହିଛନ୍ତି- ନିକଟ ଅତୀତରେ ଜନସ୍ୱାର୍ଥ ମାମଲା ସଂଖ୍ୟା ଦ୍ରୁତ ବେଗରେ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ସେଥିରୁ ଅନେକ ପିଟିସନ୍ ହୁଏ ତ ପ୍ରଚାର କେନ୍ଦ୍ରିକ ଅଥବା ବ୍ୟକ୍ତିଗତ ସ୍ୱାର୍ଥ ବିଜଡ଼ିତ। ଅଦାଲତଙ୍କ ସମୟ ନଷ୍ଟ କରୁଥିବାରୁ ଆମେ ଏଭଳି ପିଟିସନ୍ ଦାଏର ପ୍ରଥାକୁ ଅଗ୍ରାହ୍ୟ କରୁଛୁ। ତେଣୁ, ଏଭଳି ପିଟିସନ୍ ଗୁଡ଼ିକୁ ମୂଳରୁ ନିପାତ କଲେ ମାମଲା ଆଗକୁ ବଢ଼ି ପାରିବ ନାହିଁ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ହେଉଥିବା ନିର୍ମାଣକୁ ବିରୋଧ କରି ଅର୍ଦ୍ଧେନ୍ଦୁ ଦାସ ଓ ସୁମନ୍ତ ଘଡ଼େଇ ଅଲଗା ଅଲଗା ଦୁଇଟି ସ୍ୱତନ୍ତ୍ର ଲିଭ୍ ପିଟିସନ୍ ଦାଖଲ କରିଥିବା ବେଳେ ଏହାର ଶୁଣାଣି ହୋଇ ଆଜି ରାୟ ପ୍ରକାଶ ପାଇଛି । ସୁମନ୍ତଙ୍କ ପକ୍ଷରୁ ଓକିଲ ମହାଲକ୍ଷ୍ମୀ ପାଭାନୀ ଓ ଅର୍ଦ୍ଧେନ୍ଦୁଙ୍କ ଓକିଲ ନଚିକେତା ଯୋଶୀ ସୁପ୍ରିମକୋର୍ଟରେ ଏହି ମାମଲା ଲଢ଼ିଥିଲେ।

### ବିଜେଡି ଦଖଲ କଲା....

ପ୍ରାର୍ଥୀ ନଦେଇ ସିପିଆଇକୁ ଏହି ଆସନ ଛାଡିଥିଲା । ମାତ୍ର ୯ ହଜାର ୩୫୦ ଭୋଟ ପାଇଥିଲେ ସିପିଆଇ ପ୍ରାର୍ଥୀ । କିନ୍ତୁ ୨୦୨୨ ଉପନିର୍ବାଚନ ଫଳାଫଳ ପୂରା ଓଲଟି ଯାଇଛି । ବିଜେଡିର ଭୋଟ ବୃଦ୍ଧି ପାଇଛି, କଂଗ୍ରେସ ଦ୍ୱିତୀୟ ସ୍ଥାନକୁ ଚାଲି ଆସିଛି । ବିଜେପିର ଭୋଟ ବହୁତ କମିଯାଇଛି । ଫଳାଫଳ ନେଇ ପିସିସି ସଭାପତି କହିଛନ୍ତି, ବ୍ରଜରାଜନଗର ଉପନିର୍ବାଚନ ରାଜନୀତିର ମୋଡ଼ ବଦଳାଇବ । ତେବେ ବିଜେପି ପ୍ରାର୍ଥୀ ରାଧାରାଣୀ ପଣ୍ଡା କହିଛନ୍ତି, ପରାଜୟର କାରଣ ଖୋଜିବୁ । ଇଭିଏମ୍ ଟାମ୍ପରିଂ ଓ ଶାସକ ଦଳ ଟଙ୍କା କାରବାର ନେଇ ଅଭିଯୋଗ ଆଣିଛନ୍ତି ରାଧାରାଣୀ । ବ୍ରଜରାଜନଗର ଉପନିର୍ବାଚନରେ ବିଜେଡିର ବିଜୟ ପରେ ଟ୍ୱିଟ କରି ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବ୍ରଜରାଜନଗର ଉପନିର୍ବାଚନରେ ବିପୁଳ ଭୋଟରେ ବିଜୟୀ ହୋଇଥିବା ଅଳକା ମହାନ୍ତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ବ୍ରଜରାଜନଗରବାସୀଙ୍କୁ କୃତଜ୍ଞତା ସହ ନିଷ୍ଠାପର ଉଦ୍ୟମ କରିଥିବା ସମସ୍ତ କର୍ମୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ନବୀନ ।

### ବର୍ଷାଙ୍କୁ ପ୍ରଥମ ମାସର ୩୦ ହଜାର....

ଗତକାଲି ଗ୍ରହଣ କରିଥିଲେ କଟକ ଏସଡିଜେଏମ କୋର୍ଟ । ଏଥିସହ ଅନୁଭବଙ୍କ ପୈତୃକ ଘର ଛାଡିବାକୁ ବର୍ଷାଙ୍କୁ ନିର୍ଦ୍ଦେଶ ଦେଇଥିଲେ କୋର୍ଟ । ବର୍ଷାଙ୍କ ବିକଳ୍ପ ରହଣି ପାଇଁ ଅନୁଭବ ମାସିକ ୩୦ ହଜାର ଟଙ୍କା ଦେବେ । ପ୍ରତି ମାସର ୧୦ ତାରିଖ କିମ୍ବା ତା ପୂର୍ବରୁ ୩୦ ହଜାର ପ୍ରଦାନ ପାଇଁ ଅନୁଭବଙ୍କୁ ନିର୍ଦ୍ଦେଶ ଦେଇଥିଲେ କୋର୍ଟ । ଏପରିକି ପ୍ରଥମ ଟଙ୍କା ପାଇବାର ୨ ମାସ ମଧ୍ୟରେ ଘର ଘର ଛାଡିବାକୁ ବର୍ଷାଙ୍କୁ ନିର୍ଦ୍ଦେଶ ଦେଇଥିଲେ କୋର୍ଟ । କୋର୍ଟଙ୍କ ଏହି ନିର୍ଦ୍ଦେଶକୁ ଅନୁପାଳନ କରି ଆଜି ବର୍ଷାଙ୍କ ଆକାଉଂଟରେ ପ୍ରଥମ ମାସର ୩୦ ହଜାର ଟଙ୍କା ଡିପୋଜିଟ୍ କରିଛନ୍ତି ଅନୁଭବ । ଏଠାରେ ଉଲ୍ଲେଖଯୋଗ୍ୟ, ବାପା ମା ବର୍ତ୍ତମାନ ଅସୁସ୍ଥ ଥିବାରୁ ବର୍ଷା ତାଙ୍କ ପୈତୃକ ଘର ଛାଡିବାକୁ ପୂର୍ବରୁ ଏସଡିଜେଏମ କୋର୍ଟରେ ଆବେଦନ କରିଥିଲେ ସାଂସଦ ଅନୁଭବ । ଏପରିକି ତା ବଦଳରେ ଅନ୍ୟତ୍ର ବର୍ଷାଙ୍କ ରହିବାର ଉପଯୁକ୍ତ ବ୍ୟବସ୍ଥା କରିବେ ବୋଲି ଆବେଦନରେ ଦର୍ଶାଇଥିଲେ ଅନୁଭବ ।

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ....

ଜେନେରାଲ ଅଶୋକ ପରିଜା । ରାଜ୍ୟ ସରକାରଙ୍କ ଯୁକ୍ତିରେ ସନ୍ତୁଷ୍ଟ ହୋଇଛନ୍ତି ସୁପ୍ରିମକୋର୍ଟ । ଏହାପରେ ଲକ୍ଷ ଲକ୍ଷ ଭକ୍ତଙ୍କ ସ୍ୱାର୍ଥ ଦୃଷ୍ଟିରୁ ମାମଲା ଖାରଜ କରିଥିବା କୋର୍ଟ କହିଛନ୍ତି । ଏହାସହ ଜନସ୍ୱାର୍ଥ ମାମଲା ନେଇ କୋର୍ଟ କହିଛନ୍ତି ଯେ, ଲୋକେ ଏବେ ଏକାଧିକ ଜନସ୍ୱାର୍ଥ ମାମଲା ରୁଜୁ କରୁଛନ୍ତି । ନିଜସ୍ୱ ପ୍ରଚାର କିମ୍ବା ବ୍ୟକ୍ତିଗତ ଉଦ୍ଦେଶ୍ୟ ରଖି ଏଭଳି କରାଯାଇଛି । କୋର୍ଟଙ୍କ ସମୟ ନଷ୍ଟ କରିଥିବାରୁ ଏଭଳି ମାମଲା ବନ୍ଦ ହେବା ଉଚିତ ଏବଂ ଉନ୍ନୟନ ମୂଳକ କାମକୁ ଉଦ୍ଦେଶ୍ୟମୂଳକ ଭାବେ ବନ୍ଦ କରିବା ଅନୁଚିତ ବୋଲି କୋର୍ଟ ଶୁଣାଣି ବେଳେ କହିଛନ୍ତି । ଲୋକଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ନିର୍ମାଣ କାମ କରୁଥିବା କୋର୍ଟ ଉପଲବ୍ଧି କରିଛନ୍ତି । ଭକ୍ତଙ୍କ ସୁବିଧା ପାଇଁ ହେଉଥିବା ନିର୍ମାଣ କାମ ଆଦୌ ବେଆଇନ ନୁହେଁ ବୋଲି କହିଛନ୍ତି କୋର୍ଟ ।

## ପ୍ରେରଣା ପକ୍ଷରୁ ବିଧାୟକ କଲୋନୀ ଗଛକଟା ବିରୋଧୀ ଆନ୍ଦୋଳନ ଷଷ୍ଠ ଦିନରେ ପହଂଚିଲା

ଭୁବନେଶ୍ୱର, ୦୩/୦୬ (ନି.ପ୍ର): ବିଧାୟକ କଲୋନୀ ଗଛକଟାକୁ ବିରୋଧ କରି ସାମାଜିକ ଅନୁଷ୍ଠାନ ପ୍ରେରଣା ପକ୍ଷରୁ ଆନ୍ଦୋଳନ ଷଷ୍ଠ ଦିନରେ ପହଂଚିଛି। ରାଜ୍ୟାପଳଙ୍କୁ ଦାବିପତ୍ର ପ୍ରଦାନ, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ ତଥା ବନ ବିଭାଗର ବିଭିନ୍ନ ଉପରିସ୍ଥ ଅଫିସରମାନଙ୍କୁ ଗଛକଟା ବନ୍ଦ ପାଇଁ ଦାବିପତ୍ର ପ୍ରଦାନ କରିବା ସହିତ ସବୁଦିନ ପାଇଁ ଗଛକଟା ବନ୍ଦ ରଖିବା ନିମନ୍ତେ ଆନ୍ଦୋଳନ ପ୍ରତିଦିନ ଜାରି ରହିଛି। ଗତକାଲି ୫୦୦ ପିଜୁଳି ଚାରା ବନ କରାଯାଇଥିବା ବେଳେ ଆଜି ୫୦୦ ଆମ୍ବଚାରା ପଥଚାରୀ ମାନଙ୍କୁ ବଂଟନ କରାଯାଇଛି। କାରଣ ୫୦୦ ଗଛ କଟିଥିବା ବେଳେ ଏହି ୧୦୦୦ ଗଛ ସାଧାରଣ ଜନତାଙ୍କ ସହଯୋଗରେ ଲାଗିପାରିଲେ ତାହା କଟିଥିବା ଗଛର କ୍ଷତିପୂରଣରେ ଅନେକାଂଶରେ ସହଯୋଗ କରିବ ଓ ସାଧାରଣ ଜନତାଙ୍କ ସମ୍ପୃକ୍ତି ବୃକ୍ଷରୋପଣରେ ଅଧିକ ମାତ୍ରାରେ ରହିବ ବୋଲି ପ୍ରେରଣାର ଅଧ୍ୟକ୍ଷ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ କହିଛନ୍ତି। ଏଥିସହିତ ଆଜି ଶ୍ରୀଜଗନ୍ନାଥଙ୍କ ଲୋଗୋ ଲାଗିଥିବା ହୋର୍ଡ଼ିଂ ଓ ଗଛ ହିନ୍ଦୁ, ମୁସଲମାନ, ଶିଖ, ଇସାଇ, ଖ୍ରୀଷ୍ଟିୟାନ ପ୍ରତି ଧର୍ମର ଲୋକଙ୍କୁ କିପରି କୋଳେଇ ଧରିଛି ସେ ହୋର୍ଡ଼ିଂ ମଧ୍ୟ ପ୍ରଦର୍ଶିତ କରିଥିଲେ। ଏହାକୁ ପ୍ରଦର୍ଶନ କରି ଡଃ ଶ୍ରୀଚନ୍ଦନ କହିଲେ ଯେ, ଗଛର କୌଣସି ଜାତି ନାହିଁ, ଗଛ ଆମ ସମସ୍ତଙ୍କ ପାଇଁ ନିଜକୁ ସମର୍ପଣ କରି ଖରା, ବର୍ଷା, ଶୀତ କାକର ଖାଇ ଠିଆ ହୋଇଛି ଯୁଗ ଯଗୁ ଧରି ମାନବ ସେବା ପାଇଁ। ଯେଉଁମାନେ ଗଛକୁ ହାଣୁଛନ୍ତି, ସେମାନେ ଜଗନ୍ନାଥଙ୍କୁ କୁଠାରଘାତ କରୁଛନ୍ତି ବୋଲି ଭାବବା ଉଚିତ୍। ସେହିପରି ଗଛ ପ୍ରତ୍ୟେକ ମଣିଷକୁ ବଂଚିବାରେ ସହାୟକ ହୋଇଥିବାରୁ ଗଛ ହାଣୁଥିବା ବ୍ୟକ୍ତିମାନଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବା ଉଚିତ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରେରଣାର ସଂଯୋଜକ ଅବନୀକାନ୍ତ ଜେନା, ଅଜୟ ଗୁମାନ ସିଂ, ମନୋରଞ୍ଜନ ବାରିକ ପ୍ରମୁଖ ବହୁ ସ୍ୱେଚ୍ଛାସେବୀ ସାମିଲ୍ ହୋଇଥିଲେ।

## ଓଡ଼ିଶାରେ ଜାତି ଜନଗଣନା ଦାବିରେ ରାଜ୍ୟପାଳଙ୍କୁ ଭେଟିଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର,୦୩/୦୬ (ନି.ପ୍ର): ବିହାରରେ ଜାତି ଜନଗଣନା ନେଇ ସର୍ବଦଳୀୟ ବୈଠକରେ ଅନୁମୋଦନ ହେଲାପରେ ଓଡ଼ିଶାରେ ଜାତି ଜନଗଣନା କରିବା ଦାବି ଜୋର୍ ଧରିଛି । ଶାସନରେ ଥିବା ବିଜୁ ଜନତା ଦଳ ମଧ୍ୟ ଅତୀତରେ ଜାତୀୟସ୍ତରରେ ଜାତି ଜନଗଣନା ଦାବି କରି ଗତବର୍ଷ ଅଗଷ୍ଟ ମାସରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲା । ଗତ ସପ୍ତାହରେ ପ୍ରତିକ୍ରିୟା ଦେଇ ଏହାର ସାଂସଦ ଅମର ପଟ୍ଟନାୟକ ରାଜ୍ୟରେ ଜାତି ଜନଗଣନା କଥା ବିଚାରକୁ ନିଆଯିବ ବୋଲି ସୂଚନା ପ୍ରଦାନ କରିଥିଲେ । ଆଜି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟିର ଏକ ୩ ଜଣିଆ ପ୍ରତିନିଧି ଦଳ ଏହାର ରାଜ୍ୟସଭାପତି ରବି ବେହେରାଙ୍କ ନେତୃତ୍ୱରେ ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ରାଜଭବନଠାରେ ସାକ୍ଷାତ କରି ଜାତିଜନଗଣନା ଦାବିରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହି ସ୍ମାରକପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ, ଜାତି ଜନଗଣନା ନେଇ ଗତବର୍ଷ ବିଧାନସଭାରେ ଏକ ସର୍ବସମ୍ମତ ପ୍ରସ୍ତାବ ପାସ୍ କରାଯାଇଥିଲା । ରାଜ୍ୟ ପଛୁଆବର୍ଗ କମିଶନଙ୍କୁ କେନ୍ଦ୍ର ସରକାରଙ୍କୁ ଓ ରାଜ୍ୟସ୍ତରରେ ଜନଗଣନା କରିବା ପାଇଁ ଦାୟିତ୍ୱ ମଧ୍ୟ ଦିଆଯାଇଥିଲା । ରାଜ୍ୟ ପଛୁଆବର୍ଗ କମିଶନ ଗତବର୍ଷ ମଇ ୧ ତାରିଖରୁ ଜୁନ୍ ୧୫ ତାରିଖ ମଧ୍ୟରେ ଜାତି ଜନଗଣନା କାର୍ଯ୍ୟ ରାଜ୍ୟରେ କରିବା ପାଇଁ ସମୟ ନିର୍ଘଂଟ ସ୍ଥିର କରିଥିଲେ । କିନ୍ତୁ କୋଭିଡ୍ ସଂକ୍ରମଣ ସେତେବେଳେ ବୃଦ୍ଧି ପାଇବା ଯୋଗୁଁ ଏହି କାର୍ଯ୍ୟକ୍ରମଟି ସ୍ଥଗିତ ରଖାଯାଇଥିଲା । କିନ୍ତୁ ଇତିମଧ୍ୟରେ କୋଭିଡ୍ ସଂକ୍ରମଣ ଓଡ଼ିଶାରେ କମିଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାର କୋଭିଡ୍ ସଂକ୍ରମଣର ସମସ୍ତ କଟକଣା ଗତ ଏପ୍ରିଲ୍ ୧ ତାରିଖରୁ ଉଠାଇ ଦେଇଛନ୍ତି । କଟକଣା ଉଠିଯାଇଥିଲେ ସୁଦ୍ଧା ରାଜ୍ୟରେ ଏପର୍ଯ୍ୟନ୍ତ ଜାତିଗତ ଜନଗଣନା ନେଇ ନା ପଛୁଆବର୍ଗ କମିଶନ ନା ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇଛନ୍ତି । ଗତ ଏପ୍ରିଲ୍ ମାସରେ ସମ୍ବିଧାନ ପ୍ରଣେତା ଭୀମରାଓ ଆମ୍ବେଦକରଙ୍କ ଜନ୍ମଜୟନ୍ତୀ ଉପଲକ୍ଷେ ସମାଜବାଦୀ ପାର୍ଟି ପକ୍ଷରୁ ପଛୁଆବର୍ଗ କମିଶନ ଦପ୍ତର ସମ୍ମୁଖରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇ ରାଜ୍ୟରେ ଜାତିଗତ ଜନଗଣନା ତୁରନ୍ତ ଆରମ୍ଭ କରିବା ପାଇଁ ପଦକ୍ଷେପ ନେବାକୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ମାନ୍ୟବର କମିଶନଙ୍କ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବା ପାଇଁ ପ୍ରତିଶ୍ରୁତି ମଧ୍ୟଦିଆଯାଇଥିଲା । କିନ୍ତୁ ଦୁଃଖର କଥା, ଏହା ମଧ୍ୟରେ ଦେଢମାସ ବିତିଯାଇଥିଲେ ହେଁ କମିଶନ କୌଣସି ପଦକ୍ଷେପ ନେଇନାହାନ୍ତି । ବିହାରରେ ସର୍ବଦଳୀୟ ବୈଠକ ହେଲାପରେ ଓଡ଼ିଶାରେ ଜାତିଗତ ଜନଗଣନା ପାଇଁ ସର୍ବଦଳୀୟ ବୈଠକ କରିବାକୁ ସମାଜବାଦୀ ପାର୍ଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି କରାଯାଇଅଛି । କିନ୍ତୁ ଏ ସଂକ୍ରାନ୍ତରେ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ କୌଣସି ସୂଚନା ମିଳିନାହିଁ । କିନ୍ତରା ରାଜ୍ୟର ସାମ୍ବିଧାନିକ ମୁଖ୍ୟ ଭାବରେ ମାନ୍ୟବର ରାଜ୍ୟପାଳଙ୍କୁ ଆଜି ସମାଜବାଦୀ ପାର୍ଟି ପକ୍ଷରୁ ଏକ ସ୍ମାରକପତ୍ର ଦିଆଯାଇ ତୁରନ୍ତ ରାଜ୍ୟରେ ଜାତି ଜନଗଣନା ଆରମ୍ଭ କରିବାକୁ ଦାବି ଦିଆଯାଇଛି । ରାଜ୍ୟରେ ପଛୁଆବର୍ଗଙ୍କ ସଂଖ୍ୟା ସଠିକ୍ ଭାବରେ ଆକଳନ କରାଯାଇନଥିବା ଯୋଗୁଁ କୋର୍ଟ କଚେରୀରେ ପଛୁଆବର୍ଗମାନେ ତାଙ୍କ ଅଧିକାରରୁ ବ୍‌ତ ହେଉଛନ୍ତି । ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ପଛୁଆବର୍ଗର ହକ୍ ୨୭ଭାଗ ସ୍ଥାନ ସଂରକ୍ଷଣ ସେମାନେ ପାଇପାରିଲେ ନାହିଁ । ଆସନ୍ତା ଜୁଲାଇ ମାସରେ କଲେଜ ଓ ବିଶ୍ୱବିଦ୍ୟାଳୟରେ ନାମଲେଖା ଋତୁ ଆରମ୍ଭ ହେବ, କିନ୍ତୁ ନାମଲେଖାରେ ମଧ୍ୟ ଏହି ବର୍ଗର ପିଲାମାନେ ବଂଚିତ ହେବାକୁ ଯାଉଛନ୍ତି । ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଏହି ବର୍ଗ ମାତ୍ର ୧୧.୨୫ ଶତାଂଶ ସଂରକ୍ଷଣ ପାଉଛି । ତେଣୁ ଜାତିଗତ ଜନଗଣନା ଆରମ୍ଭ କରି ରାଜ୍ୟର ୫୪ଭାଗ ପଛୁଆବର୍ଗଙ୍କୁ ୨୭ ଭାଗ ସ୍ଥାନ ସଂରକ୍ଷଣ ଦେବାପାଇଁ ସମାଜବାଦୀ ପାର୍ଟି ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କ ପାଖରେ ଦାବି କରାଯାଇଅଛି । ତୁରନ୍ତ ରାଜ୍ୟ ପଛୁଆବର୍ଗ କମିଶନ ଓ ମୁଖ୍ୟ ଶାସନ ସଚିବଙ୍କୁ ଏ ସମ୍ପର୍କରେ ଉଚିତ୍ ପଦକ୍ଷେପ ନେବାକୁ ଏହି ସ୍ମାରକପତ୍ରରେ ଦର୍ଶାଯାଇଛି । ରାଜ୍ୟପାଳ ଏହି ସ୍ମାରକପତ୍ରଟିକୁ ଗ୍ରହଣ କରି ଏହା ସଂଖ୍ୟାଧିକ ଲୋକଙ୍କ ସ୍ୱାର୍ଥ ଏକ ସଠିକ୍ ପଦକ୍ଷେପ ବୋଲି ମତ ଦେବା ସହିତ ଆଇନ୍ ଅନୁଯାୟୀ ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ଆବଶ୍ୟକତ ପଦକ୍ଷେପ ନେବେ ବୋଲି ପ୍ରତିନିଧି ଦଳଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

## ଜୱାଦ କ୍ଷତିପୂରଣ ଦାବିରେ ତହସିଲ ଘେରିଲେ ନିବନିର୍ମାଣ କୃଷକ ସଙ୍ଗଠନ

ଭଦ୍ରକ, ୦୩/୦୬ (ନି.ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ତହସିଲ ପକ୍ଷରୁ 'ଜୱାଦ' ବାତ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ରାଶି ପ୍ରଦାନ ଦାବିରେ ଆଜି ତହସିଲ ସମ୍ମୁଖରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ତହସିଲ ଘେରାଉ କରାଯାଇଥିଲା। ରାଜ୍ୟରେ ଅମଲାତାନ୍ତ୍ରୀକ ସ୍ୱେଚ୍ଛାଚାରିତା ପାଇଁ ଚାଷୀମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। କେନାଲରେ ପାଣି ଆସୁନାହିଁ। ଚାଷ ପାଇଁ ବିହନ ମିଳୁନାହିଁ। ଏହାର ପ୍ରତିବାଦରେ ନିବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଆଜି ତହସିଲ ଘେରାଉ କରାଯାଇଥିଲା। ସଙ୍ଗଠନର ବ୍ଲକ ସଂଯୋଜକ ବିବେକାନନ୍ଦ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଘେରାଉ କାର୍ଯ୍ୟକ୍ରମରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କୃଷକମାନଙ୍କୁ ହଇରାଣୀ ହରକତ ନକରିବାକୁ ପ୍ରଶାସନକୁ ଚେତାବନୀ ଦେଇଥିଲେ। ଏଥିର ବ୍ଲକ ସହ ସଂଯୋଜକ ଉମାକାନ୍ତ ଭାରତୀ, ରବିନ୍ଦ୍ର ପଣ୍ଡା, ସନ୍ତୋଷ ଭାରତୀ, ଗୌରହରୀ ନାୟକ, ଦେବେନ୍ଦ୍ର ବାରିକ, ବିଷ୍ଣୁମୋହନ ପଣ୍ଡା, ଉମେଶ ପାତ୍ର, ନିରାକାର ରାଉତ, ଦାଶରଥି ପାତ୍ର, ଜାହିର ଖାନ, ସାବିର ଖାନ ପ୍ରମୁଖ ଘେରାଉରେ ଅଂଶଗ୍ରହଣ କରିଥିଲେ। ତହସିଲଦାର ସରୋଜକାନ୍ତ ନାୟକ ତୁରନ୍ତ ଜୱାଦ କ୍ଷତିପୂରଣ ଅର୍ଥ ଚାଷୀଙ୍କ ଜମାଖାତାକୁ ପଠାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା।

# ଶିଶୁ ଶ୍ରମିକ ନିରାକରଣ ନେଇ ସଚେତନତା ଶୋଭାଯାତ୍ରା

ଜୟପୁର, ୦୩/୦୬ (ନି.ପ୍ର): ଶିଶୁ ଶ୍ରମିକ ନିରାକରଣ ନେଇ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଛି । ଜୟପୁର ସ୍ଥିତ ଜିଲା ଶ୍ରମ ଅଧିକାରି ପ୍ରସନ୍ନ ପାଣିଗ୍ରାହୀଙ୍କ ଆହ୍ୱାନ କ୍ରମେ ଏହି ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଟ୍ରାଫିକ ଛକ ନିକଟରୁ ଏହି ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ରଜାନହର ଠାରେ ପହଂଚି ଥିଲା । ଆସନ୍ତା ୧୨ ତାରିଖରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଅବସରରେ ଏହି ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ୧୪ ବର୍ଷରୁ କମ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ, ୧୫ରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଙ୍କୁଳ କାମରେ ନିୟୋଜନକୁ ବାରଣ କରିବା, ଏପରି କାମ କରାଉଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ଯାଏ଼ ଜୋରିମାନା ଦେବାକୁ ପଡିବ, କେବଳ ଜୋରିମାନା ନୁହେଁ ବରଂ ଶିଶୁ ଓ କିଶୋରଙ୍କୁ କୌଣସି କାର୍ଯ୍ୟରେ ନିୟୋଜନ କରୁଥିଲେ ୨ ବର୍ଷ ଯାଏ କାରାଦଣ୍ଡରେ ଦଣ୍ଡିତ କରିବାର ବ୍ୟବସ୍ଥା ମଧ ରହିଛି । ଏପରି ଭୁଲ ଦ୍ୱିତୀୟ ଥର ହେଲେ ୩ ବର୍ଷ ଯାଏ କାରାଦଣ୍ଡ ମଧ ହୋଇପାରିବ ଆଦି ଲୋକଙ୍କୁ ସଚେତନ କରାଯାଇଛି । ଶିଶୁ ଶ୍ରମ ମୁକ୍ତ ଓଡିଶା ଗଠନ କରିବାକୁ ସଙ୍କଳ୍ପ କରାଯାଇଛି । ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଅବସରରେ୧୦ ତାରିଖରେ ଜିଲା ସ୍ତରିୟ ସଚେତନତା ବୈଠକ ହେବା ନେଇ ସ୍ଥିର ହୋଇଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହ ଶ୍ରମ ଅଧକାରି ପଦ୍ମ ଚରଣ ପଣ୍ଡା, ଚୈତନ୍ୟ ପ୍ରସାଦ ମାଝି, ପ୍ରୋଗ୍ରାମ ମ୍ୟାନେଜର ବିନାୟକ ସାନ୍ତା, ଲେବର ଇନ୍ସପେକ୍ଟର ପୁର୍ଣିମା ଡୁରୁକା ସିଡବ୍ଲୁସି, ଚାଇଲ୍ଡ ଲାଇନ, ପୋଲିସ, ସ୍ୱେଚ୍ଛାସେବି ଅନୁଷ୍ଠାନ ସିଖ୍ୟା, ସାହାଯ୍ୟର ସଦସ୍ୟ ମାନେ ଉପସ୍ଥିତ ରହି ସଚେତନତା ପ୍ଲା କାର୍ଡ ଧରି ଲୋକଙ୍କୁ ସଚେତନ କରିଥିଲେ ।

# ଧାମନଗର ବଜାରରେ କୋଟପା ଚଢ଼ଉ




ଭଦ୍ରକ,୦୩/୦୬ (ନି.ପ୍ର): ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମ ଅନୁଯାୟୀ କୋଟ୍‌ପା ଆଇନର କାର୍ଯ୍ୟାନ୍ୱୟନ ନେଇ ଆଜି ଧାମନଗର ବଜାରରେ ଚଢଉ କରାଯାଇଥିଲା । ଗ୍ରୋସେରୀ, ପାନ ଆଦି ଦୋକାନ ମାନଙ୍କରେ ଧରପଗଡ଼ କରାଯାଇ ବିକ୍ରିୟ କରାଯାଉଥିବା ସିଗାରେଟ୍, ଗୁଟ୍‌ଖା ଆଦି ନିଷିଦ୍ଧ ଥିବା ତମାଖୁ ଜାତୀୟ ଦ୍ରବ୍ୟ ଜବତ କରାଯିବା ସହିତ ୧୯ ଜଣ ଆଇନ ଉଲଘଂନକାରୀଙ୍କ ଠାରୁ ୩,୪୦୦ଟଙ୍କା ଜୋରିମାନା ବାବଦ ଆଦାୟ କରାଯାଇଛି । ଜବତ ସମସ୍ତ ଦ୍ରବ୍ୟକୁ ଅଗ୍ନି ସଂଯୋଗ କରି ନଷ୍ଟ କରିଦିଆଯାଇଛି । ଧାମନଗର ପୋଲିସ ସବ ଇନିସ୍‌ପେକ୍ଟର ରାମଦାସ ବେସରା, ଏପିଡ଼େମିଲୋଜିଷ୍ଟ ଡା. କାଶୀନାଥ ପଣ୍ଡା, ଅବକାରୀ ନିରୀକ୍ଷକ ସ୍ୱାତୀ ପଟ୍ଟନାୟକ, ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ଦାସ, ଅଣ ସଂକ୍ରାମକ ରୋଗ ସହକାରୀ ପରିଚ୍ଛଳକ ଦୀପକ କୁମାର ରାଉତ ପ୍ରମୁଖ ଏହି ଧରପଗଡ଼ ସ୍କ୍ୱାଡ୍‌ରେ ସାମିଲ ଥିଲେ ।

## ଜରୁରୀ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ୭ ଟ୍ରେନ୍ ବାତିଲ୍

ଭୁବନେଶ୍ୱର,୦୩/୦୬ (ନି.ପ୍ର): ଟ୍ରେନଗୁଡିକର ଉନ୍ନତ ଗତି ଏବଂ ଉଭୟ ଯାତ୍ରୀ ଏବଂ ଟ୍ରେନର ନିରାପତା ପାଇଁ କେତେକ ରେଳ ସେକ୍ସନ ମଧ୍ୟରେ ଜରୁରୀ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଉଭୟ ପାର୍ଶ୍ୱରୁ ୪ ଏବଂ ୫ ଜୁନ୍‌ରେ ୭ ଟି ଟ୍ରେନ୍ ବାତିଲ୍ କରିବାକୁ ନିଷ୍ପତି ନିଆଯାଇଛି । ଏହି ଟ୍ରେନ୍ ଗୁଡିକ ହେଉଛି- ୧୮୩୦୧/୧୮୩୦୨ ସମ୍ବଲପୁର-ରାୟଗଡା-ସମ୍ବଲପୁର ଇଂଟର ସିଟି ଏକ୍ସପ୍ରେସ , ୧୮୩୦୩/୧୮୩୦୪ ସମ୍ବଲପୁର-ପୁରୀ-ସମ୍ବଲପୁର ଇଣ୍ଟର ସିଟି ଏକ୍ସପ୍ରେସ ,୨୨୮୨୦/ ୨୨୮୧୯ ବିଶାଖାପାଟନମ୍-ଭୁବନେଶ୍ୱର-ବିଶାଖାପାଟନମ୍ ଇଣ୍ଟର ସିଟି ଏକ୍ସପ୍ରେସ ,୧୮୫୩୨/ ୧୮୫୩୧ ବିଶାଖାପାଟନମ୍-ପଲାସା-ବିଶାଖାପାଟନମ୍ ଏକ୍ସପ୍ରେସ୍, ୦୮୫୪୬/୦୮୫୪୫ ବିଶାଖାପାଟନମ୍-କୋରାପୁଟ-ବିଶାଖାପାଟନମ୍ ପାସେଞ୍ଜର ସ୍ପେଶାଲ ,୧୮୪୧୭/୧୮୪୧୮ ପୁରୀ-ଗୁଣୁପୁର-ପୁରୀ ଏକ୍ସପ୍ରେସ ଏବଂ ୦୮୪୨୮/୦୮୪୨୭ ପୁରୀ-ଅନୁଗୁଳ-ପୁରୀ ପାସେଞ୍ଜର ସ୍ପେଶାଲ । ଏହା ବ୍ୟତୀତ ଯାତ୍ରୀମାନଙ୍କ ସୁବିଧା ପାଇଁ, ପୂର୍ବ ତଟ ରେଳପଥ ପକ୍ଷରୁ ପୂର୍ବରୁ ଘୋଷଣା କରାଯାଇଥିବା ୩ ଏବଂ ୪ ଜୁନ୍‌ରେ ଟ୍ରେନଗୁଡିକର ସାମୟିକ ବାତିଲ ଓ ଆଂଶିକ ବାତିଲ ଟ୍ରେନ ଗୁଡିକର ସ୍ୱାଭାବିକ ଚଳାଚଳ ପାଇଁ ନିଷ୍ପତି ନିଆଯାଇଛି । ଏହି ଟ୍ରେନ୍ ଗୁଡିକ ହେଲା ୦୮୨୬୩/ ୦୮୨୬୪ ଟିଟିଲାଗଡ଼-ବିଳାସପୁର-ଟିଟିଲାଗଡ଼ ପାସେଞ୍ଜର ସ୍ପେଶାଲ,୧୨୮୯୩/୧୨୮୯୪ ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ସୁପର ଫାଷ୍ଟ ଇଂଟର ସିଟି ଏକ୍ସପ୍ରେସ ଓ୧୮୦୦୫/ ୧୮୦୦୬ ହାଓଡ଼ା-ଜଗଦଲପୁର-ହାଓଡ଼ା ସମଲେଶ୍ୱରୀ ଏକ୍ସପ୍ରେସ ।

# ଶୁଭଶ୍ରୀ ମୁଖାର୍ଜୀ ଓଡିଶା ସଂଗୀତ ନାଟକ ଏକାଡେମୀର ସଦଶ୍ୟା ମନୋନୀତ



ବାରିପଦା, ୦୩/୦୬ (ନି.ପ୍ର): ଓଡିଶା ସଂଗୀତ ନାଟକ ଏକାଡେମୀର ସାଧାରଣ ପରିଷଦ ସଦଶ୍ୟା ଭାବରେ ଛଉନୃତ୍ୟଶିଳ୍ପୀ ତଥା ସଂଗଠିକା ଶୁଭଶ୍ରୀ ମୁଖାର୍ଜୀଙ୍କୁ ରାଜ୍ୟ ସରକାର ମନୋନୀତ କରିଥିବାର ଜଣା ଯାଇଛି । ଏନେଇ ଓଡିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଶ୍ରୀ ରଂଜନ କୁମାର ଦାସ ରାଜ୍ୟପାଳଙ୍କ ଆଦେଶ କ୍ରମେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଶ୍ରୀମତୀ ମୁଖାର୍ଜୀ ଆଗାମୀ ୩ବର୍ଷ ପାଇଁ ଏକାଡେମୀର ସଦଶ୍ୟା ଭାବରେ କାମ କରିବେ ବୋଲି ଜଣା ଯାଇଛି । ତେବେ ପୂର୍ବରୁ ଛଉନାଚରେ ମହିଳା କଳାକାର ଖୁବ କମ ଅଂଶଗ୍ରହଣ କରୁଥିଲେ । ତେଣୁ ଅଧିକାଂଶ କ୍ଷେତ୍ରରେ ପୁରୁଷ କଳାକାର ମାନେ ମହିଳା ବେଶରେ ନୃତ୍ୟପରିବେଷଣ କରୁଥିଲେ । ଶ୍ରୀମତୀ ମୁଖାର୍ଜୀ ୧୯୯୪ ମସିହାରେ ଛଉ ଅଖଡାରେ ବିଧିବଦ୍ଧ ତାଲିମ ନେଇ ଚୈତ୍ରପର୍ବରେ ଛଉନୃତ୍ୟ ପରିବେଷଣ କରିଥିଲେ । ପରେପରେ ବହୁ ମହିଳା କଳାକାର ଛଉନୃତ୍ୟପ୍ରତି ଆକୃଷ୍ଟ ହୋଇଥିଲେ । ସେହିପରି ୨୦୧୬ ମସିହାଠାରୁ ଛଉନୃତ୍ୟର ସଂରକ୍ଷଣ ଓ ବିକାଶ ପାଇଁ ମୟୂରଭଂଜ ଜିଲ୍ଲା ପ୍ରସାଶନ ପକ୍ଷରୁ କାର୍ଯ୍ୟକାରୀ ହୋଇଆସୁଥିବା ପ୍ରଜେକ୍ଟ ଛାଉଣିରେ ସେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଭାବରେ ଦାୟୀତ୍ୱ ତୁଲାଇ ଆସୁଛନ୍ତି । ତେବେ ଶ୍ରୀମତୀ ମୁଖାର୍ଜୀ ଓଡିଶା ସଂଗୀତ ନାଟକ ଏକାଡେମୀର ସଦଶ୍ୟା ମନୋନୀତ ହେବା ପରେ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ରଣଜିତରେ ଗୋଟିଏ ରାତ୍ରରେ ୩ ଘରୁ ଚୋରି : ପୁଲିସ ଉପରେ ଲୋକେ ଖପ୍ପା

ଭଦ୍ରକ, ୦୩/୦୬ (ନି.ପ୍ର): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ରଜଣିତ ଗ୍ରାମର ୩ ଘରୁ ଗତକାଲି ରାତ୍ରରେ ଚୋରମାନେ କଳାକନା ବୁଲାଇଛନ୍ତି। ଗ୍ରାମର ଗଙ୍ଗାଧର ପଣ୍ଡାଙ୍କ ଘରଲୋକେ ରାତ୍ରରେ ଶୋଇଥିବା ବେଳେ ଚୋରମାନେ ମୁଖ୍ୟ ଦରଜାକୁ ବାହାର ପଟୁ ବନ୍ଦ କରି ଅନ୍ୟ ଦରଜା ତାଡି ଭିତରେ ପଶିଥିଲେ। ଘର ଭିତରେ ଥିବା ଆଲମିରାକୁ ଭାଙ୍ଗି ୩ଟି ସୁନାହାର, ଲକେଟ, କାନଫୁଲ, ଶାଙ୍ଖ ମଙ୍ଗଳସୂତ୍ର, ନଦଗ ୧୯ହଜାର ଟଙ୍କା ଚୋରି କରି ନେଇ ଯାଇଥିଲେ। ସକାଳୁ ଉଠି ଏସବୁ ଘଟଣା ଦେଖି ତାଜୁବ ହେବା ସହ ଥାନାରେ ପତ୍ନୀ ଗୌରୀ ପଣ୍ଡା ଅଭିଯୋଗ କରିଥିଲେ। ପୁଲିସ ବୈଜ୍ଞାନିକ ଅନୁସନ୍ଧାନକାରୀ ଦଳ ଘଟଣାସ୍ଥଳକୁ ଆସି ଅନୁଧ୍ୟାନ କରିଛନ୍ତି। ମାତ୍ର ରିପୋର୍ଟ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଥାନାରେ ମାମଲା ରଜୁ ହୋଇନଥିବା ଜଣାଯାଇଛି। ଗତ ମାସ ପରିବାରର ନାବାଳିକା ଅପହରଣ ହେବା ଘଟଣା ପରେ ଏହି ଦ୍ୱିତୀୟ ଘଟଣା ଗରୁତର ଆଘାତ ପହଞ୍ଚାଇଛି। ସେହିପରି ଗ୍ରାମର ମଇନ ଦାସଙ୍କ ପତ୍ନୀ ମଲ୍ଲି ଗତ ରାତ୍ରରେ ଅନୁରୂପ ଭାବେ ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଛନ୍ତି। ଗ୍ରାମର ଅନ୍ୟ ଏକ ଘରୁ ଚୋରି ଉଦ୍ୟମ ହେଉଥିବା ବେଳେ ଲୋକେ ଉଠିପଡିବାରୁ ଚୋରମାନେ ପଳାଇଯାଇଥିଲେ। ପୁଲିସ ଘଟଣାକୁ ହାଲୁକା ଭାବେ ନେଇ ସମୁଦାୟ ଘଟଣାରେ ଗୋଟିଏ ମାମଲା ରଜୁ କରିବାକୁ ମତ ଦେଇଥିବାରୁ ସଂପୃକ୍ତ ଗ୍ରାମବାସୀମାନେ ପୁଲିସ ଉପରେ ଖପ୍ପା ହୋଇପଡିଛନ୍ତି। ପୁଲିସ ପୂର୍ବ ଘଟଣାରେ ଅଭିଯୁକ୍ତଙ୍କୁ ଖୋଜିବାକୁ କହି ଦାଇତ୍ୱ ଖସାଇ ଦେଇଥିବା ବେଳେ ଚୋରି ଘଟଣାକୁ ଚାପି ଦେବାକୁ କଳାକୌଶଳ ପ୍ରୟୋଗ କରୁଥିବା ଅଭିଯୋଗ କରି ଗ୍ରାମବାସୀ ପୁଲିସକୁ କଡା ସମାଲୋଚନା କରିଛନ୍ତି। ଥାନାରୁ ନ୍ୟାୟ ମିଳିଲେ ଗ୍ରାମବାସୀମାନେ ନିଜଆଡୁ ଉଦ୍ୟମ କରିବେ ବୋଲି ପୁଲିସକୁ ଚେତାବନୀ ଦେଇଛନ୍ତି।

# ଓଡ଼ିଶାର ଗ୍ରାମ୍ୟ ପର୍ଯ୍ୟଟନର ନୂଆ କେନ୍ଦ୍ର ହେବ ବୀରଗୋବିନ୍ଦପୁର : ଧର୍ମେନ୍ଦ୍ର ପ୍ରଧାନ



ବୀରଗୋବିନ୍ଦପୁର/ପୁରୀ/ଭୁବନେଶ୍ୱର,୦୩/୦୬ (ନି.ପ୍ର): ଓଡ଼ିଶାର ଗ୍ରାମ୍ୟ ଜୀବନରେ ବୀରଗୋବିନ୍ଦପୁର ଗ୍ରାମକୁ ଗୋଟିଏ ପର୍ଯ୍ୟଟନ କେନ୍ଦ୍ର ତଥା ସୁସଜ୍ଜିତ, ସମୃଦ୍ଧ ଓ ସଂସ୍କୃତି ସମ୍ପନ୍ନ ଅଂଚଳ କରାଯିବ । ଏଥିପାଇଁ ଆମେ ସମସ୍ତେ ସାମୂହିକ ଦାୟିତ୍ୱ ନେବା ଉଚିତ୍ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପୁରୀ ଜିଲ୍ଲା ସାକ୍ଷୀଗୋପାଳ ବୀରଗୋବିନ୍ଦପୁର ଗ୍ରାମ ତଥା ମା' ଦକ୍ଷୀଣାକାଳୀଙ୍କ ପୀଠ ପରିସରରେ ଇଣ୍ଡିଆନ ଅଏଲର ସାମାଜିକ ଦାୟିତ୍ୱବୋଧ(ସିଏସଆର) ଅନ୍ତର୍ଗତ ବିଭିନ୍ନ ସୌନ୍ଦର୍ଯ୍ୟକରଣ କାମର ଭିତିପ୍ରସ୍ତର ସ୍ଥାପନ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି। ସେ କହିଛନ୍ତି ଯେ ବୀରଗୋବିନ୍ଦପୁର ମୋ ପାଇଁ ଅତ୍ୟନ୍ତ ଶ୍ରଦ୍ଧାର କେନ୍ଦ୍ର। ଏହି ଗ୍ରାମ ସହ ମୋର ପ୍ରାୟ ୩୦ ବର୍ଷରୁ ଅଧିକ ସମ୍ପର୍କ। ମୋର ପିଲାବେଳର ବନ୍ଧୁଙ୍କ ଆମନ୍ତ୍ରଣରେ ମୁଁ ଏଠାକୁ କାଳିପୂଜା ଦେଖିବାକୁ ଆସିଥିଲି। ସେ ସମୟରେ ମଧ ଗ୍ରାମବାସୀଙ୍କର ମା' ଦକ୍ଷୀଣାକାଳୀଙ୍କ ଥିବା ଶ୍ରଦ୍ଧାକୁ ମୁଁ ମର୍ମେ ଅନୁଭବ କରିପାରିଥିଲି। ଏହି ଅଂଚଳର ସୌନ୍ଦର୍ଯ୍ୟକରଣକୁ ବଢ଼ାଇବା ପାଇଁ ଇଣ୍ଡିଆନ ଅଏଲ ପକ୍ଷରୁ ଏଠାରେ କମ୍ୟୁନିଟି ହଲ, ଯୋଗ ସେଂଟର, ଶିଶୁ ଉଦ୍ୟାନ ନିର୍ମାଣ କରାଯିବ। ୫୦ଟି ସୋଲାର୍ ଲାଇଟ୍ ଦ୍ୱାରା ଆଲୋକୀକରଣରର ବ୍ୟବସ୍ଥା କରାଯିବ। ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯିବ । ଅତ୍ୟାଧନିକ ଶୌଚାଳୟ ନିର୍ମାଣ ସହ ଦୁଇଟି ପୋଖରୀର ସୌନ୍ଦର୍ଯ୍ୟକରଣ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଶାସନର ୮ ବର୍ଷ ପୂର୍ତି ଉପଲକ୍ଷେ ବୀରଗୋବିନ୍ଦପୁର ଗ୍ରାମରେ ଏହି ସୁବିଧା ହେବା ଦ୍ୱାରା କେବଳ ଗ୍ରାମବାସୀ ନୁହେଁ ବରଂ ବିଶେଷ ଭାବରେ କାଳୀପୂଜା ସମୟରେ ମା'ଦକ୍ଷୀଣାକାଳୀଙ୍କ ଦର୍ଶନ ପାଇଁ ଏଠାକୁ ଆସୁଥିବା ଆସୁଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ଉପକୃତ ହେବେ। ଏହି କାର୍ଯ୍ୟ ମା' ଦକ୍ଷୀଣାକାଳୀଙ୍କ ପୀଠ ଶୋଭାବର୍ଦ୍ଧନକୁ ବଢ଼ାଇବ। ପ୍ରଧାନମନ୍ତ୍ରୀ ଡ଼ିଜିଟାଲ ଇଣ୍ଡିଆକୁ ପ୍ରୋତ୍ସାହନ ଦେଉଥିବା ବେଳେ ବୀରଗୋବିନ୍ଦପୁର ଗ୍ରାମରେ ବିଶେଷ ଭାବରେ ଗ୍ରାମାଂଚଳର ମା' ଓ ଭଉଣୀଙ୍କୁ କମ୍ପ୍ୟୁଟର ପ୍ରଶିକ୍ଷଣ ଦେବା ପାଇଁ କମ୍ପ୍ୟୁଟର ଲ୍ୟାବ୍ ଥିବା ଏକ ଆଧୁନିକ ପାଠାଗାର ସ୍ଥାପନ କରିବା ପାଇଁ ଇଣ୍ଡିଆନ ଅଏଲକୁ ଶ୍ରୀ ପ୍ରଧାନ ପ୍ରସ୍ତାବ ଦେଇଥିଲେ। ସେହିପରି ନିର୍ମାଣ ହେବାକୁ ଥିବା କମ୍ୟୁନିଟି ହଲରେ ସଂନ୍ଧ୍ୟା ସମୟରେ ଭାଗବତ ପଢ଼ା ସହ ବିଭିନ୍ନ ଧାର୍ମିକ କାର୍ଯ୍ୟ କରିବା ଉପରେ ଶ୍ରୀ ପ୍ରଧାନ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। ଶ୍ରୀ ପ୍ରଧାନ କହିଛନ୍ତି ବର୍ତମାନ ସମୟରେ ଗରିବ କଲ୍ୟାଣ, ସେବା ଓ ସମନ୍ୱୟର କଳ୍ପନା କରାଯାଉଛି। ଏହି ଏକବିଂଶ ଶତାବ୍ଦୀରେ ଓଡ଼ିଶାର ଯୁବପିଢିଙ୍କ ମଧ୍ୟରେ ବିଶ୍ୱ କଲ୍ୟାଣର ଭାବନାକୁ ଉଜାଗର କରିବା ଦରକାର। ସୂଚନାଯୋଗ୍ୟ ଯେ, ଏହି ଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମା' ଦକ୍ଷୀଣାକାଳୀଙ୍କ ପୀଠକୁ ଯାଇ ମାଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ ।

# ଶିଶୁ ଶ୍ରମ ନିରାକରଣ ସଚେତନା ଶୋଭାଯାତ୍ରା




ବାଲେଶ୍ୱର,୦୩/୦୬ (ନି.ପ୍ର): ଶିଶୁ ଶ୍ରମ ନିରାକରଣ ପାଇଁ ବାଲେଶ୍ୱର ସହରରେ ଏକ ସଚେତନତା ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସକାଳ ପ୍ରାୟ ୮ଟା ବେଳେ ସ୍ଥାନୀୟ ଖଣ୍ଡ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଜିଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଉପସ୍ଥିତିରେ ଏହା ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟ କ୍ଷେତ୍ରରେ ଶିଶୁ ଶ୍ରମିକ ନିୟୋଜନ ଏକ ଧର୍ତବ୍ୟ ଅପରାଧ ହୋଇଥିବା ବେଳେ ଏଥି ପାଇଁ ଆଇନରେ ରହିଥିବା ଦଣ୍ଡ ବ୍ୟବସ୍ଥା ଏବଂ ଶିଶୁମାନଙ୍କ ଶିକ୍ଷା ଓ ଅନ୍ୟ ଅଧିକାର ସମ୍ପର୍କରେ ସହରବାସୀଙ୍କୁ ଏହି ରାଲି ମାଧ୍ୟମରେ ସଚେତନ କରାଯାଇଥିଲା। ଓଡିଶା ସରକାରଙ୍କ ଶ୍ରମ ଓ ରାଜ୍ୟ କର୍ମଚାରୀ ବିଭାଗ, ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ରାଲିରେ ନେହେରୁ ଯୁବ କେନ୍ଦ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନ "ମୁଁ ତୁମର ସାଥୀ"ର ସଦସ୍ୟ-ସଦସ୍ୟାଙ୍କ ସମେତ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ, ଶ୍ରମିକ ସଙ୍ଗଠନ ଓ ସରକାରୀ କାର୍ଯ୍ୟାଳୟର କର୍ମକର୍ତାମାନେ ଅଂଶଗ୍ରହଣ କରିଥିଲେ। ସହର ପରିକ୍ରମା ସମୟରେ ସେମାନେ ବିଭିନ୍ନ ସ୍ଲୋଗାନ ଓ ପ୍ଲାକାର୍ଡ ମାଧ୍ୟମରେ ଶିଶୁ ଶ୍ରମ ନିରାକରଣ ସମ୍ପର୍କିତ ସଚେତନତା ବାର୍ତା ପ୍ରଚାର କରିଥିଲେ। ଏହି ଅବସରରେ ଖଣ୍ଡ ଶ୍ରମ ଆୟୁକ୍ତ ଅଜୟ କୁମାର ପ୍ରଧାନ, ଜିଲା ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀ, ସହକାରୀ ଶ୍ରମ ଅଧିକାରୀ ସଞ୍ଜୟ କୁମାର ପ୍ରଧାନ, ବିଏଡିସି ରାଜ୍ୟ ଆବାହକ ଗୋପାଳ କୃଷ୍ଣ କର, ଏଆଇଟିୟୁସି ରାଜ୍ୟ ଉପ-ସଭାପତି ଗୌରାଙ୍ଗ ପାଣିଗ୍ରାହୀ, ଜିଲା ଶିଶୁ ମଙ୍ଗଳ କମିଟିର ସଦସ୍ୟମାନଙ୍କ ସମେତ ଅନ୍ୟାନ୍ୟ ଅନୁଷ୍ଠାନ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ୫ରେ 'ମିଳିତ ନିଶା ନିବାରଣ ଅଭିଯାନ'ସମ୍ମିଳନୀ

ବାଲେଶ୍ୱର,୦୩/୦୬ (ନି.ପ୍ର): 'ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ' (ମୋନା) ସହ ଅନୁବନ୍ଧିତ 'ମିଳିତ ନିଶା ନିବାରଣ ଅଭିଯାନ, ବାଲେଶ୍ୱର' ଶାଖାର ଷଷ୍ଠ ବାର୍ଷିକ ସମ୍ମିଳନୀ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଆସନ୍ତା ୫ ତାରିଖ ରବିବାର ୧୦ଟା ବେଳେ ଜିଲାପାଳଙ୍କ ସମ୍ମିଳନୀ କକ୍ଷ 'ସଦ୍‌ଭାବନା ଗୃହ'ରେ ଆୟୋଜନ ପାଇଁ ଅନୁଷ୍ଠିତ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ଏହି ସମ୍ମିଳନୀରେ ରାଜ୍ୟ ଓ ଜିଲାର ସମସ୍ତ ବ୍ଲକରୁ ପ୍ରତିନିଧି ଯୋଗ ଦେବା ସାଙ୍ଗକୁ ସଂଗଠନର ମୁଖପତ୍ର ଉନ୍ମୋଚନ କରାଯିବ । ସମ୍ମିଳନୀରେ ଅନୁଷ୍ଠାନର ଆଜୀବନ ସଦସ୍ୟ/ସଦସ୍ୟା, ନିଶା ବିରୋଧରେ ଲଢୁଥିବା ମହିଳା ସଂଗଠନ, ସାମାଜିକ ସଂଗଠନ ଓ ବ୍ୟକ୍ତି ବିଶେଷମାନେ ଯୋଗଦେବା ସହ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅଭିଯାନର ସାଧାରଣ ସମ୍ପାଦିକା ମମତା ମହାପାତ୍ର, ବାର୍ତା ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତାମାନେ ନିବେଦନ କରିଛନ୍ତି।

# ସ୍କୁଲରେ ମଧ୍ୟାହ୍ନ ଭୋଜନ ବିଚିତ୍ର ଚିତ୍ର

ନୀଳଗିରି, ୦୩/୦୬ (ନି.ପ୍ର): ଅସୁରକ୍ଷିତ ପରିବେଶରେ ବିଦ୍ୟାଳୟର କମଳମତି ପିଲାମାନେ ଖାଇଲେ ମଧ୍ୟାହ୍ନ ଭୋଜନ। ଏଭଳି ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି ନୀଳଗିରି ବ୍ଲକର ଜଡ଼ିଦା ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ। ଆଜି ବିଦ୍ୟାଳୟର ମଧ୍ୟାହ୍ନଭୋଜନ ବେଳେ ପିଲାଙ୍କ ସହିତ ଛେଳି ବି ଖାଉଥିବାର ଦେଖିବାକୁ ମିଳିଛି । ସବୁଠାରୁ ବଡ଼ କଥା ବିଦ୍ୟାଳୟରେ ଶିକ୍ଷକ ସେହି ସମୟରେ ଉପସ୍ଥିତ ଥିବାର ମଧ ଚିତ୍ର ଆସିଛି । ଅନ୍ୟପଟେ କିଛି ପିଲାମାନେ ଗଛ ମୂଳେ ଖାଉଥିବାର ଦୃଶ୍ୟ ମଧ ସାମ୍ନାକୁ ଆସିଛି । ତେବେ ଏଭଳି ଚିତ୍ରକୁ ନେଇ ଅଭିଭାବକ ମହଲରେ ପିଲାଙ୍କ ଖାଦ୍ୟର ମାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି । ସୂଚନାଥାଉକି କିଛିଦିନ ପୂର୍ବରୁ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀ ଅଚାନକ ଏହି ବିଦ୍ୟାଳୟକୁ ପରିଦର୍ଶନ କରି ତୃଟି ଦେଖିଥିଲେ।

# ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବକ୍ତୃତା ପ୍ରତିଯୋଗିତା



ବାରିପଦା, ୦୩/୦୬ (ନି.ପ୍ର): ଜିଲ୍ଲା ସ୍ତରୀୟ ବିଶ୍ୱ ତମ୍ବାଖୁ ବର୍ଜ୍ୟନ ଦିବସ ଉପଲେକ୍ଷ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଚାରୁବାଳା ରଥଙ୍କ ତତ୍ୱାବଧାନରେ ଏଡିଏମଓ ମେଡିକାଲ ଡା. ନିହାର ରଂଜନ ଦାସ, ଡା. ସାନ୍ତୁନୁ ଦାସ , ଡା. ଘାସିରାମ ମୁର୍ମୁ , ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପରିଚାଳକ ପ୍ରୟନ୍ତ ପତୀ , ଡିଏମଆରସିଏଚ ନିହାର ରଂଜନ ପୃଷ୍ଟି, କହ୍ନେଇ ନାୟକ, ଡିପିଓ ଏନଏସଏସ ଡା. ସ୍ମୃତିରଂଜନ ଦାସ, ଏଏନଏମଟିସି ପ୍ରିନ୍ସିପାଲ ଭାରତୀ ଆରୁପ ପ୍ରମୁଖ ମଂଚାସୀନ ରହି ତମ୍ବାଖୁ ସେବନର ଅପକାରିତା ସମ୍ପର୍କରେ ସଚେତନ କରାଇବା ସହିତ କୃତି ପ୍ରତିଯୋଗିତା ମାନଙ୍କୁ ପୁରସ୍କୃତ କରାଇଥିଲେ । ଡା. ବିରୁଦତ ଦାସ, ଶ୍ରୀ ନିହାର ରଂଜନ ପୃଷ୍ଟି ଓ ଶ୍ରୀ କହ୍ନେଇ ଚରଣ ନାୟକ କର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମୁଖ୍ୟ ଚିକିତ୍ସାଳୟ ଡାକ୍ତର ଏବେ ଘରୋଇ ନର୍ସିଂହୋମରେ !

## ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଆନ୍ଦୋଳନ ଚେତାବନୀ



ବାଲେଶ୍ୱର,୦୩/୦୬ (ନି.ପ୍ର): ଜିଲା ମୁଖ୍ୟ ଚିକିତ୍ସାଳୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଉଦବେଗ ପ୍ରକାଶ କରିଛି ବାଲେଶ୍ୱର ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି। ଏଠାରେ କାର୍ଯ୍ୟରତ ଡାକ୍ତର, ନର୍ସ ଏମିତିକି କର୍ମଚାରୀଙ୍କଠାରୁ ସମ୍ପ୍ରତି ସେବା ପାଇବା ଦୁରୂହ ବ୍ୟାପାର ହୋଇଥିବା କମିଟିର କର୍ମକର୍ତାମାନେ ଆରୋପ ଉଠାଇଛନ୍ତି। ବିଶେଷକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ନିଯୁକ୍ତ ପାଇଥିବା କେତେକ ବିଶେଷଜ୍ଞ ଡାକ୍ତର ନିଜର କର୍ତବ୍ୟରେ ଅବହେଳା କରି ଘରୋଇ ଚିକିତ୍ସା କରୁଥିବା ନେଇ କ୍ରିୟାନୁଷ୍ଠାନ କମିଟି ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ସହରର ବିଭିନ୍ନ ମେଡିସିନ୍ ଦୋକାନ ଓ ଘରୋଇ ନର୍ସିଂହୋମ୍‌ରେ ଏହି ଡାକ୍ତରମାନେ ନିର୍ଦ୍ଦିଷ୍ଟ ସମୟରେ ଉପସ୍ଥିତ ରହୁଥିବା ବେଳେ ନିଜର ସରକାରୀ କାର୍ଯ୍ୟରେ ଅବହେଳା କରି ଚାଲିଥିବା କମିଟି କର୍ମକର୍ତାମାନେ କହିଛନ୍ତି। ଘରୋଇ ଚିକିତ୍ସାରେ ଥିବା ଏହି ଅଭିଜ୍ଞ ଡାକ୍ତରମାନେ ରୋଗୀମାନଙ୍କଠାରୁ ଚିକିତ୍ସା ଚିଠା ତିଆରି କରିବାରେ ଥରକୁ ୨୦୦ ଟଙ୍କାରୁ ୭୦୦ ଟଙ୍କା ନେଉଛନ୍ତି। ଅନ୍ୟପକ୍ଷରେ ସରକାରୀ ଡାକ୍ତରଖାନାରେ ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା ପାଇଁ ମାଗଣା ସୁଯୋଗ ଥିବାବେଳେ ରୋଗୀମାନଙ୍କୁ ଏହି ଡାକ୍ତରମାନେ ନିର୍ଦ୍ଦିଷ୍ଟ କେତେକ ଘରୋଇ ଲାବକୁ ରୋଗୀମାନଙ୍କୁ ପଠାଉଛନ୍ତି। ଏମିତିକି ମାଇକ ଓ ପ୍ରଚାରପତ୍ର ମାଧମରେ ଏହି ଅର୍ଥନ୍ୱେଷୀ ଡାକ୍ତରଙ୍କର ନାମ ପଦବୀର ବହୁଳ ପ୍ରଚାର କରାଯାଉଛି। ଯଦ୍ୱାରା ସାଧାରଣ ରୋଗୀମାନେ ନିଃଶୁଳ୍କ ସରକାରୀ ସ୍ୱାସ୍ଥ୍ୟ ପରିବର୍ତେ ଘରୋଇ ଡାକ୍ତରଖାନାକୁ ଯାଇ ଶୋଷଣର ଶିକାର ହେଉଛନ୍ତି ବୋଲି କ୍ରିୟାନୁଷ୍ଠାନ କମିଟି ଅଭିଯୋଗ କରିଛି। ଏହି ପରିପ୍ରେକ୍ଷୀରେ କମିଟିର ଏକ ପ୍ରତିନିଧି ଦଳ ବାଲେଶ୍ୱର ସହରରେ ଥିବା ଦୁଇଜଣ ଡ୍ରଗ୍ ଇନ୍‌ସପେକ୍ଟରଙ୍କୁ ଶୁକ୍ରବାର ସାକ୍ଷାତ ସହ ସ୍ମାରକପତ୍ର ପ୍ରଦାନ କରିଛି। ଏହି ଅଭିଯୋଗ ଉପରେ ମେଡିକାଲ୍ କଲେଜ୍ ସୁପରିଟେଣ୍ଡେଣ୍ଟଙ୍କୁ ମଧ ଅବଗତ କରାଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାର ରୋଗୀମାନଙ୍କ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇଁ ବ୍ୟାପକ ନିଶୁଳ୍କ ବ୍ୟବସ୍ଥା କରିଥିବା ବେଳେ ଏବେ ତାହା ବାଟବଣା ହେବାରେ ଲାଗିଛି। ଫଳରେ କୋଟି କୋଟି ଟଙ୍କାର ସ୍ୱାସ୍ଥ୍ୟ ଯୋଜନା ସୁଫଳ ଜନସାଧାରଣଙ୍କ ନିକଟରେ ପହଞ୍ଚି ପାରୁନି ବୋଲି କ୍ରିୟାନୁଷ୍ଠାନ କମିଟି ଅଭିଯୋଗ କରିଛି। ଯଦି ଚଳିତ ମାସ ଶେଷ ସୁଦ୍ଧା ଏହି ସମସ୍ୟାର ନିରାକରଣ ଦିଗରେ ଜିଲା ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ଆସନ୍ତା ଜୁଲାଇ ମାସରୁ କ୍ରିୟାନୁଷ୍ଠାନ କମିଟି ଜିଲାବାସୀଙ୍କ ସହଯୋଗରେ ଚରମ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଏହି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ଜିଲା କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ସଭାପତି ତଥା ଆଇନଜୀବୀ ନିରଞ୍ଜନ ପରିଡ଼ାଙ୍କ ନେତୃତ୍ୱରେ ଗୌରାଙ୍ଗ ପାଣିଗ୍ରାହୀ, ପ୍ରଫୁଲ ଦାସ, ମୀନତି ରାୟ ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସୋନିଆଙ୍କ ପରେ ପ୍ରିୟଙ୍କା ବାଡ୍ରା ହେଲେ କରୋନା ସଂକ୍ରମିତ

ନୂଆଦିଲ୍ଲୀ,୦୩/୦୬ (ନି.ପ୍ର): ସୋନିଆ ଗାନ୍ଧୀ ସଂକ୍ରମିତ ହେବା ପରେ ଏବେ କଂଗ୍ରେସ ମହାସଚିବ ପ୍ରିୟଙ୍କା ବାଡ୍ରା ମହାମାରୀ କବ୍‌ଜାରେ ଆସିଛନ୍ତି। ପ୍ରିୟଙ୍କା ଶୁକ୍ରବାର ଦିନ ଟ୍ୱିଟ କରି ଏହାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଗତ ଦିନରେ ତାଙ୍କ ସମ୍ପର୍କରେ ଆସିଥିବା ସମସ୍ତ ଲୋକ ଆବଶ୍ୟକ ସାବଧାନ ହୁଅନ୍ତୁ। ସେ ସ୍ୱୟଂ ସମସ୍ତ କୋଭିଡ ପ୍ରୋଟୋକଲର ପାଳନ କରି ଘରେ ପୃଥକବାସରେ ରହିଛନ୍ତି। ଉଲ୍ଲେଖନୀୟ ଯେ କଂଗ୍ରେସ ଅଧକ୍ଷ ସୋନିଆ ଗାନ୍ଧୀ ଗୁରୁବାର ଦିନ କରୋନା ସଂକ୍ରମିତ ଜଣାପଡ଼ିଥିଲେ। ତାଙ୍କ ସହିତ କଂଗ୍ରେସ ମହାସଚିବ କେ.ସି ବେଣୁଗୋପାଳଙ୍କ ଯାଂଚ ରିପୋର୍ଟ ମଧ କରୋନା ସଂକ୍ରମିତ ହୋଇଥିଲେ। ଗତଦିନ କଂଗ୍ରେସ ଅଧକ୍ଷଙ୍କ ସହିତ ବୈଠକରେ ସାମିଲ ହୋଇଥିଲେ। କିଛି କଂଗ୍ରେସ ନେତା ମଧ କରୋନା ସଂକ୍ରମଣର ଶୀକାର କୁହାଯାଉଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo